POSTAL REGISTRATION NO.- PURI/45/2025-27
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

ତୃତୀୟ ସ୍ୱନକ୍ଷତ୍ର ବିଶେଷାଙ୍କ


3rd ANNIVERSARY CELEBRATIONS

Visit our website: sssoochanaenewspaper.in
/shreeshrikshetrasoochana /ssoochana +91 94370 58632

VOL - 4 ❖ ISSUE - II ❖ FEBRUARY 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ଦ୍ୱିତୀୟ ସଂଖ୍ୟା ❖ ଫେବୃଆରୀ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

**Dr. Hari Babu Kambhampati**
**Governor, Odisha**

RAJ BHAVAN
BHUBANESWAR -751 008



MESSAGE

January 30, 2025

I am glad to know that the 3rd Soochana Conclave 2025 and National Seminar on the theme "One Nation, One Election: Media Perspective" are being organised on the occasion of the 3rd Birth Anniversary of Shree Shrikshetra Soochana newspaper on March 2, 2025.

Over the past three years, the newspaper has carved an identity for itself by empowering communities with timely information, fostering a culture of awareness, and contributing to the democratic process. I wish the newspaper would remain dedicated to the values of responsible journalism.

The media, as the fourth pillar of democracy, plays a pivotal role in facilitating informed discussions and disseminating unbiased information to strengthen democratic processes. The Soochana Conclave exemplifies the power of information in shaping a better future for society. Further, the theme of the National Seminar is both timely and significant. I believe that the seminar would provide valuable insights and contribute to a constructive dialogue on the theme.

I wish the occasion all success.

(Hari Babu Kambhampati)

**MOHAN CHARAN MAJHI**
**CHIEF MINISTER, ODISHA**

**LOKASEVA BHAVAN**
**BHUBANESWAR**



MESSAGE

I am glad to know that Shree Shrikshetra Soochana Newspaper is organizing 3rd Soochana Conclave at Puri and bringing out a newspaper in commemoration.

The relentless efforts media in promoting awareness, highlighting important issues and keeping citizens well informed reflects a deep commitment to the progress of our society. I hope this seminar serve as a meaningful discussion, inspire new ideas and contribute to the development of our society.

I extend my warm greetings to the delegates and wish the Conclave a great success.

(MOHAN CHARAN MAJHI)

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan

शिक्षा मंत्री
भारत सरकार
Minister of Education
Government of India



MESSAGE

I am happy to know that a National Seminar on the theme "One Nation One Election: Media Perspective" is being organised by Shree Shrikshetra Soochana Newspaper, Puri, Odisha on the occasion of its 3rd Birth Anniversary on 2nd March, 2025.

'One Nation One Election' is a subject of both contemporary and ending importance. I am happy that Shree Shrikshetra Soochana Newspaper has made this laudable initiative to disseminate information regarding simultaneous elections to educate the stakeholders and to address the misgivings on this vitally important subject of national importance.

I wish the National Seminar all success.

Dharmendra Pradhan

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ
କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

ଦୂରଭାଷ
ପି.ବି.ଏକ୍ସ ନଂ.:
ମୋବାଇଲ ନଂ:

ପତ୍ର ସଂଖ୍ୟା................../ଉମୁମକୃକୃସଶ
ଭୁବନେଶ୍ୱର
ତାରିଖ. ୦୩/୦୨/୨୦୨୫



## ବାର୍ତ୍ତା

ମାସିକ ଖବରକାଗଜ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ତୃତୀୟ ବାର୍ଷିକୀ ଉତ୍ସବ ୨୦୨୫ ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେଉଥିବା ଏବଂ ଏହି ଅବସରରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ: ଗଣମାଧ୍ୟମର ସମ୍ଭାବନା' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ।

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ଆମର ସମୃଦ୍ଧ ଐତିହ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରି ବେଶ ପାଠକୀୟ ଆଦୃତି ଅର୍ଜନ କରିଛି।

ଆମର ସଂସ୍କୃତି ଓ ପରମ୍ପରା ପ୍ରତି ଜନଜାଗରଣ ସୃଷ୍ଟି ଦିଗରେ ଏହାର ପ୍ରୟାସ ପ୍ରଶଂସନୀୟ। ସମ୍ବାଦପତ୍ର ପ୍ରକାଶନର ବାର୍ଷିକ ଉତ୍ସବ ଅବସରରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ନେଇ ହେବାକୁ ଥିବା ଆଲୋଚନାଟି ନୀତି-ନିର୍ଦ୍ଧାରକ, ଗବେଷକ, ଗଣମାଧ୍ୟମର ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତବିନିମୟ ସାଙ୍ଗକୁ ନାଗରିକମାନଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଦାୟିତ୍ୱବୋଧ ପ୍ରତି ସଚେତନ କରିବା ଦିଗରେ ସହାୟକ ହେବ ବୋଲି ମୋର ଆଶା।

ମୁଁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ସହ ସଂପୃକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମ ଏବଂ ଜାତୀୟ ଆଲୋଚନାଚକ୍ରର ସର୍ବସଫଳତା କାମନା କରୁଛି।

(କନକ ବର୍ଦ୍ଧନ ସିଂହଦେଓ)

## ସମ୍ପାଦକୀୟ

### ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ୩ୟ ସ୍ୱନକ୍ଷତ୍ର ଉତ୍ସବ



ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆଣିବା ପାଇଁ ସେ ସମୟରେ କେତେ'ଯେ ସମ୍ବାଦପତ୍ର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ, ବିଟ୍ରିଶ୍ ଶାସକଙ୍କ ଚାବୁକମାଡ ଖାଇଥିଲେ ତାହା ଏବେ ବି ଏ ଜାତି ସ୍ମରଣ ରଖିଛି।ବିଟ୍ରିଶରାଜ୍ ବିରୁଦ୍ଧରେ ମିଳିତ ସ୍ୱର ଉଠାଇବା ପାଇଁ, ଜନ ଅସନ୍ତୋଷ କୁ ସମଗ୍ର ଭାରତ ର ଜନଗଣଙ୍କ ପାଖରେ ପହଞ୍ଚାଇବାକୁ କେତେ'ଯେ ସମ୍ବାଦପତ୍ର ମାଲିକ ଓ ସାମ୍ବାଦିକ ରାତି ଅଧରେ - ଛଦ୍ମ ବେଶରେ ସାହାସ୍ କରିଥିବେ, ତାହା ଇତିହାସ ରେ ଲିପିବଦ୍ଧ ଅଛି। ତାହାରି ଭିତରେ ସମ୍ବାଦପତ୍ର ପାଇଁ ହୋଇଛି ଅନେକ ଆଇନ। ସମ୍ବିଧାନ ଆମକୁ ସ୍ୱାଧୀନତା ଦେଇଛି।ପ୍ରେସ କାଉନସିଲ ଗଠନ ହୋଇଛି। ସେଇ ମହାମନିଷୀମାନଙ୍କ ଅଦ୍ୟମ ଉଦ୍ୟମ ରେ ଦେଶ ହୋଇଛି ସ୍ୱାଧିନ ଓ ଉତ୍କଳ ହୋଇଯାଇଛି ଓଡ଼ିଶା। ଏହା ଭିତରେ ଆମେ ସ୍ୱାଧିନତା ର ୭୬ ବର୍ଷ ଓ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ପ୍ରତିଷ୍ଠା ର ୮୬ବର୍ଷ ଅତିକ୍ରମ କରିସାରିଛେ।ପାଲା, ଦାସକାଠିଆ, ଘୋଡ଼ା ନାଚ ରୁ ଆରମ୍ଭ ହୋଇଥିବା ଗଣମାଧ୍ୟମ ଓ ଗଣଯୋଗାଯୋଗ ଏବେ ଆକାଶଛୁଆଁ। ଏବେ ଭାରତରେ ୬୭୦୦ରୁ ଉର୍ଦ୍ଧ୍ୱ ସମ୍ବାଦପତ୍ର। ଓଡ଼ିଶାରେ ଶହେରୁ ଉର୍ଦ୍ଧ୍ୱ ସମ୍ବାଦପତ୍ର। ୧୦ରୁ ଉର୍ଦ୍ଧ୍ୱ ଚ୍ୟାନେଲ ଓ ଅନେକ ୟୁଟ୍ୟୁବ ଚ୍ୟାନେଲ। ଅନେକ ସମୟରେ ଆଲୋଚନା ହୁଏ, ଆଜିର ଗଣମାଧ୍ୟମ ଆଉ ଗଣମାଧ୍ୟମ ହୋଇନାହିଁ। ଶହେରୁ ୯୯ଗଣମାଧ୍ୟମ ଏବେ ବିଭିନ୍ନ ରାଜନୈତିକ ଦଳ କବଳରେ, ଯଦ୍ୱାରା ଅନେକ ଘଟଣାର ପ୍ରକୃତ ସତ୍ୟ ଜନଗଣଙ୍କ ପାଖରେ ପହଞ୍ଚିପାରୁନାହିଁ। ଅନେକ ମଧ୍ୟ କୁହନ୍ତି, ଗଣମାଧ୍ୟମ ଯୋଗୁଁ ଆମ ଭାଷା ଅସୁରକ୍ଷିତ ହେବାକୁ ଯାଉଛି। ଅନେକ କହୁଛନ୍ତି ସରକାରଙ୍କ ଯୋଜନା, ଘୋଷଣା କି ଜନଗଣଙ୍କ ସମସ୍ୟା ଖବର ଠାରୁ ହତ୍ୟା - ଧର୍ଷଣ ର ଖବର, ଜନଗଣଙ୍କୁ ଭାରାକ୍ରାନ୍ତ କରୁଛି। ଏସବୁ ଆଲୋଚନା -ସମାଲୋଚନା ଭିତରେ ଓଡ଼ିଶାର ଭଲଖବର ବିଶେଷକରି ପୁରୀ ର ସମସ୍ୟା ଓ ବିକାଶ କଥା,ଜନଗଣ, ପ୍ରଶାସନ ଓ ସରକାରଙ୍କ ଠାରେ ପହଞ୍ଚାଇବାର ସଂକଳ୍ପ ଧରି ଏହି ସମ୍ବାଦପତ୍ର ଆଜିକୁ ଠିକ୍ ଏହି ଦିନରେ ଜନ୍ମ ନେଇଥିଲା ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ମାଟିରେ।ଏଇ ବର୍ଷକ ମଧ୍ୟରେ ଆମେ ସମ୍ବାଦ ର ମାନ ରଖିବା ପାଇଁ ଚେଷ୍ଟା କରିଛୁ। ବିନା ରାଜନୈତିକ ଦଳ ସମର୍ଥନ ରେ ନିରପେକ୍ଷ ରହିବା ପାଇଁ ପ୍ରୟାସ କରିଛୁ। ସଂକଳ୍ପବଦ୍ଧ ହୋଇଛୁଯେ ଆମେ ଅରୁଚିକର ଚିତ୍ର କି ହତ୍ୟା -ଧର୍ଷଣ ଭଳି ସମ୍ବାଦ ପ୍ରକାଶ କରି ପାଠକଙ୍କୁ ଭାରାକ୍ରାନ୍ତ କରିବୁନି। ଆଜିର ସ୍ୱନକ୍ଷତ୍ର ଦିବସରେ ଏହି ସମ୍ବାଦପତ୍ର ର ଜନ୍ମ ଠାରୁ ଏଯାଏଁ ସହଯୋଗ ଦେଇଥିବା ସମସ୍ତ ଅଗ୍ରଜ, ସମ୍ବାଦପତ୍ର କୁ ବଞ୍ଚାଇ ରଖିବାକୁ ସହଯୋଗ ଦେଇଥିବା ସମସ୍ତ ଲେଖକ ଓ ବିଜ୍ଞାପନଦାତା,ଏହାର ପ୍ରଚାର ପ୍ରସାର ରେ ସହଯୋଗ ଦେଇଥିବା ସମସ୍ତ ଗଣମାଧ୍ୟମଙ୍କୁ ଧନ୍ୟବାଦ ଜଣାଉଛି ଓ ଆଶା ରଖୁଛି ଆପଣମାନେ ବିଶେଷକରି ପାଠକମାନେ ଏହି ସମ୍ବାଦପତ୍ର କୁ ଆର୍ଶିବାଦ ଦେବେ। ଆଜି ଏକ ସାହାସିକ ପଦକ୍ଷେପ ନେଇ ହେଉଥିବା,**'ଏକ ରାଷ୍ଟ୍ର, ଏକନିର୍ବାଚନ : ଗଣମାଧ୍ୟମ ଦୃଷ୍ଟିକୋଣ ୨୦୨୫'** ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ଓ ତୃତୀୟ ସ୍ୱନକ୍ଷତ୍ରରେ ଯୋଗଦେଇଥିବା ସମସ୍ତ ଅତିଥିମାନଙ୍କୁ ପ୍ରଣାମ କରୁଛି। ଶ୍ରୀଜଗନ୍ନାଥ ତଥା ଆପଣମାନଙ୍କ ଆର୍ଶିବାଦରେ ଏହି ସମ୍ବାଦପତ୍ର ଆହତ କି ନିହତ ନହୋଇ ଶତାୟୁ ହେଉ, ଏହି ନିବେଦନ ରଖୁଛି।

(ରାଜେଶ କୁମାର ମହାନ୍ତି)

# କୃଷି ଏବଂ ଗ୍ରାମୀଣ ସମୃଦ୍ଧି ଉପରେ ବଜେଟ୍

## ୱେବିନାରକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ବଜେଟ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିଛନ୍ତି । ବଜେଟ୍ ପରବର୍ତ୍ତୀ ୱେବିନାରରେ ଅଂଶଗ୍ରହଣର ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଆଲୋକପାତ କରିଥିଲେ ଯେ ଚଳିତ ବର୍ଷର ବଜେଟ୍ ହେଉଛି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍, ଯାହା ନୀତିର ନିରନ୍ତରତା ଏବଂ ବିକଶିତ ଭାରତ ପାଇଁ ଦୃଷ୍ଟିକୋଣର ନୂତନ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି । ବଜେଟ ପୂର୍ବରୁ ସମସ୍ତ ଅଂଶୀଦାରଙ୍କଠାରୁ ମିଳିଥିବା ମୂଲ୍ୟବାନ ସୂଚନା ଏବଂ ପରାମର୍ଶକୁ ସେ ସ୍ୱୀକାର କରିଥିଲେ, ଯାହା ଅତ୍ୟନ୍ତ ଉପଯୋଗୀ ହୋଇଛି । ଏହି ବଜେଟକୁ ଅଧିକ ପ୍ରଭାବଶାଳୀ କରିବାରେ ଅଂଶୀଦାରଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏକ ବିକଶିତ ଭାରତର ଲକ୍ଷ୍ୟ ଆଡକୁ ଆଗକୁ ବଢ଼ିବା ପାଇଁ ଆମର ସଂକଳ୍ପ ଅତ୍ୟନ୍ତ ସ୍ପଷ୍ଟ ଏବଂ ଆମେ ମିଳିମିଶି ଏକ ଭାରତ ଗଠନ କରୁଛୁ ଯେଉଁଠାରେ କୃଷକମାନେ ସମୃଦ୍ଧ ଏବଂ ସଶକ୍ତ ହେବେ । କୌଣସି ଚାଷୀ ଯେପରି ପଛରେ ନ ପଡ଼ିବେ ଏବଂ ପ୍ରତ୍ୟେକ କୃଷକ ଉନ୍ନତି ହାସଲ କରିବେ ସେଥିପାଇଁ ଆମର ପ୍ରୟାସ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ କୃଷିକୁ ବିକାଶର ପ୍ରଥମ ଇଞ୍ଜିନ୍ ଭାବରେ ବିବେଚନା କରାଯାଏ, ଯାହା କୃଷକମାନଙ୍କୁ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରେ । ସେ କହିଥିଲେ, ଦୁଇଟି ପ୍ରମୁଖ ଲକ୍ଷ୍ୟ ଦିଗରେ ଭାରତ ଏକାଠି କାମ କରୁଛି- କୃଷି କ୍ଷେତ୍ରର ବିକାଶ ଏବଂ ଗାଁର ସମୃଦ୍ଧି ।

ମୋଦୀ ଆଲୋକପାତ କରିଥିଲେ ଯେ, ୬ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ କୃଷକମାନଙ୍କୁ ପ୍ରାୟ ୩.୭୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି ଏବଂ ଏହି ରାଶି ସିଧାସଳଖ ୧୧ କୋଟି କୃଷକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି । ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ ଏହି ଯୋଜନାର ଲାଭ ସାରା ଦେଶର କୃଷକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ କୃଷକ କେନ୍ଦ୍ରୀତ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରାଯାଇଛି, ଯେଉଁଥିରେ ମଧ୍ୟସ୍ଥି କିମ୍ବା ଲିକେଜ୍ ପାଇଁ କୌଣସି ସ୍ଥାନ ନାହିଁ । ବିଶେଷଜ୍ଞ ଓ ଦୂରଦର୍ଶୀଙ୍କ ସହଯୋଗରେ ଏଭଳି ଯୋଜନାର ସଫଳତା ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେମାନଙ୍କ ଅବଦାନକୁ ପ୍ରଶଂସା କରି ସେ କହିଛନ୍ତି ଯେ ସେମାନଙ୍କ ସହାୟତାରେ ଯେକୌଣସି ଯୋଜନାକୁ ପୂର୍ଣ୍ଣ ଶକ୍ତି ଓ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରାଯାଇପାରିବ। ସେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଚଳିତ ବର୍ଷ ବଜେଟରେ କରାଯାଇଥିବା ଘୋଷଣାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କଠାରୁ ନିରନ୍ତର ସହଯୋଗ ଆଶା କରୁଛନ୍ତି ବୋଲି କହିଥିଲେ। ଭାରତର କୃଷି ଉତ୍ପାଦନ ରେକର୍ଡ ସ୍ତରରେ ପହଞ୍ଚିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୦-୧୧ ବର୍ଷ ପୂର୍ବେ କୃଷି ଉତ୍ପାଦନ ପ୍ରାୟ ୨୬୫ ନିୟୁତ ଟନ୍ ଥିଲା, ଯାହା ବର୍ତ୍ତମାନ ୩୩୦ ନିୟୁତ ଟନ୍କୁ ବୃଦ୍ଧି ପାଇଛି । ସେହିପରି ଉଦ୍ୟାନ କୃଷି ଉତ୍ପାଦନ ୩୫୦ ନିୟୁତ ଟନ୍ ଅତିକ୍ରମ କରିଛି। ଏହି ସଫଳତା ପାଇଁ ବିହନଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ସରକାରଙ୍କ ଆଭିମୁଖ୍ୟ, କୃଷି ସଂସ୍କାର, କୃଷକ ସଶକ୍ତୀକରଣ ଏବଂ ଏକ ସୁଦୃଢ଼ ମୂଲ୍ୟ ଶୃଙ୍ଖଳାକୁ ସେ ଶ୍ରେୟ ଦେଇଛନ୍ତି। ଦେଶର କୃଷି ସମ୍ଭାବ୍ୟତାକୁ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରିବା ଏବଂ ଆହୁରି ବଡ଼ ଲକ୍ଷ୍ୟ ହାସଲ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ

ଦୂରଭାଷ
ପି.ବି.ଏକ୍ସ ନଂ.:
ମୋବାଇଲ ନଂ:

ପତ୍ର ସଂଖ୍ୟା ....\......./ଉମୁମମଶିବିମିଶପ
ଭୁବନେଶ୍ୱର
ତାରିଖ...୨୮.୦୨.୨୦୨୫...



## ବାର୍ତ୍ତା

ଖବରକାଗଜ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ତୃତୀୟ ବାର୍ଷିକୀ ଉତ୍ସବ ୨/୩/୨୦୨୫ ରିଖରେ ଅନୁଷ୍ଠିତ ହେଉଥିବା ଏବଂ ଏହି ଅବସରରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ: ଗଣମାଧ୍ୟମର ସମ୍ଭାବନା' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ।

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହିତ ନିରପେକ୍ଷ ସୂଚନା ପ୍ରସାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ସମ୍ବାଦପତ୍ର ପ୍ରକାଶନର ବାର୍ଷିକ ଉତ୍ସବ ଅବସରରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ: ଗଣମାଧ୍ୟମର ସମ୍ଭାବନା' ବିଷୟରେ ହେବାକୁ ଥିବା ଆଲୋଚନାରେ ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ମତବିନିମୟ ହେବ ଏବଂ ଏହା ଭବିଷ୍ୟତରେ ନୀତି ନିର୍ମାଣ ଏବଂ ଲୋକତାନ୍ତ୍ରିକ ପ୍ରକ୍ରିୟାକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିପାରିବ ବୋଲି ମୋର ଆଶା।

ମୁଁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ସହ ସଂପୃକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମ ଏବଂ ଜାତୀୟ ଆଲୋଚନାଚକ୍ରର ସର୍ବସଫଳତା କାମନା କରୁଛି।

(ପ୍ରଭାତୀ ପରିଡା)



ପୁରୀ ଗସ୍ତ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କୁ ଶ୍ରୀମନ୍ଦିର ସମ୍ମୁଖରେ ସମ୍ବର୍ଦ୍ଧିତ କରୁଛନ୍ତି ସାଂସଦ ଡ. ସମ୍ବିତ୍ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ।

# ବ୍ୟକ୍ତି କୈନ୍ଦ୍ରିକ ଭାବେ ଖର୍ଚ୍ଚ ହେଉଥିଲା ପର୍ଯ୍ୟଟନ ଟଙ୍କା: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟରେ ପର୍ଯ୍ୟଟନ ବିକାଶକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବତନ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। କାହାରି ନାମ ନନେଇ ସେ ପୂର୍ବତନ ସରକାରରେ ୫ଟି ଅଧକ୍ଷ ଭିକେ ପାଣ୍ଡିଆନ୍‌ଙ୍କ ବିରୋଧରେ ପ୍ରତକ୍ଷ୍ୟ ଭାବେ ନହେଲେ ବି ପରୋକ୍ଷାରେ ବର୍ଷିଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟରେ ପର୍ଯ୍ୟଟନ ଟଙ୍କା ବ୍ୟକ୍ତି କୈନ୍ଦ୍ରିକ ଭାବେ ଖର୍ଚ୍ଚ ହେଉଥିଲା। ଜଣେ ବ୍ୟକ୍ତିର ପ୍ରଚାର ପ୍ରସାର ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲା। ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବଢାଇବା ପାଇଁ ପର୍ଯ୍ୟଟନର ସମସ୍ତ ପଇସା ବଣ୍ଟା ଯାଉଥିଲା। କିନ୍ତୁ ଆମ ସରକାରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ପ୍ରଚାର ପ୍ରସାର ହେବାର ନାହିଁ କି କରିବୁ ନାହିଁ। ଶ୍ରୀମତୀ ପରିଡ଼ା କହିଛନ୍ତି, ପୂର୍ବ ସରକାରରେ ଶାଗ ମାଛ ଦରରେ ପର୍ଯ୍ୟଟନର ବହୁ ସ୍ଥାନକୁ ଦଳୀୟ କର୍ମୀଙ୍କୁ ଦେଇ ଦେଇଛନ୍ତି। କାହାକୁ ୪୦ ବର୍ଷ, କାହାକୁ ୮୦ ବର୍ଷ ଦିଆଯାଇଛି। ଲିଗାଲ ଅସୁବିଧା ଆସିକି ପହଞ୍ଚିଛି। କିନ୍ତୁ ତଥାପି ଏବେ ବି ପ୍ରାଇମ ଲୋକେସନରେ ଥିବା ସାଇଟ୍‌କୁ ଆହୁରି ନିବେଶକମାନଙ୍କୁ ଦିଆଯିବ ବୋଲି ପ୍ରଭାତୀ ପରିଡା କହିଛନ୍ତି।



## ପୁରୀରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

# ମାର୍ଚ୍ଚ ୮ରେ ଏକ କୋଟି ମହିଳାଙ୍କୁ ସୁଭଦ୍ରା ଅର୍ଥ ପ୍ରଦାନ





ପୁରୀ: ପ୍ରତ୍ୟେକ ମହିଳା ମାନଙ୍କ ମଧ୍ୟରେ ପ୍ରତିଭା ରହିଛି ।ଏହାର ଉପଯୋଗ କରି ସେମାନେ ଜଣେ ଜଣେ ଉଦ୍ୟୋଗୀ ହୋଇ ପାରିବେ ।ବର୍ତ୍ତମାନ ପର୍ଯ୍ୟନ୍ତ ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନା ରେ ସାମିଲ ହୋଇ ଥିବା ବେଳେ ମାର୍ଚ୍ଚ ୮ ତାରିଖରେ ଏକ କୋଟି ମହିଳା ଙ୍କୁ ସୁଭଦ୍ରା ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।ଆଜି ସଂଧ୍ୟାରେ ତାଳବଣିଆ ଜିଲ୍ଲା ଷ୍ଟାଡିୟମ ଠାରେ ପୁରୀ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ର ପ୍ରଦର୍ଶନ ଓ ବଜାର ସୃଷ୍ଟି ପାଇଁ ଏହି ମେଳାର ଆୟୋଜନ ।ରାଜଧାନୀ ଭୁବନେଶ୍ୱର ସହ ପୁରୀ କୁ ମିଶାଇ ଅନ୍ୟ ୫ ଜିଲ୍ଲାରେ ଏହି ମେଳା ଆୟୋଜିତ ହେଉଛି ।ମହିଳା ମାନଙ୍କୁ ପ୍ରଶିକ୍ଷଣ ସହ ପ୍ରତି ଗ୍ରାମରେ ଅନ୍ୟୁନ ୫ ଜଣ ମହିଳା ଙ୍କୁ ଲକ୍ଷପତି କରିବାର ଲକ୍ଷ୍ୟ ରହିଛି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ମୋଦିଙ୍କ ବାଲ୍ୟ କାଳରେ ତାଙ୍କ ମାଆଙ୍କ ସଂଘର୍ଷ ର ଉଦାହରଣ ଦେଇ ପ୍ରତ୍ୟେକ ମାଆ ମାନେ ଯେପରି ସ୍ୱାବଲମ୍ବୀ ହେବେ ତାହା ହିଁ ସରକାର ବ୍ୟବସ୍ଥା କରୁଛନ୍ତି ।ଏଥିରେ ମାଆ ମାନେ ସଶକ୍ତ ହୋଇ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ ଡଃ ମୋନୀକା ପ୍ରିୟଦର୍ଶିନୀ ଯୋଗ ଦେଇ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ ଉତ୍ପାଦକୁ ବିଶ୍ୱ ଦରବାରରେ ପହଞ୍ଚାଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ଓ ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳା ଙ୍କୁ ଲକ୍ଷପତି ଦିଦି ସୃଷ୍ଟିର ଲକ୍ଷ୍ୟ ରହିଛି ବୋଲି କହିଥିଲେ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ଶକ୍ତି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଙ୍କ ଦ୍ୱାରା ୧୫୦ଟି ଷ୍ଟଲ ଖୋଲାଯାଇଛି ।ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।ଅତିଥି ମାନେ ପ୍ରାରମ୍ଭରେ ଷ୍ଟଲ ପରିଦର୍ଶନ କରିଥିଲେ ।ଏହି ମେଳା ଆଜି ଠାରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ୨୩୫୨୭ ଚାଷୀଙ୍କୁ ମିଳିଲାଣି ୮୯,୨୫୦୪୨୪୦ ଟଙ୍କାର ଇନପୁଟ ସବସିଡ଼୍



ପୁରୀ: ପୁରୀ ଜିଲ୍ଲାରେ ୨୩୫୨୭ ଚାଷୀ ଙ୍କୁ ମିଳିଲାଣି ୮୯୨୫୦୪୨୪୦ ଟଙ୍କାର ଇନପୁଟ ସବସିଡ଼୍ । ଧାନ କ୍ୟୁଣ୍ଟାଲ ପିଛା ୨୩୦୦ ଟଙ୍କା ହିସାବରେ ଚାଷୀ ବିକ୍ରି କରୁଥିବା ବେଳେ କ୍ୟୁଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ର ଏହି ଅର୍ଥ ଇନପୁଟ ସବସିଡ କୃଷକ ମାନେ ପ୍ରାପ୍ତ ହେଲେଣି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ।ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି ।ଯୋଗାଣ ଅଧିକାରୀ ,ସମବାୟ ସମିତିର କର୍ମକର୍ତ୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ଜିଲ୍ଲାର କୃଷକ ମାନେ ଧାନ ବିକ୍ରି ରେ ଯେପରି କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି ।ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକ ଙ୍କ ଠାରୁ ୨୦୪୨୬୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହ ର ଲକ୍ଷ୍ୟ ରହିଛି ।ପ୍ରଥମ ପର୍ଯ୍ୟାୟରେ ୧୧୬୮୬୦୦ କ୍ୟୁଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୭୪୦୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହ ର ଲକ୍ଷ୍ୟ ରହିଛି । ଚଳିତ ମାସ ୨୪ ତାରିଖ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ୧୮୭ ଟି ମଣ୍ଡିରେ ୨୯୬୧୭ କୃଷକ ଙ୍କ ଠାରୁ ୧୨୧୯୩୧୯ କ୍ୟୁଣ୍ଟାଲ ୩୬ କିଗ୍ରା ଧାନ ସଂଗ୍ରହ ହୋଇଛି ।ମୋଟ ୨୩ ଜଣ ମିଲର ଏହି ଧାନ ସଂଗ୍ରହ ରେ ସାମିଲ ଅଛନ୍ତି ।ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨୯୬୧୭ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ୧୯୩୪୭ ଜଣ ଧାନ ବିକ୍ରୟ ପାଇଁ ରହିଛନ୍ତି ।୨୮୧୮୬ ଜଣ କୃଷକ ଙ୍କୁ ୬୬୨୫୦୨୯୧୪୬ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୨୭୪୮୩ କୃଷକ ୨୫୬୫୯୪୯୬୯୦ ଟଙ୍କା ପାଇଛନ୍ତି । ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ହୋତା ସୂଚନା ଦେଇଛନ୍ତି ।

# ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ



**ପୁରୀ:** ବାଲ୍ୟ ବିବାହ ସଭ୍ୟ ସମାଜ ରେ ଏକ ଘୃଣ୍ୟ କାର୍ଯ୍ୟ ।ଏହା ପ୍ରତ୍ୟେକ ଶିଶୁମାନଙ୍କ ପାଇଁ ହିଂସା ସଦୃଶ । ଏହା ଦ୍ୱାରା ଶିଶୁଟି ତାର ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାରରୁ ବଂଚିତ ହୋଇଥାଏ ଓ ଅନେକ ଅସୁବିଧା ଜନକ ପରିସ୍ଥିତି ଦେଇ ଗତିକରିଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ।ଗତକାଲି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଙ୍କ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହ କୁ ଜିଲ୍ଲାରେ ସମ୍ପୂର୍ଣ୍ଣ ବନ୍ଦ କରିବା ଲକ୍ଷ୍ୟରେ ବିଭିନ୍ନ ବିଭାଗର ଅଧିକାରୀ ଙ୍କୁ ନେଇ ଏକ ସାମୁହିକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ବାଲ୍ୟ ବିବାହ ଦ୍ୱାରା ପିଲାଟି ସ୍ୱାସ୍ଥ୍ୟଗତ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥାଏ ।ପିଲାଟି ରୁଗ୍ଣ ସହ ସମାଜ ମଧ୍ୟ ବ୍ୟାଧି ଗ୍ରସ୍ତ ହୁଏ ।ତୃଣମୂଳ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଅଂଶୀଦାର ସମୂହ ଓ ବିଭିନ୍ନ କମିଟି ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ଆମେ ଆମ ଲକ୍ଷ୍ୟ ସ୍ଥଳରେ ପହଂଚିପାରିବା ।ଅମପାଖରେ ମାନବ ସମ୍ବଳ ର ଅଭାବ ନାହିଁ,କିନ୍ତୁ ମାନସିକତା ଅଭାବ ରହିଛି ।ଅଂଶୀଦାର ସମୂହ ନିଜ ଦାୟିତ୍ୱ ନିର୍ବାହ କଲେ ଆମର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିପାରିବା ବୋଲି ସେ ଆହ୍ୱାନ ଦେଇଥିଲେ ।ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର କୌଣସି ସ୍ଥାନରେ ବାଲ୍ୟବିବାହ ହେଉଛି ବୋଲି ଅବଗତ ହେଲେ ଦାୟିତ୍ୱ ରେ ଥିବା ଅଧିକାରୀ ବା ବ୍ୟକ୍ତି ବିଶେଷ ବାଲ୍ୟ ବିବାହରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ନିକଟସ୍ଥ ପୋଲିସ ଥାନାରେ ଅଭିଯୋଗ ଦାଖଲ କରାଗଲେ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ । ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କିତ ସମୀକ୍ଷା ବୈଠକ ପ୍ରାରମ୍ଭରେ ଆକ୍ସନ ଏଡ ସଂଗଠନ ର ଜିଲ୍ଲା ସଂଯୋଜକ ରଞ୍ଜିତା ଦାଶ ଅଂଶୀଦାର ସମୂହଙ୍କୁ ସ୍ୱାଗତ କରିବାସହ ସମୀକ୍ଷା ବୈଠକ ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଆଗାମୀ ଦିନରେ ଜିଲ୍ଲା କୁ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାପାଇଁ ମତାମତ ଲୋଡ଼ିଥିଲେ ।

# ନୀତି ଆୟୋଗଙ୍କ ପୁରୀର ବିଭିନ୍ନ ବିଭାଗର ସମୀକ୍ଷା ବୈଠକ



ପୁରୀ : ଇକୋନୋମୀ କରିଡର ଲକ୍ଷ୍ୟ ରେ ପର୍ଯ୍ୟଟକ ଙ୍କ ସୁବିଧା ଓ ସୁରକ୍ଷା ପାଇଁ ବିଭିନ୍ନ ଜିଲ୍ଲାର ପର୍ଯ୍ୟଟନ ସ୍ଥଳକୁ ନେଇ ସଫାରୀ ସର୍କିଟର ବ୍ୟବସ୍ଥା ଓ ଟୁରିଜିମ ଜୋନିଂ ବା ପର୍ଯ୍ୟଟନ ଜୋନ ବ୍ୟବସ୍ଥା ପାଇଁ ମତ ଦେଇଛନ୍ତି ନୀତି ଆୟୋଗ ।ଏହି ସର୍କିଟରେ କଟକ, ଖୋର୍ଦ୍ଧା, ପୁରୀ ଓ ପାରାଦୀପ କୁ ସାମିଲ କରାଯିବାର ଚିନ୍ତା କରାଯାଉଛି । ଆଜି ଅପରାହ୍ନ ରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସିଟି ଆକ୍ ଗ୍ରୋଥ ହବ ବା ସହରାଞ୍ଚଳର ବିକାଶ ସମ୍ପର୍କରେ ନୀତି ଆୟୋଗ ର ପ୍ରତିନିଧି ମଣ୍ଡଳ ପୁରୀ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ କୁ ସମୀକ୍ଷା କରିଥିଲେ । ନୀତି ଆୟୋଗ ଓ ଜିଲ୍ଲା ପ୍ରଶାସନ ର ବିସ୍ତୃତ ଅନୁଧ୍ୟାନ ଓ ଆଲୋଚନା ପରେ ପ୍ରସ୍ତାବ ଚୂଡାନ୍ତ କରାଯିବ ବୋଲି ସେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ସ୍ଥିତି, ବିଭିନ୍ନ ଯୋଜନା ର ରୂପରେଖ, ସଫଳତା, ଆବଶ୍ୟକତା ଓ ନୂତନ ସମ୍ଭାବନା ଉପସ୍ଥାପନ କରିଥିଲେ ।୩୪୭୯ ବର୍ଗ କିଲୋମିଟର ପରିମିତ ପୁରୀ ଜିଲ୍ଲାର ଲୋକ ସଂଖ୍ୟା ୧୬୯୮୭୩୯ । ଜିଲ୍ଲାରେ ଗୋଟିଏ ସବଡିଭିଜନ,୧୧ ଟି ଲେଖାଏଁ ବ୍ଲକ ଓ ତହସିଲ, ୧୨୨ ଗୋଟି ରାଜସ୍ୱ ସର୍କଲ, ଗୋଟିଏ ମୁନିସିପାଲ୍ଟି,୩ ଟି ଏନ ଏ ସି,୨୬୮ ଗ୍ରାମ ପଞ୍ଚାୟତ, ୧୭୭୨ ରାଜସ୍ୱ ଗ୍ରାମ ଓ ୩୦ ଟି ପୋଲିସ ଷ୍ଟେସନ ରହିଛି ।ଜିଲ୍ଲାରେ ୧୮୮୧୮୩ ହେକ୍ଟର ଚାଷ ଜମି ରହିଥିବା ବେଳେ ୧୦୪୭୪୧ ଜଳସେଚିତ ଓ ୧୪୨୨୫ ହେକ୍ଟର ଜଙ୍ଗଲ ଜମି ରହିଛି । ଜିଲ୍ଲାରେ ମୁଖ୍ୟତଃ ଧାନ, ବିରି, ମୁଗ, ଆଖୁ ଚିନାବାଦାମ ଇତ୍ୟାଦି ଚାଷ ହୋଇଥାଏ ବୋଲି ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ପାୱାର ପ୍ରେଜେଣ୍ଟସନରେ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଆୟୋଗର ଲିଆସନିଙ୍ଗ ଅଧିକାରୀ ଭବତାରଣ ସାହୁ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଆୟୋଗର ସଦସ୍ୟ ପରାମର୍ଶଦାତା କୌସ୍ତଭ ଶ୍ରୀବାସ୍ତବ,ଅଞ୍ଚଳ ସାକ୍ସେନା, ମିସ ସ୍ୱାତୀ ପ୍ରଧାନ, ଅକ୍ଷତ ଠାକୁରେ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ୧୦୧ ଗୋଟି ଅଭିଯୋଗ ମିଳିଥିଲା ।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୮୧ ଗୋଟି, ଗ୍ରାମ ଅଭିଯୋଗ ୧୫ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୫ ଗୋଟି ସମ୍ପର୍କରେ ରହିଥିଲା ।ତନ୍ମଧ୍ୟରୁ ୧୨ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା ।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ,ଏନଫୋର୍ସମେଣ୍ଟ ଅଧିକାରୀ ଲିପ୍ସା ରାୟ,ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

# ଆଇନ ସଚେତନତା ଶିବିର ଅନୁଷ୍ଠିତ




ପୁରୀ: ଆମ ରାଷ୍ଟ୍ର ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ।ଆଇନ ଆମ ସମସ୍ତ ଙ୍କ ପାଇଁ ସମାନ ।ତେବେ ଅନେକ ସମୟରେ କାର୍ଯ୍ୟ କରୁଥିବା ବେଳେ ଆଇନ ସମ୍ପର୍କରେ ଧାରଣା ଅଭାବ ରୁ ଅସୁବିଧା ଦେଖା ଦେଇଥାଏ ।ତେଣୁ ଆଇନ କୁ ସଠିକ ଭାବେ ବୁଝିବା ସହ ଉପଯୁକ୍ତ ଉପଯୋଗ ପାଇଁ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମତ ଦେଇଛନ୍ତି ।ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ।ଏହାକୁ ଉଦଘାଟନ କରି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ମହାନ୍ତି ଶିଶୁ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ଙ୍କ ପାଇଁ ଆଇନ ରେ ବ୍ୟବସ୍ଥା ରହିଛି ।ଶିଶୁ ଓ ମହିଳା ମାନେ ସମାଜ ର ସମ୍ବେଦନଶୀଳ ଗୋଷ୍ଠୀ ହିସାବରେ ପରିଚିତ ।ସେମାନେ ଶିକାର ହେଉଥିବା ଘଟଣାବଳୀକୁ ଅନୁଧ୍ୟାନ ସହ ଯେପରି ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ସତର୍କ କରାଯାଇ ପାରିବ ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜାଣିଲେ ଜିଣିବା ଭଳି ଆମେ ପ୍ରତ୍ୟେକ ଆଇନ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେଲେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ମତ ଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା ବିନୋଦ ବିହାରୀ ରଥ,ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆକ୍ସନ ଏଡର ଜିଲ୍ଲା ସଂଯୋଜକ ରଞ୍ଜିତା ଦାସ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ସୁହାଗୀ ହେମ୍ରମ,ସଦର ସିଡିପିଓ ଗୀତାଞ୍ଜଳି ନାୟକ, ମୁନିସିପାଲ୍ଟି ସିଡିପିଓ ବିନୋଦିନୀ ତ୍ରିପାଠୀ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳା ମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କ ମାନଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସଠିକ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ ।ମୁଖ୍ୟ ଆଇନ ପରାମର୍ଶ ଦାତା ସୁଧୀର କୁମାର ଘୋଷ,ଆଇନ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତ ଙ୍କୁ ସ୍ୱାଗତ ଓ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମ ରେ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ ।

## ବାବା ବାଲିକପିଳେଶ୍ୱର ମନ୍ଦିରର ହୁଣ୍ଡିରୁ ଲୁଟ୍

**ପୁରୀ:** ପୁରୀ ନରେନ୍ଦ୍ରକୋଣ ବାବା ବାଲିକପିଳେଶ୍ୱର ମନ୍ଦିରର ହୁଣ୍ଡିରୁ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ମନ୍ଦିରର ପୂଜକ ମନ୍ଦିରର ହୁଣ୍ଡି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ । ଏନେଇ ସେ କମିଟିର ସଦସ୍ୟଙ୍କୁ ସୂଚନା ଦେଇଥିଲେ । ଏହାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏହି ମନ୍ଦିରରୁ ହୁଣ୍ଡକୁ ପ୍ରତିବର୍ଷ ଥରେ ଖୋଲାଯାଇଥାଏ ବୋଲି କୁହାଯାଉଛି ।



# ମାନବ ଚାଲଣ ରୋକିବା ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ

## ମାନବ ଚାଲଣ ମଧ୍ୟସ୍ଥି ଙ୍କ ମୂଳୋତ୍ପାଟନ ଜରୁରୀ: ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା




ପୁରୀ: ମାନବ ଚାଲଣ ଏକ ଅତ୍ୟନ୍ତ ଘୃଣ୍ୟ ଓ ଜଘନ୍ୟ ଅପରାଧିକ କାର୍ଯ୍ୟ ।ଏହାକୁ ସାମୁହିକ ଉଦ୍ୟମ ଓ ସହଯୋଗ ଦ୍ୱାରା ପ୍ରତିହତ କରାଯାଇ ପାରିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡା । ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଜାତୀୟ ମହିଳା କମିଶନର ଓ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ସୁରକ୍ଷା ବଳ ର ମିଳିତ ଆନୁକୂଲ୍ୟରେ ମାନବ ଚାଲଣ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓ କର୍ମଶାଳା କୁ ଉଦଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମାନବ ଚାଲଣ ରୋକିବାକୁ ଅର୍ଥ ବାଧକ ସାଜିବ ନାହିଁ ।ରେଲୱେ ସୁରକ୍ଷା ବଳ,ଆରକ୍ଷୀ ବାହିନୀ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ଶିକ୍ଷା ବିଭାଗର ଲଗାତାର ମିଳିତ ସହଯୋଗ ରେ ମାନବ ଚାଲଣକୁ ସମ୍ପୂର୍ଣ୍ଣ ବିଲୁପ୍ତ କରାଯାଇ ପାରିବ ବୋଲି କହିଥିଲେ ।ଗାଁ ର ଗରିବ, ଅସହାୟ ଓ ଅଶିକ୍ଷିତ ଲୋକ ମାନେ କିଛି ଧୂର୍ତ୍ତ ମଧ୍ୟସ୍ଥି ଙ୍କ ଠକାମୀର ଶିକାର ହୋଇଥାନ୍ତି ।ଏହା ପ୍ରତି ଉପରୋକ୍ତ ବିଭାଗ ଗୁଡିକ ନିରନ୍ତର ଦୃଷ୍ଟି ଦେବା ସହ ପ୍ରତ୍ୟେକ ବର୍ଷ ୩/୪ ଟି ସଚେତନତା କର୍ମଶାଳା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ ।ଯାହା ଫଳରେ ମଧ୍ୟସ୍ଥି ମାନେ ଭୟ ପାଇବେ ଓ ସାଧାରଣ ଲୋକ ସଚେତନ ହୋଇ ସାହସ ପାଇବ ।ସମ୍ମିଳିତ ସହଯୋଗ ପାଇଁ ଗତ ବର୍ଷ ରଥଯାତ୍ରା ରେ ଗୋଟିଏ ବି ପିଲା ହଜି ନ ଥିବା ଆମ ସମସ୍ତଙ୍କ ମିଳିତ ଉଦ୍ୟମ ର ଫଳ ।ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆରପିଏଫ ମିଶି ଚଳିତ ବର୍ଷ ୮୧୯ ନାବାଳକ ଓ ୬୯ ଶିଶୁ ଙ୍କୁ ଉଦ୍ଧାର କରିଛନ୍ତି । ପୂର୍ବରୁ ଚାଲଣ ହୋଇ ଦେଶର ବିଭିନ୍ନ ରାଜ୍ୟରେ ରହୁଥିବା ପିଲା ମାନଙ୍କୁ ଫେରେଇ ଆଣିବା ବ୍ୟବସ୍ଥା କରାଯାଉଛି ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।ଏଥିରେ ଅଧ୍ୟକ୍ଷତା କରି ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା ରହାଟକର ମହିଳା ମାନଙ୍କୁ ନିରାପତ୍ତା ଓ ସେମାନଙ୍କ ଅଧିକାର କୁ ସୁରକ୍ଷା ରଖିବା ପାଇଁ ମହିଳା କମିଶନ ଗଠିତ ହୋଇଛି ଓ କାର୍ଯ୍ୟ କରୁଛି ।କୌଣସି ସ୍ତରରେ ବି ଚୁପ ନ ରହି ଅନ୍ୟାୟ ଓ ଅତ୍ୟାଚାର ସମ୍ପର୍କରେ ତୁଣ୍ଡ ଖୋଲିବାକୁ ସେ ଅନୁରୋଧ କରିଥିଲେ । ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନବ ଚାଲଣ ବିରୋଧୀ ଅଭିଯାନର ଜଣେ ଜଣେ ଆମ୍ବାସଡର ।୨୦୧୮ ରୁ ମୁମ୍ବାଇରେ ମାନବ ଚାଲଣର ବିଲୋପ ପାଇଁ ଆନ୍ତର୍ଜାତୀୟ ଆଲୋଚନା ଚକ୍ର ମାଧ୍ୟମରେ ପ୍ରୟାସ ଜାରି ରହିଛି ।ଚଳିତ ବର୍ଷ ୨୫ ଟି କର୍ମଶାଳା ମହିଳା କମିଶନ ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଛି । ମାନବ ଚାଲଣ ରେ କେବଳ ଗୋଟିଏ ଜୀବନ ନଷ୍ଟ ହୁଏ ନାହିଁ, ସ୍ୱପ୍ନ ସହ ପରିବାର ମଧ୍ୟ ଭୁଷୁଡ଼ି ପଡେ ବୋଲି କହିବା ସହ ଏହାର ନିରାକରଣ ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଇଷ୍ଟକୋଷ୍ଟ ରେଲୱେ ଆଇ ଜି ଆଲୋକ ବୋହରା ଏହା ଏକ ସମ୍ବେଦନଶୀଳ ସମସ୍ୟା ।ମିଳିତ ଉଦ୍ୟମ ଦ୍ୱାରା ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ । ପୁରୀ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ କର୍ମଶାଳା ରେ ଉପସ୍ଥିତଥିଲେ । ପ୍ରାରମ୍ଭରେ ସିନିୟର ଡି ଏସ ସି ମିଥୁନ ସୋନି ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ବିଷୟ ବିଶାରଦ ଭାବେ ଏଡିଜି ଅରୁଣ ବୋଥ୍ରା, ବରିଷ୍ଠ ପରାମର୍ଶ ଦାତା ନିଶିତ ଦୁବେ ଓ ଗୌରବ ଗିଲ ପ୍ରମୁଖ ମାନବ ଚାଲଣ ପ୍ରକ୍ରିୟା, ସମ୍ପୃକ୍ତ ରହୁଥିବା ବ୍ୟକ୍ତି ଚରିତ୍ର, ପ୍ରତିହତର ପ୍ରକ୍ରିୟା,ଅଧିକାରୀ କର୍ମଚାରୀ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ଦେଇଥିଲେ ।କର୍ମଶାଳା ରେ ଆରକ୍ଷୀ ବାହିନୀର ଅଧିକାରୀ, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଓ କର୍ମଚାରୀ, ଶିଶୁ ସୁରକ୍ଷା ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳିତ

ପୁରୀ: ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସେବା,ସମର୍ପଣ ଓ ତ୍ୟାଗ ର ଶିକ୍ଷା ଦିଏ ।ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ର କୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ,ପୁରୀ ଓ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହର ଙ୍କ ୧୪୬ ତମ ଜୟନ୍ତୀ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଚାର୍ଯ୍ୟ ହରିହର ଙ୍କ ବାଗ୍ମୀତା,ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣା ର ଉତ୍ସ ବୋଲି କହିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ସଦାଶିବ ର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଆଚାର୍ଯ୍ୟ ହରିହର ଙ୍କ ଜୀବନ ଓ ଜୀବନ ଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧ ର ପ୍ରତୀକ ଥିଲା ବୋଲି କହିଥିଲେ ।ଶିକ୍ଷାବିତ ରଘୁନାଥ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହ ରେ ପୁରୀ ମୁନିସିପାଲ୍ଟି ର ଏନଫୋର୍ସମେଣ୍ଟ ଅଫିସର ଲିପ୍ସା ରାୟ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସର୍ବୋଦୟ ପ୍ରାର୍ଥନା ପରିବେଷଣ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା କରିଥିଲେ ।ଶେଷରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ର ପ୍ରାଧ୍ୟାପକ ଡଃ ସୁଶାନ୍ତ କୁମାର ରାଜ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜାତୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ୨୮ତମ ଗ୍ଲୋରୀ ଫେଷ୍ଟ୍ ୨୦୨୫ ଉଦ୍‌ଯାପିତ





ପୁରୀ: ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ଗ୍ଲୋରି ଫେଷ୍ଟ୍-୨୦୨୫ର ଉଦ୍‌ଯାପନୀ ଉତ୍ସବ ନୀଳାଦ୍ରି ବିଚ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ତିରୁପତି ବିଶ୍ୱବିଦ୍ୟାଳୟର ସମନଭିତା କେ ନାମ୍ବୋଥିରି ଚଳିତବର୍ଷର ଗ୍ଲୋରି କୁଇନ୍-୨୦୨୫ ମୁକୁଟ ପିନ୍ଧିଛନ୍ତି। ସେହିଭଳି ଭୁବନେଶ୍ୱର ହାଇଟେକ୍ କଲେଜର ଶୟନଦୀପ ପଣ୍ଡା ଚଳିତବର୍ଷର ଗ୍ଲୋରି କିଙ୍ଗ୍-୨୦୨୫ ମୁକୁଟ ପିନ୍ଧିଛନ୍ତି । ଯାଜପୁର ବିରଜା ମହିଳା ବିଦ୍ୟାଳୟର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ଗ୍ଲୋରି କୁଇନ୍‌ର ପ୍ରଥମ ରନର୍ସ ଅପ୍ ଓ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ମେହେର ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଅଗରତାଲା ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ର ରନିତ ଦେବନାଥ ଗ୍ଲୋରି କିଙ୍ଗ ପ୍ରଥମ ରନର୍ସ ଅପ୍ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସତ୍ୟଜିତ ବେହୁରିଆ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଦଳଗତ ଚାମ୍ପିଅନ୍ ଟ୍ରଫି ହାତେଇ ଥିବାବେଳେ ଏହି ମହାବିଦ୍ୟାଳୟର ଛାତ୍ରୀ ଆୟୁଶ୍ରୀ ପ୍ରଧାନ 'ଟ୍ୟାଲେଣ୍ଟ ଅଫ୍ ଦି ଇୟର' ପୁରସ୍କାର ପାଇଛନ୍ତି। ଝାଡ଼ଖଣ୍ଡ ସେଣ୍ଟ ଅଗଷ୍ଟିନ୍ ମହାବିଦ୍ୟାଳୟ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଛି। ଏହାସହ ଅନ୍ୟ ୧୩ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ବିଜେପିର ଉପସଭାପତି ଗୋଲକ ମହାପାତ୍ର, ଚକ୍ରଧର ମହାପାତ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଇଂ. ସୂର୍ଯ୍ୟ ରଥ, ହୋଟେଲିୟର ରାଜକିଶୋର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରବି ନନ୍ଦଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ଆଜିର ସଂଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ତିଲକ ଚକ୍ରବର୍ତୀ । ତିଲକଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଶ୍ରୋତା। କାର୍ଯ୍ୟକ୍ରମକୁ ଆଙ୍କର ପିୟୂଷ ଓ ପୂର୍ଣ୍ଣେନ୍ଦୁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଯୁଗ୍ମ ଉପାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ଦାମୋଦର ଶତପଥୀ, ସାଧାରଣ ସଂପାଦକ ବିଦ୍ରୋହ କେଶରୀ ସିଂହ, ସଂଗଠନ ସଂପାଦକ ସୌମ୍ୟ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସାଂସ୍କୃତିକ ସଂପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ, ସୌମିତ୍ର ହରିଚନ୍ଦନ, ଶିବ ଶଙ୍କର ପ୍ରଧାନ, ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ନରେନ୍ଦ୍ରକୋଣ ସ୍ଥିତ ଶ୍ରୀ ଶ୍ରୀ ବାଲିକପିଳେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଶିବରାତ୍ରୀ ଅନୁଷ୍ଠିତ





ପୁରୀ: ନରେନ୍ଦ୍ରକୋଣସ୍ଥିତ ବାବା ବାଲିକପିଳେଶ୍ୱର ମହାଦେବଙ୍କ ପୀଠରେ ଆଜି ମହାସମାରୋହରେ ପବିତ୍ର ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବାଲିକପିଳେଶ୍ୱର ମହାଦେବଙ୍କ ଦର୍ଶନ କରିବା ସହ ଦୀପଦାନ କରିଛନ୍ତି । ଉପବାସ ରଖିଥିବା ଶ୍ରଦ୍ଧାଳୁମାନେ ବାବାଙ୍କ ପୀଠରେ ଜାଗର ଜାଳି ମାନସିକ ପୂରଣ କରିଛନ୍ତି। ଏହି ଅବସରରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା ବୋଲି ବାବା ବାଲିକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟି ତଥା ପରିଚାଳନା ସଂପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି। ବିଳମ୍ବିତ ରାତିରେ ମହାଦୀପ ଉଠିବା ପରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ବ୍ରତ ଭାଙ୍ଗିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ବିଭାଗୀୟ କର୍ମକର୍ତ୍ତାଙ୍କୁ ଶିଶୁ ସୁରକ୍ଷା ତାଲିମ

ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନ, ପୁରୀଙ୍କ ପରିସରରେ ଜିଲ୍ଲାର ସମସ୍ତ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଆଦର୍ଶ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଓ ହଷ୍ଟେଲ ଅଧିକ୍ଷକଙ୍କୁ ଶିଶୁ ସୁରକ୍ଷା ଓ ଶିଶୁ ମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା। ସେ କହିଥିଲେ ଯେ, ଶିଶୁ ମାନେ ଅଧିକାଂଶ ସମୟ ବିଦ୍ୟାଳୟରେ କାଟିଥାନ୍ତି, ସେମାନଙ୍କର ମାର୍ଗ ଦର୍ଶନ, ଶିକ୍ଷା ହିଁ ଶିଶୁ ମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଡଃ ଅଜିତ କୁମାର ମହାପାତ୍ର, ଅଧ୍ୟକ୍ଷ ଶିଶୁ କଲ୍ୟାଣ ସମିତି, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ସୁରକ୍ଷା ନିମନ୍ତେ ଏପରି ତାଲିମ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ତାଲିମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରୁଚିକା ସାମାଜିକ ସଂଗଠନର ମୁଖ୍ୟ ବେଣୁଧର ସେନାପତି, ପିକକ ର ନିର୍ଦ୍ଦେଶକ ରଞ୍ଜନ ମହାନ୍ତି ଜିଲ୍ଲା ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାରୀ ପରିଜା ଯୋଗ ଦେଇ, ଶିଶୁ ଅଧିକାର, ଡ୍ରପ ଆଉଟ ର ପ୍ରଭାବ, ଶିଶୁ ସୁରକ୍ଷା ର ବିଧାନ ସମୂହ, କିଶୋର ସ୍ୱାସ୍ଥ୍ୟ ଆଦି ବିଷୟରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ହରେକୃଷ୍ଣ ସାହୁ, ରୋଜାଲିନ ପାତ୍ର, ବିଜୟ କୁମାର ପରିଡା, ଶକୁନ୍ତଳା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।





ପୁରୀଠାରେ ଅଦାଲତ ସ୍ଥାନାନ୍ତର ପ୍ରକ୍ରିୟା ବିରୁଦ୍ଧରେ ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହରେ ଧାରଣାରେ ବସିଥିବା ଜିଲ୍ଲା ଓକିଲମାନେ।

## ସାକ୍ଷୀଗୋପାଳ ପରିସରରେ ପ୍ରଧାନ ମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ ତମ କିସ୍ତି ସହାୟତା

କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ ପରିସରରେ ପ୍ରଧାନ ମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ ତମ କିସ୍ତି ସହାୟତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସିଧାସଳଖ ପ୍ରେରଣ କାର୍ଯକ୍ରମ ବିହାରର ଭାଗଲପୁରରୁ ୱେବ୍ କାଷ୍ଟ ଦ୍ୱାରା ୩୦୦ ରୁ ଉର୍ଦ୍ଧ ଚାଷୀ ଦେଖିଥିଲେ ।ଏହି ମହୋତ୍ସବ ରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର , ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ ।ପ୍ରାରମ୍ଭରେ କେବିକେ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୂର୍ଯ୍ୟ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।ପୁରୀ ଜିଲ୍ଲାରେ ମୋଟ ୧୬୧୦୨୩ ଚାଷୀଙ୍କ ଖାତାକୁ ୨୦୦୦ ଟଙ୍କା ହିସାବରେ ମୋଟ ବତିଶ କୋଟି କୋଡ଼ିଏ ଲକ୍ଷ ଛ ୟାଳିସ ହଜାର ଟଙ୍କା ଦିଆଗଲା ।ଆଗାମୀ ଦିନରେ ଅଧିକରୁ ଅଧିକ ଚାଷୀ କିଭଳି ଏହି ଯୋଜନାରେ ସହାୟତା ପାଇବେ ,ସେଥିପାଇଁ ଯତ୍ନବାନ ହେବାକୁ ଅତିଥିମାନେ କୃଷି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯକ୍ରମ ଟିକୁ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ର , ସାକ୍ଷୀଗୋପାଳ ମିଳିତ ଭାବେ ପରିଚାଳନା କରିଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀମତୀ ମଞ୍ଜୁଳା ତ୍ରିପାଠୀ,ଏ ଡି ଭି ଓ ଡକ୍ଟର ରାଜେଶ କୁମାର ପାଣିଗ୍ରାହୀ, ଆସିଷ୍ଟାଣ୍ଟ ଡାଇରେକ୍ଟର, ମୃତ୍ତିକା ସଂରକ୍ଷଣ ଶ୍ରୀମତୀ ସ୍ୱୟଂ ପ୍ରଭା ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଶିବାଙ୍ଗି ପଟ୍ଟନାୟକ ଯୋଗ ଦେଇଥିଲେ।







# ଏକତାର ମହାକୁମ୍ଭ – ନୂଆ ଯୁଗର ଆରମ୍ଭ

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଂଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ) ରେ ଦେଖିବାକୁ ମିଳିଥିଲା।



୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ, ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି। ୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ। ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ। ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁ ଗୁଡ଼ିକୁ ମୁଁ ଭୁଲି ପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ-ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ। ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁନଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା। ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି। ସମସ୍ତଙ୍କ କଳ୍ପନା ଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା। ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ। ଆଧ୍ୟାତ୍ମିକ ବିଦ୍ୱାନମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି । ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭରେ ସନ୍ଥ, ବିଦ୍ୱାନ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା।



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣ କୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା। ୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି - ବିକଶିତ ଭାରତ ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେ ପଡୁଛି । ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ। ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରିକି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ । ବେଦ ଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । ''ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା'', ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା । କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, ''ମା' ଗଙ୍ଗା ମୋତେ ଡାକିଛନ୍ତି ।'' ଏହା କେବଳ ଏକ ଭାବପ୍ରବଣତା ନଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୁଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ- ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକ ଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରୀ ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

## ନୀତିଶିକ୍ଷା – ମଞ୍ଜି ପୁଡ଼ିଆ



**ଭବତୋଷ ତ୍ରିପାଠୀ**

ଜଣେ ବ୍ୟକ୍ତିଙ୍କର ତିନିପୁଅ ଥିଲେ । ଦିନେ ସେ ଦୀର୍ଘଦିନ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ଯିବାପାଇଁ ଇଚ୍ଛା ପ୍ରକାଶ କଲେ । ତୀର୍ଥଯାତ୍ରାରେ ଯିବାପୂର୍ବରୁ ତାଙ୍କ ସନ୍ତାନ ମାନଙ୍କୁ ନିକଟକୁ ଡାକି କହିଲେ, – " ମୁଁ ତୁମ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଫୁଲ ମଞ୍ଜିର ପୁଡ଼ିଆ ଦେଉଛି । ତାହାକୁ ଯଥା ସମ୍ଭବ ଉଚିତ ମାର୍ଗରେ ଖର୍ଚ୍ଚ କରିବ । ମୁଁ ଫେରିବା ଯାଏଁ ସେ ଗୁଡ଼ିକ ତୁମର ଏବଂ ଫେରିଲେ ତୁମେମାନେ ମଞ୍ଜି ଫେରାଇ ଦେବ ।" ମଞ୍ଜି ପୁତ୍ରମାନଙ୍କୁ ପ୍ରଦାନ କରି ପିତା ତୀର୍ଥଯାତ୍ରା କରିବାକୁ ଚାଲିଗଲେ । ବଡ଼ପୁଅ ଭାବିଲା ଫୁଲ ମଞ୍ଜି ପୁଡ଼ିଆଟିକୁ ସାଇତି ରଖିବା ଭଲ । ତେଣୁ ସେ ପୁଡ଼ିଆଟିକୁ ଉତ୍ତମଭାବେ ବାନ୍ଧି ଭଣ୍ଡାର ଗୃହ ଭିତରେ ନିରାପଦ ସ୍ଥାନରେ ରଖିଦେଲା । ଦ୍ୱିତୀୟ ପୁଅ ଫୁଲ ମଞ୍ଜି ପୁଡ଼ିଆକୁ ବିକ୍ରୟ କରି ଅର୍ଥ ସଂଚୟ କରିବାକୁ ସ୍ଥିର କଲା । ସେ ମନେ ମନେ ଯୁକ୍ତି ବାଢ଼ିଲା ଯେ ବାପା ଯେତେବେଳେ ମଞ୍ଜି ବଦଳରେ ଅର୍ଥ ଦେଖିବେ ସେ ଏହା ଜାଣି ଖୁସି ହେବେ ଯେ ତାଙ୍କ ପୁଅ ବ୍ୟବସାୟ କଳାରେ ପାରଙ୍ଗମ ହୋଇଗଲାଣି । ସେ ଯାହାହେଉ ତୃତୀୟ ପୁଅ କିନ୍ତୁ ମଞ୍ଜି ଗୁଡ଼ିକର ଉପଯୁକ୍ତ ବିନିଯୋଗ ବିଷୟରେ ଗଭୀରଭାବେ ଚିନ୍ତାକଲା । ତା'ପରଦିନ ସେ ନିଜ ବଗିଚାରେ ହଳ କରି ସେଥିରେ ମଞ୍ଜିଗୁଡ଼ିକ ବୁଣିଦେଲା । ବହୁ ମାସ ଏହା ଭିତରେ ବିତିଗଲା । ଦିନେ ବାପା ତୀର୍ଥଯାତ୍ରାରୁ ଫେରି ଆସିଲେ । ସେ ଜଣକ ପରେ ଜଣେ ପୁଅ ନିକଟକୁ ଯାଇ ସେ ଦେଇ ଯାଇଥିବା ମଞ୍ଜି କ'ଣ କଲେ ବୋଲି ପ୍ରଶ୍ନ କଲେ । ବଡ଼ପୁଅ କହିଲା, "ଟିକେ ଅପେକ୍ଷା କରନ୍ତୁ ବାପା ! ଆପଣ ଦେଖିଲେ ଭାରିଖୁସୀ ହେବେ ।" ଏହାକହି ସେ ଶୀଘ୍ର ଯାଇ ଭଣ୍ଡାର ଗୃହରୁ ସେ ମଞ୍ଜି ପୁଡ଼ିଆଟି ଆଣିଲା । କିନ୍ତୁ ମଞ୍ଜି ପୁଡ଼ିଆଟି ଖୋଲିବା ପରେ ଦେଖିଲେ ଏତେଦିନ ମଧ୍ୟରେ ମଞ୍ଜିଗୁଡ଼ିକ ପଚି ନଷ୍ଟ ହୋଇଯାଇଛି । ତତ୍ପରେ ବାପା ଦ୍ୱିତୀୟ ପୁଅ ପାଖକୁ ଗଲେ । ଦ୍ୱିତୀୟ ପୁଅ କହିଲା, – " ଆପଣ ଜାଣି ଖୁସି ହେବେ ଯେ, ମୁଁ ସେଗୁଡ଼ିକ ବିକ୍ରି କରିଦେଇଛି । ବର୍ତ୍ତମାନ ମୁଁ ବଜାର ଦାମରେ ପାଇଥିବା ଅର୍ଥ ଆପଣଙ୍କୁ ଦେଇଦେବି । ଦୁଇପୁତ୍ରଙ୍କ କାର୍ଯ୍ୟରେ ମାତ୍ରାଧ ?କ ହତାଶ ହୋଇପଡ଼ିଥିବା ପିତାଙ୍କ ପକ୍ଷରେ ପୁଅମାନଙ୍କ ଉପରେ ଅଶାନ୍ତଭାବକୁ ହୃଦୟରେ ଚାପି ରଖିବା କଷ୍ଟସାଧ୍ୟ ହୋଇ ପଡୁଥିଲା । ସର୍ବଶେଷରେ ଉଦ୍ ?ବେଗରେ ବିବ୍ରତ ହୋଇ ସାନପୁଅକୁ ପଚାରିଲେ, "ମୋତେ କୁହ, ମୁଁ ତୁମକୁ ଯେଉଁ ଫୁଲ ମଂଜି ଦେଇଯାଇଥିଲି ତାହା ତୁମେ କ'ଣ କଲ ?" ସବାସାନ ପୁଅ ହସି କହିଲା, "ବାପା ! ମୋ ସହିତ ଆସନ୍ତୁ, ମୁଁ ଆପଣଙ୍କୁ ଦେଖାଇବି ।" ଦୁହେଁ ବଗିଚାକୁ ଗଲେ । ଦେଖିଲେ ସୁନ୍ଦର ସୁନ୍ଦର ଫୁଲ ପରିପୂର୍ଣ୍ଣ ହୋଇ ବଗିଚାର ଶୋଭା ବର୍ଦ୍ଧନ କରୁଛି, ଯାହା ତାଙ୍କ ବାପା ଆଗରୁ କେବେ ଦେଖି ନଥିଲେ । ଆଶ୍ଚର୍ଯ୍ୟାନ୍ୱିତ ହୋଇ ପିତା ପଚାରିଲେ, – " ପୁଅ ! ପ୍ରକୃତରେ ତୁ ଏ ବଗିଚା କରିଛୁ ?" ପୁଅ କହିଲା –


"ହଁ ବାପା ! ଏ ସମସ୍ତ ଫୁଲଗୁଡ଼ିକ ତୁମେ ଦେଇଥିବା ମଞ୍ଜିରୁ ହିଁ ସତେଜ ହୋଇଛି । ଆନନ୍ଦ ହୃଦୟରେ ବାପା କିଛି ସମୟ ଶାନ୍ତଭାବେ ଠିଆ ହୋଇ ପ୍ରଶଂସା କରୁଥିଲେ ସେଇ ସ୍ୱର୍ଗର ପାରିଜାତ କାନନକୁ, ଯାହା ତାଙ୍କ ପୁଅର ଉଚିତ୍ ବିଚାର ଓ କଠିନ ପରିଶ୍ରମ ଫଳରେ ସୃଷ୍ଟି କରିପାରିଛି । ଫୁଲ ଭରା ବଗିଚାରେ ଯେତେ ମଞ୍ଜି ବୁଣା ଯାଇଥିଲା ତା'ଠାରୁ ବହୁ ଅଧିକ ମଞ୍ଜି ଅମଳ କରାଯାଇପାରିବ । ଏହା ଜାଣି ସେ ଖୁସୀ ହେଲେ ଯେ ଅନ୍ତତଃ ତାଙ୍କର ଜଣେ ମାତ୍ର ପୁଅ ବୁଝି ପାରିଲା ତାକୁ ଦିଆଯାଇଥିବା ଜିନିଷରୁ ସେ କିପରି ସର୍ବାଧିକ ଲାଭ ସୁବିଧାରେ ପାଇପାରିବ ।

ମର୍ମବାଣୀ : କେତେଲୋକ ଭବିଷ୍ୟତରେ କିଛି କରିବାର ଚିନ୍ତାକରି ସମୟ ଗଡ଼ାଇ ଚାଲନ୍ତି । ଆଉ କେତେକ ଲୋକ ଅର୍ଥ ଓ ଭୌତିକ ସୁଖ ଉପରେ ଗୁରୁତ୍ୱ ଦିଅନ୍ତି । ସେମାନେ କିଛି ଅର୍ଥ ଓ ସାଂସାରିକ ସୁଖ ପ୍ରତିବଦଳରେ ନିଜର ଜୀବନଟା ଦେଇ ଦିଅନ୍ତି । କେତେକ କିନ୍ତୁ ସାନପୁଅ ପରି କିଛି ଫଳପ୍ରଦ କାର୍ଯ୍ୟ କରିପାରନ୍ତି ।

ସର୍ବଦା ମନେରଖ, ତୁମ ସମୟର ସଦ୍ ଉପଯୋଗ ଏପରି କର ଯାହାକି ତୁମ ଜୀବନକୁ ଗୋଟିଏ ସୁନ୍ଦର ଫୁଲ ବଗିଚାରେ ପରିଣତ କରିଦେବ ।

*ପାର୍ବତୀପୁର, ପୁରୀ*
*ମୋ – ୯୦୯୦୧୭୨୧୬୭*

## ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି-** ଏହି ମାସଟି ଆପଣଙ୍କର ଅତି ଉତ୍ତମ ରହିବ. ମାସର ପ୍ରାରମ୍ଭରେ ସମ୍ମାନ ତଥା ସହଯୋଗ ପାଇବେ. କର୍ମରେ ସାଫଲ୍ୟତା ଯୋଗ.ଦେହ ସୁସ୍ଥ ରହିବ.ବ୍ୟବସାୟରେ ଉନ୍ନତି ହେବ. ପାରିବାରିକ ଜୀବନ ସୁଖମୟ ହେବ ।

**ବୃଷ ରାଶି –** ମାସଟି ଭଲରେ କଟିବ. ଆର୍ଥିକ ଅବସ୍ଥାରେ ଉନ୍ନତି। ସାମାନ୍ୟ ଅସୁସ୍ଥ ହୋଇପାରନ୍ତି. କର୍ମକ୍ଷେତ୍ରରେ ଉଚ୍ଚଫଳ ମିଳିବ. ପାରିବାରିକ ଜୀବନରେ ଅଶାନ୍ତି ରହିପାରେ।. ବ୍ୟବସାୟରେ ଆଗେଇବେ।

**ମିଥୁନ ରାଶି –** ମାସଟି ଆପଣଙ୍କର ଏତେ ଭଲରେ ଯିବନାହିଁ.ଦେହ ସାମାନ୍ୟ ଅସୁସ୍ଥ ହୋଇପାରେ.କର୍ମକ୍ଷେତ୍ରରେ ଏତେ ଭଲ ନାହିଁ.ପାରିବାରିକ ଜୀବନ ସୁଖରେ କାଟିବେ.ବ୍ୟବସାୟରେ ମଧ୍ୟମ ଫଳ ପାଇବେ. ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିପାରନ୍ତି।

**କର୍କଟ ରାଶି –** ମାସଟି ଆପଣଙ୍କର ଫଳ ମଧ୍ୟମ ଅଟେ.ଆୟ ବ୍ୟୟ ପ୍ରାୟତଃ ସମାନ ରହିପାରେ.ଦେହ ସୁସ୍ଥ ରହିବ.କର୍ମକ୍ଷେତ୍ରରେ ପରିଶ୍ରମ କରି ଫଳ ପାଇବେ.ପାରିବାରିକ ଜୀବନ ସୁଖ ସମୃଦ୍ଧିରେ କଟିବ.ବ୍ୟବସାୟରେ ଲାଭବାନ ହେବେ. ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ ।

**ସିଂହ ରାଶି –** ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭପ୍ରଦ ହେବ.ଦେହ ଓ ମନ ଭଲ ରହିବ.କର୍ମକ୍ଷେତ୍ରରେ ଉତ୍ସାହିତ ରହିବେ.ଆୟ ଭଲ ହେବ.ପାରିବାରିକ ଜୀବନ ହସ ଖୁସିରେ କାଟିବେ. ବ୍ୟବସାୟରେ ଉତ୍ତମ ଫଳ ପାଇବେ.ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମ ଫଳ ପାଇବେ।

**କନ୍ୟା ରାଶି –** ମାସଟି ଆପଣଙ୍କର ଭଲରେ କଟିବ.ଦେହ ଓ ମନ ପ୍ରାୟତଃ ଭଲ ରହିବ.ଆୟ ସାମାନ୍ୟ ବୃଦ୍ଧି ହେବ.କର୍ମକ୍ଷେତ୍ରରେ ଉନ୍ନତି ଘଟିବ.ପାରିବାରିକ ଜୀବନରେ ଏତେ ଭଲ ନାହିଁ.ବ୍ୟବସାୟରେ ଅଗ୍ରଗତି ହେବ.ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ପରିଶ୍ରମ କରି ଆଗେଇବେ।

**ତୁଳା ରାଶି –** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ଅଟେ.ଅସୁସ୍ଥତା ଦେଖାଦେଇପାରେ.ଆର୍ଥିକ ପରିସ୍ଥିତିରେ ଉନ୍ନତି ହେବ.କର୍ମକ୍ଷେତ୍ରରେ ଆଗେଇବେ.ପାରିବାରିକ ଜୀବନରେ ସୁଖ ପାଇବେ.ବ୍ୟବସାୟରେ ମଧ୍ୟମ ଫଳ ପାଇବେ. ବିଦ୍ୟାର୍ଥୀମାନେ ପଢାରେ ଶୁଭଫଳ ମିଳିବ।

**ବିଛା ରାଶି –**ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ଅଟେ.ଆୟ ବ୍ୟୟ ପ୍ରାୟ ସମାନ ରହିବ. ଦେହ ଓ ମନ ଭଲ ହେବ.କର୍ମକ୍ଷେତ୍ରରେ ସଫଳ ଯୋଗ ରହିଛି.ପାରିବାରିକ ଜୀବନ ହସଖୁସିରେ କାଟିବେ.ବ୍ୟବସାୟରେ କ୍ଷତି ହୋଇପାରେ.ବିଦ୍ୟାର୍ଥୀମାନେ ପ୍ରଶଂସା ପାଇବେ ।

**ଧନୁ ରାଶି –** ଏହି ମାସଟି ଆପଣଙ୍କର ଅତ୍ୟନ୍ତ ଉତ୍ତମ ହେବ.ଦେହ ଓ ମନ ପ୍ରାୟ ଭଲ ରହିବ.ସୁଖସନ୍ତୋଷରେ କର୍ମରେ ଆଗେଇବେ.ଆୟ ମଧ୍ୟମ ଧରଣର ରହିବ.ପାରିବାରିକ ଜୀବନ ଖୁସିରେ କାଟିବେ.ବ୍ୟବସାୟରେ ଲାଭ ହେବ.ବିଦ୍ୟାର୍ଥୀମାନେ ପଢାପଢିରେ ପରିଶ୍ରମ କରି ଉନ୍ନତି କରିବେ.

**ମକର ରାଶି –** ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ.ଆର୍ଥିକ ସ୍ଥିତିରେ ଉନ୍ନତି ହେବ.କର୍ମକ୍ଷେତ୍ରରେ ସାମାନ୍ୟ ଆଗେଇବେ.ପାରିବାରିକ ଜୀବନରେ ସାମାନ୍ୟ ଦୁଃଖ ଆସିପାରେ.ବ୍ୟବସାୟରେ ଉନ୍ନତି ହେବ.ବିଦ୍ୟାର୍ଥୀମାନେ ପଢ଼ାରେ ସଫଳ ହେବେ.

**କୁମ୍ଭ ରାଶି –** ଏହି ମାସଟି ଆପଣଙ୍କର ଅତି ଭଲରେ ଯିବ.କର୍ମକ୍ଷେତ୍ରରେ ସାଫଲ୍ୟତା ଯୋଗ ରହିଛି.ବ୍ୟୟ ଅପେକ୍ଷା ଆୟ ଅତ୍ୟନ୍ତ ବୃଦ୍ଧି ହୋଇପାରେ.ପାରିବାରିକ ଜୀବନ ଅତ୍ୟନ୍ତ ସୁଖଶାନ୍ତିରେ କାଟିବେ.ବ୍ୟବସାୟରେ ଅଗ୍ରଗତି ଘଟିବ.ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ.

**ମୀନ ରାଶି –** ଏହି ମାସଟି ଆପଣଙ୍କର ଉତ୍ତମ ଫଳଦାୟକ ଅଟେ.ଦେହ ଓ ମନ ପ୍ରାୟ ଭଲ ରହିବ.ଆର୍ଥିକ ସ୍ଥିତିରେ ଆୟର ବୃଦ୍ଧି ହେବ.ପାରିବାରିକ ଜୀବନରେ ଅବହେଳା ଦେଖାଦେଇପାରେ.ବ୍ୟବସାୟରେ ଆଗେଇବେ.ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ.

# ଏକ ରାଷ୍ଟ୍ର, ଏକ ନିର୍ବାଚନ



ମଧୁସୂଦନ ମିଶ୍ର

ଏକ ରାଷ୍ଟ୍ର, ଏକ ନିର୍ବାଚନ ଲୋକସଭା ଏବଂ ବିଧାନସଭା ଗୁଡିକ ପାଇଁ ଏକକାଳୀନ ନିର୍ବାଚନ ଏକ ପୂର୍ବ ପ୍ରଚଳିତ ପଦ୍ଧତି । ଏହା ଦ୍ୱାରା ମତଦାତା ନିଜ ନିର୍ବାଚନ ମଣ୍ଡଳୀରେ ଗୋଟିଏ ଦିନରେ ଉଭୟ ଲୋକସଭା ଏବଂ ବିଧାନସଭା ପାଇଁ ମତ ଦେଇଥାଆନ୍ତି । ଏଭଳି ପ୍ରୟାସର ବହୁ ସୁଦୂର ପ୍ରସାରୀ ସୁଫଳ ରହିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ଦେଶ, ଏକ ନିର୍ବାଚନ' ପଦ୍ଧତିକୁ ଆଇନ ସମ୍ମତ ପୁନଃ ପ୍ରଚଳନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ଲୋକସଭାରେ ଏ ସଂକ୍ରାନ୍ତ ବହୁ ପ୍ରତୀକ୍ଷିତ ଦୁଇଟି ବିଲ୍ ଆଗତ ହୋଇଥିଲା । ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଦୁଇଟି ଯାକ ବିଲ୍ ଗୃହରେ ଆଗତ କରିଥିଲେ । ସେଗୁଡିକ ହେଉଛି, ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍- ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ୨୦୨୪ । ଏହି ବିଲ୍ ଆଗତ ସମୟରେ ବିରୋଧୀଦଳ ଗୁଡିକ ପକ୍ଷରୁ ଏକ ଦାବି ଉପସ୍ଥାପନ କରାଯାଇଥିଲା । ତାହା ହେଉଛି, ଲୋକସଭାରେ ବିଲ୍ ଆଗତ ନେଇ ସଦସ୍ୟଙ୍କଠାରୁ ମତଗ୍ରହଣ କରାଯିବା। ଏହି ଦାବିକୁ ଶାସକ ମେଣ୍ଟ ଦଳ ଗ୍ରହଣ କରିବା ସହିତ ବିଲ୍ ଆଗତ ନେଇ ମତ ନିଆଯାଇଥିଲା । ବିଲ୍ ଆଗତ ସପକ୍ଷରେ ୨୬୯ ଜଣ ଏବଂ ବିପକ୍ଷରେ ୧୯୮ଜଣ ସଦସ୍ୟ ଭୋଟ ଦେଇଥିଲେ । ବହୁମତ ଆଧାରରେ ଦୁଇଟି ଯାକ ବିଲ୍ ଗୃହରେ ଆଗତ ହୋଇଥିଲା । ବିଲ୍ ସମ୍ପର୍କୀତ ଆଲୋଚନାରେ ଭାଗ ନେଇ ବିରୋଧୀଦଳଗୁଡିକ ପକ୍ଷରୁ ଏଭଳି ପ୍ରସ୍ତାବ ସଂଘୀୟ ଶାସନ ବ୍ୟବସ୍ଥାର ପରିପନ୍ଥୀ ବୋଲି ଅଭିଯୋଗ କରାଯାଇଥିଲା । ଅଧିକ ତର୍ଜମା ପାଇଁ ଏହି ବିଲ୍ ଦୁଇଟିକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପାଇଁ ସେମାନେ ଦାବି କରିଥିଲେ । ଏଭଳି ଅଭିଯୋଗକୁ ଆଇନମନ୍ତ୍ରୀ ଶ୍ରୀ ମେଘୱାଲ ଖଣ୍ଡନ କରି କହିଥିଲେ, ସମ୍ବିଧାନର ସଂଘୀୟ ଢାଞ୍ଚାକୁ କେହି ବଦଳାଇ ଦେଇପାରିବେ ନାହିଁ । ଏପରିକି ଆଲୋଚନା କାଳରେ ବିଲ୍ ଦୁଇଟିକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ସପକ୍ଷରେ ମଧ ମନ୍ତ୍ରୀ ଶ୍ରୀ ମେଘୱାଲ ମତ ଦେଇଥିଲେ । ଏହି ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର କ୍ୟାବିନେଟରେ ବିଲ୍ ସମ୍ପର୍କୀତ ଆଲୋଚନାବେଳେ ଯୁଗ୍ମ ସଂସଦୀୟ କମିଟିକୁ



ପଠାଇବା ନେଇ ପରାମର୍ଶ ଦେଇଥିଲେ । କାରଣ ଏହି ବିଲ୍ ଉପରେ ପ୍ରତ୍ୟେକ ସ୍ତରରେ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ପରିଶେଷରେ ବିଲ୍ ଆଲୋଚନାର ନିର୍ଯ୍ୟାସ ସ୍ୱରୂପ ବିଲ୍ ଦୁଇଟିକୁ ଯୁଗ୍ମ ସଂସଦୀୟ କମିଟିକୁ ଅଧିକ ବିଚାରବିମର୍ଶ ପାଇଁ ପଠାଇ ଦିଆଯାଇଛି । ଯୁଗ୍ମ ସଂସଦୀୟ କମିଟି ବା ଜେପିସି ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ କମିଟି ଯାହା ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଅଧିକ ବିଚାରବିମର୍ଶ କରିବା ପାଇଁ ଗଠନ କରାଯାଇଥାଏ ।ଏଥିରେ ଉଭୟ ଗୃହର ଶାସକ ଓ ବିରୋଧୀ ଦଳର ମନୋନୀତ ପ୍ରତିନିଧି ସଦସ୍ୟ ଭାବେ ସାମିଲ ହୋଇଥାନ୍ତି । ଏହି କମିଟିର ସଦସ୍ୟ ସଂଖ୍ୟା, କାର୍ଯ୍ୟପ୍ରଣାଳୀ, ବିଚାର ବିମର୍ଶ ଆଧାରିତ ସୁପାରିଶ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଥାଏ । ସମ୍ପୃକ୍ତ ପ୍ରସଙ୍ଗଟି ନେଇ ସୁପାରିସ୍ ପରେ ଯୁଗ୍ମ ସଂସଦୀୟ କମିଟି ଆଉ କାର୍ଯ୍ୟକାରୀ ହୁଏ ନାହିଁ । ଯୁଗ୍ମ ସଂସଦୀୟ କମିଟିର ସୁପାରିଶ ଏକ ପରାମର୍ଶ ଅଟେ ଏବଂ ଏହାକୁ ଦୃଷ୍ଟିରେ ରଖି ସରକାର ତାଙ୍କର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥାନ୍ତି ।(ଏହି କମିଟି ସମ୍ପୃକ୍ତ ଅଂଶୀଦାର, ସାର୍ବଜନୀନ ସଂସ୍ଥା, ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏବଂ ଆଗ୍ରହୀ ପକ୍ଷଙ୍କଠାରୁ ଆବଶ୍ୟକ ମତାମତ ସଂଗ୍ରହ କରିଥାନ୍ତି । ଏହି ସବୁ ମତାମତକୁ ବିଶ୍ଲେଷଣ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ବିଷୟବସ୍ତୁକୁ ଆଧାର କରି ଯୁଗ୍ମ ସଂସଦୀୟ କମିଟି ତା'ର ପରାମର୍ଶ ପ୍ରଦାନ କରିଥାଏ ।

ଏକ ଦେଶ, ଏକ ନିର୍ବାଚନ ପ୍ରସଙ୍ଗରେ ସରକାର ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ୨୦ ୨୩ ସେପ୍ଟମ୍ବର ୨ ତାରିଖରେ ଗଠନ କରାଯାଇଥିବା ଏହି କମିଟିର ମୂଳ ଉଦ୍ଦେଶ୍ୟ ଥିଲା ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକକାଳୀନ କରିବାର ସମ୍ଭାବ୍ୟତା ଉପରେ ପରାମର୍ଶ ପ୍ରଦାନ କରିବା । ଏହି କମିଟି ସାଧାରଣ ଜନତା, ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଏବଂ ଏହି ପ୍ରସଙ୍ଗ ସହ ଜଡିତ ବିଶେଷଜ୍ଞ, ତଥା ବେସରକାରୀ ଅନୁଷ୍ଠାନଠାରୁ ମତାମତ ସଂଗ୍ରହ କରିଥିଲା। ଏହାର ଆଧାରରେ କମିଟି, ଏହାର ପରାମର୍ଶଗୁଡିକ କେନ୍ଦ୍ର ସରକାରଙ୍କଠାରେ ଦାଖଲ କରିଥିଲା । ଗତ ସେପ୍ଟମ୍ବର ୧୮ତାରିଖରେ କେନ୍ଦ୍ର କ୍ୟାବିନେଟ ଏହି ଉଚ୍ଚସ୍ତରୀୟ କମିଟିର ପରାମର୍ଶକୁ ଅନୁମୋଦନ କରିବା ସହିତ ସଂସଦରେ ଏ ସଂକ୍ରାନ୍ତ ବିଲ୍ ଆଗତ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେଣୁ ଅନ୍ୟ ପ୍ରକାରେ କହିଲେ ବହୁ ବିଚାରବିମର୍ଶ, ସମାଜର ବିଭିନ୍ନ ସ୍ତରରୁ ମତାମତ ତଥା ଆଇନର ବିଭିନ୍ନ ଦିଗକୁ ବିଶ୍ଲେଷଣ କରାଯାଇ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଏକକାଳୀନ ନିର୍ବାଚନ ଯଦିଓ ଭାରତର ଗଣତାନ୍ତ୍ରିକ ପଦ୍ଧତି ପାଇଁ ନୂଆ ନୁହଁ, ତଥାପି ଏହାର ପୁନଃ ପ୍ରଚଳନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି । ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକକାଳୀନ ହେବା ଦ୍ୱାରା ନିର୍ବାଚନ ପ୍ରକ୍ରିୟା ସମ୍ପର୍କୀତ ଆହ୍ୱାନଗୁଡିକର ମୁକାବିଲା, ଖର୍ଚ୍ଚହ୍ରାସ ଏବଂ ଅନ୍ୟାନ୍ୟ ବିକାଶୋନ୍ମୁଖୀ କାର୍ଯ୍ୟକ୍ରମଗୁଡିକର ସମୟୋପଯୋଗୀ ସଫଳ ରୂପାୟନ ସମ୍ଭବ ହୋଇପାରିବ।

*ବରିଷ୍ଠ ସାମ୍ବାଦିକ*




MARUTI TEXTILE
M/s. MARUTI TEXTILE
Manufacture of Odisha Handlooms
Sudhir Chanduka
Mob: 9437014889
Raghunath Mishra
Mob: 7064094662
GST No. - 21ABHFM2697K1ZZ
Tel. (0752) 297489 email: sudhir.chanduka73@gmail.com
RAMACHANDI SAHI, PURI-752001 (ODISHA)

State Bank of India Staff Association
Co-operative Society Odisha Ltd. Cuttack - 753002

HOLIDAY RESORT
PURI, ODISHA
Always Trusted Always Ahead
INDULGE IN ELEGANCE AND COMFORT – INTRODUCING OUR EXQUISITE RENOVATED SPACES!





Mr. Rajkishore Patra
Managing Director

FACILITIES :
- Lavish Suites, Cottages, and Rooms
- Redefined Fine Dining
- Rejuvenating SPA
- Revamped Swimming Pool
- Versatile Banquet Spaces

06752 222 440
www.puriholidayresort.com

ICAR-CIFA: Home of Aqua-plosion


The ICAR-Central Institute of Freshwater Aquaculture (ICAR-CIFA) established in 1987 is a premier Institute in freshwater aquaculture research in India under the administrative control of Indian Council of Agricultural Research (ICAR), News Delhi. ICAR-CIFA is undertaking research on basic, strategic and applied aspects of freshwater aquaculture. It has four regional research centers located at Bengaluru, Rahara & Kalyani, Vijayawada and Bhatinda.
MISSION: Excellence in research for developing sustainable and diversified freshwater aquaculture practices for enhanced productivity, quality, water use efficiency and far income.
VISION: Making Indian freshwater aquaculture globally competitive through eco-friendly and economically viable fish and shellfish production systems for livelihood and nutritional security.

Grow Fish Grow with Fish

SIGNIFICANT ACHIEVEMENTS
- Developed and standardized technologies for captive breeding, seed production and culture of cultivable diversified freshwater finfishes (major and minor carps, barbs, murrels, anabas, catfishes like magur, pangas, pabda) and shellfishes like freshwater prawn, indigenous ornamental fish and freshwater mussel.
- Developed genetically improved rohu (Jayanti), giant freshwater prawn (CIFA- GI Scampi) and catla (GI Catla) with higher growth rates of 60%, 50% and 30% respectively. Further, developed AhR-Jayanti for higher growth and *Aeromonas hydrophila* resistance in rohu and shining barb from the selectively-bred rosy barb.
- Houses the National Feed Testing and Referral Laboratory for proximity analysis of feed and feed ingredients, National Referral Labs for fish disease diagnosis
- Developed aquatic medicine formulations like CIFAX, CIFACURE and Diet formulation for broodstock - CIFABROOD and for the grow-out phase in carp culture. CIFA- CARP GROWER commercialized and popularizing application of Plastics in Aquaculture.
- Lays adequate emphasis for transfer of technologies among the end users through institute outreach and Agriculture Business Incubation and is involved in livelihood development, empowerment of women, entrepreneurship development; training and skill development in freshwater aquaculture.
- Operating several flagship schemes of Govt. of India, which includes Mera Gaon Mera Gaurav; Farmer First Project; Swachh Bharat Ahbiyan, Scheduled Caste Sub Plan (SCSP), Schedule Tribe Component (STC) and North East Hill Development (NEH) programme.
- Establishment of 17 Aquaculture Field schools as a model of farmer-to-farmer extension
- "Matsya Setu" app provides the complete online course modules on different aspects of finfishes and shellfishes.

ICAR-Central Institute of Freshwater Aquaculture
*(An ISO 9001:2015 Certified Institute)*
Kausalyaganga, Bhubaneswar-751002, Odisha, India
www.cifa.nic.in | Follow us on www.facebook.com/icarcifa 7790007797

# ଶ୍ରୀଜଗନ୍ନାଥ ମନ୍ଦିରର ବିଲୁପ୍ତ ସେବା ପରମ୍ପରା



ଡଃ ଭାସ୍କର ମିଶ୍ର
ମୋ: ୯୪୩୭୨୮୧୧୦୨

ପ୍ରାଚୀନ ପୁରାଣ ଶାସ୍ତ୍ରାଦିରେ ଉଲ୍ଲେଖ ଅଛି ଯେ, ସମଗ୍ର ପୃଥିବୀରେ ଶ୍ରୀପୁରୁଷୋତ୍ତମ ସଦୃଶ ପୁଣ୍ୟ କ୍ଷେତ୍ର ବିରଳ । ଉତ୍କଳ ଭୂଖଣ୍ଡର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅବସ୍ଥିତି ଯୋଗୁଁ ଏହି କ୍ଷେତ୍ର ଏକ ଆଧ୍ୟାତ୍ମିକ ତୀର୍ଥ ସ୍ଥଳ ଭାବେ ଭାରତବର୍ଷରେ ସୁପରିଚିତ । ଏପରି କି ଦାରୁ ବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କ ଲୀଳା ସ୍ଥଳୀ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବିଷ୍ଣୁ ଉପାସକ ମାନଙ୍କ ପାଇଁ ଏକ ଅତ୍ୟନ୍ତ ପବିତ୍ର ସ୍ଥଳ ରୂପେ ସ୍ମରଣାତୀତ କାଳରୁ ସ୍ୱୀକୃତ ହୋଇଆସିଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି, ସେବାପୂଜା, ଉତ୍ସବ ଇତ୍ୟାଦିର ବ୍ୟାପକତା ଅତୁଳନୀୟ । ୧୯୫୨ ମସିହାରେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ତଥା ନୀତି, ସେବା, ପୂଜା ନିମିତ୍ତ ଏକ ଆଇନ୍ ପ୍ରଣୟନ କରିଥିଲେ । ତାହା 'ଶ୍ରୀଜଗନ୍ନାଥ ମନ୍ଦିର (ପ୍ରଶାସନ) ଆଇନ୍- ୧୯୫୨, ନାମରେ ଅଭିହିତ ଅଟେ । ଉକ୍ତ ଆଇନ୍‌ର ବ୍ୟବସ୍ଥା ପ୍ରକାରେ ଶ୍ରୀମନ୍ଦିରର ସମସ୍ତ ସେବା ବିବରଣୀ, ଠାକୁରମାନଙ୍କ ନୀତି, ସେବା, ପୂଜା, ଯାନିଯାତ୍ରା ଓ ସେବକମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଏକ ସ୍ୱତ୍ୱଲିପି (ଜରମକ୍ଟ୍ୟ କ୍ଟଲ ଜସଶଷଙ୍ଖଙ୍ଖ) ପ୍ରଣୀତ ହେଲା । ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିରେ ମୋଟ୍ ୧୧୯ ପ୍ରକାର ସେବା ବିବରଣ ରହିଅଛି । ଏହି ସ୍ୱତ୍ୱଲିପି ପ୍ରସ୍ତୁତିରେ ପ୍ରାୟ ଦୁଇ ବର୍ଷ ସମୟ ଲାଗିଥିଲା । ଜଣେ ଜିଲ୍ଲା ଜଜ୍ ପାହ୍ୟାର ଅଫିସର ଶ୍ରୀଯୁକ୍ତ ଲକ୍ଷ୍ମଣ ପଣ୍ଡା ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ହୋଇଥିବା କେତେକ ସେବାର ବିଲୁପ୍ତି ସମ୍ପର୍କରେ ଏଠାରେ ଉପସ୍ଥାପନ କରାଗଲା । ୧. ଖଟୁଳି ସେବକ: ଏହି ସେବକ ପ୍ରତ୍ୟହ ଠାକୁରମାନଙ୍କ ଅବକାଶ ସମୟରେ ପାଣି ପଡ଼ି ସାରି ବା ପରେ ବଲ୍ଲଭ ପୂଜାରେ ଅଣସର ପିଣ୍ଡିରେ ଖଟୁ ଲି ପକାଇଥାନ୍ତି । ଏତଦ୍ ?ବ୍ୟତୀତ ପହିଲି ଭୋଗ, ଭୋଗମଣ୍ଡପ ଇତ୍ୟାଦିରେ ମଧ୍ୟ ଖଟୁଳି ପକାନ୍ତି । ସମ୍ପ୍ରତି ଏହି ନାମରେ କୌଣସି ସେବକ ନାହାଁନ୍ତି । ଏପରିକି ରେକର୍ଡ଼ ଅଫ ରାଇଟସ୍ ପ୍ରସ୍ତୁତି ସମୟରେ ଉକ୍ତ ସେବା ନିରଂଶ ହୋଇଯାଇଥିଲା । ୨. ପାଇକ ସେବା : ସ୍ୱତ୍ୱଲିପିର ଉଲ୍ଲେଖ ପ୍ରକାରେ ୧୯୫୨ ମସିହାରେ ୩୬ ଜଣ ପାଇକ ସେବକଙ୍କ ନାମ ଲିପିବଦ୍ଧ ହୋଇଥିଲା । ଏହି ସେବାର ମୁଖ୍ୟ କାର୍ଯ୍ୟ ହେଲା ପରସ୍ପର ପାଳି କରି ଦିବାରାତ୍ର ମନ୍ଦିରରେ ଉପସ୍ଥିତ ରହିବେ । ଦଳାଇ ଓ ଦଳବେହେରାଙ୍କ ନିର୍ଦ୍ଦେଶମତେ କାମ କରିବେ । ଯେତେବେଳେ ଯେଉଁ ସେବା ପାଇଁ ସମ୍ପୃକ୍ତ ସେବକଙ୍କର ଆବଶ୍ୟକ ପଡ଼େ, ପାଇକମାନେ ସାହିକୁ ଯାଇ ସେହି ସେବକମାନଙ୍କୁ ଡାକି ଆଣି ସେବାରେ ହାଜର କରାଇବେ । ଏହାବ୍ୟତୀତ ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘର, ନୃସିଂହ ଓ ଲକ୍ଷ୍ମୀ ମନ୍ଦିର ବାହାର ଦେଉଳି ଭୋଗ ପାଇଁ ପୂଜାପଣ୍ଡାଙ୍କୁ ଡ଼ାକିବେ । ଗୁଣ୍ଡିଚା ମନ୍ଦିର ଓ ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ମଣ୍ଡପରେ ମଧ ଏ କାମ ପାଇକମାନେ କରିଥାନ୍ତି । ଆଶ୍ୱିନ ଷୋଳ ପୂଜା ସଙ୍ଖୁଡ଼ି ଭୋଗ ଶେଷ ତିନି ଦିନ ଭୋଗ ସରିବା ପରେ ସଙ୍ଖୁଡ଼ି ହାଣ୍ଡି ନେଇ ପଶ୍ଚିମ ଦ୍ୱାର ଆଡ଼େ ବାହାର କରିବେ । ଏହି ସେବା ପାଇଁ ବହୁ ପରିମାଣରେ ଜାଗିରି ଜମି ଏମାନେ ପାଇଥିଲେ । ଦିନକୁ ଛଅ ଜଣ ପାଇକଙ୍କର ସେବା ପଡୁଥିଲା । ସକାଳ ବଲ୍ଲଭଠାରୁ ବାହାର ଦେଉଳି ଭୋଗ ଯାଏଁ ତିନି ଜଣ ଏବଂ ତତ୍ପର ନୀତିଠାରୁ ପହୁଡ଼ ଯାଏଁ ତିନି ଜଣ ପାଇକ ଉପସ୍ଥିତ ରହି କାର୍ଯ୍ୟ କରୁଥିଲେ । ଏହି ସେବା ପ୍ରାୟ ୫୫ ବର୍ଷରୁ ଉର୍ଦ୍ଧ୍ୱ ଧରି ବନ୍ଦ ହୋଇଯାଇଛି । ସମ୍ପ୍ରତି ଏଥିମଧ୍ୟରୁ ଅସ୍ୱୀକାଂଶ କାର୍ଯ୍ୟ ଶ୍ରୀମନ୍ଦିରର ଚର୍ଚ୍ଚା କର୍ମଚାରୀ (ମନ୍ଦିର ପୋଲିସ୍) ଏବଂ ପରିମଳ କର୍ମଚାରୀମାନଙ୍କ ଉପରେ ନ୍ୟସ୍ତ ହୋଇଛି । ୩. ପରିଛା (ପରୀକ୍ଷା) ସେବା : ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ ଏହି ପରିଛା ସେବା ଗଜପତି ମହାରାଜାଙ୍କ ରାଜଗୁରୁମାନଙ୍କର ଥିଲା । ଅତୀତରେ ପରିଛାମାନେ ହିଁ ମନ୍ଦିରର ପରିଚାଳକ ଥିଲେ । ଏପରିକି ମନ୍ଦିରର ସମସ୍ତ ନୀତି ଓ ସେବକମାନଙ୍କର କାର୍ଯ୍ୟ ଏହି ସେବକ ତଦାରଖ କରୁଥିଲେ । ଏହାବ୍ୟତୀତ ଦୈନିକ ସକାଳ ଧୂପ ଟେରା ପଡ଼ିଲେ ଦେବଦାସୀ ନୃତ୍ୟ ଆଗରେ ଏହି ସେବକ ସୁନା ବେଦ ଧରି ପଟୁଆର କରାନ୍ତି । ଦୀର୍ଘ ବର୍ଷ ଧରି ଏହି ସେବାର ବିଲୁପ୍ତି ଘଟିଛି । ୪. ବୀଣାକାର ସେବା : ଗବେଷଣାରୁ ଜଣାଯାଏ ଯେ, ୧୯୫୦ ମସିହାରୁ ଏହି ସେବା ବନ୍ଦ ରହିଛି । ବୀଣାକାର ସେବା ମଧ୍ୟରେ ଦୈନନ୍ଦିନ ଚନ୍ଦନ ଲାଗି ସମୟରେ କଳାହାଟ ଦ୍ୱାର ଲଣ୍ଡାବର୍ଷ ତଳେ ଓ ପହୁଡ଼ ସମୟେ ପୁଷ୍ପାଞ୍ଜଳି ଠାକୁରଙ୍କ ସହ ଜୟବିଜୟ ଦ୍ୱାରଠାରୁ ଭିତର ପଲଙ୍କ ପର୍ଯ୍ୟନ୍ତ ଦୈନିକ ବୀଣା ବଜାଇଥାନ୍ତି । ଦୀର୍ଘ ୬୭ ବର୍ଷ ଧରି ଏହି ସେବାରେ ବିଲୁପ୍ତି ଘଟିଥିଲେ ହେଁ ପୁରୀ ସହରରେ ଏବେ ବି ବୀଣାକାର ସେବକଙ୍କ ବଂଶଧରମାନେ ବସବାସ କରୁଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୧୯୭୮ ମସିହାରେ ଶ୍ରୀମନ୍ଦିର ରନ୍ ଭଣ୍ଡାରର ତାଲିକା ପ୍ରସ୍ତୁତ କରାଯିବା ସମୟରେ ଭିତର ଭଣ୍ଡାରରେ ରୂପାର ଏକ ବୀଣା ଭଗ୍ନ ଅବସ୍ଥାରେ ରହିଥିବା ଜଣାଗଲା । ୫. ଗୀତଗୋବିନ୍ଦ ସେବା : ପ୍ରତ୍ୟହ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ବିଗ୍ରହଙ୍କର ଚନ୍ଦନ ଲାଗି ନୀତି ସମୟରେ ଭିତର କାଠ ପାଖରେ ଜନୈକ ବ୍ରାହ୍ମଣ ସେବକ ଗୀତଗୋବିନ୍ଦ ପାଠ ସେବା କରୁଥିଲେ । ଗୀତଗୋବିନ୍ଦ ସେବକ ନିରଂଶ ହେତୁ ୧୯୫୦ ମସିହା ପୂର୍ବରୁ ଏହି ସେବା ବନ୍ଦ ହୋଇଯାଇଥିଲା । ପୁନର୍ବାର ସେହି ସମୟରେ ଜଗନ୍ନାଥ ବଲ୍ଲଭ ମଠ ଓ ରାଘବ ଦାସ ମଠ ତରଫରୁ ପୁରୀ ବାସେଲୀ ସାହିର ନାରାୟଣ ଆଚାର୍ଯ୍ୟଙ୍କୁ ଏହି ସେବାରେ ସାମୟିକ ଭାବେ ନିୟୋଜିତ କରାଯାଇଥିଲା । କିଛି ବର୍ଷ ପରେ ପୁନଶ୍ଚ ଏହି ସେବା ବନ୍ଦ ହୋଇଯାଇଥିଲା । ଫଳରେ ଦୀର୍ଘ ୫୩ ବର୍ଷ ଧରି ଏହି ସେବାର ବିଲୁପ୍ତି ଘଟିଛି । ୬. ସୁଆର ନିଯୋଗ ନାୟକ : ଏହି ସେବକଙ୍କ ଉପରେ ପୂର୍ବେ କୋଠ ଭୋଗ ସୁଆର ନିଯୁକ୍ତି, ସୁଆର ନିଯୋଗ ପରିଚାଳନା, ଦାରୁ ଘର ସମ୍ଭାଳିବା ଓ ବୈକୁଣ୍ଠ ଆୟ ଆମଦାନୀ ବୁଝିବା କାର୍ଯ୍ୟ ନ୍ୟସ୍ତ ଥିଲା । ମାତ୍ର ୧୯୭୦ ମସିହା ଅଦାଲତ ରାୟ ଦ୍ୱାରା ଏହି ସବୁ ସେବା କାର୍ଯ୍ୟ ସୁଆର ମହାସୁଆର ନିଯୋଗର ନିୟମାବଳୀ ଅନୁଯାୟୀ କମିଟି ଦ୍ୱାରା ସମ୍ପନ୍ନ ହୋଇଆସୁଛି । ୭. ଭିତର ଗାଆଣୀ ଦେବଦାସୀ : ଶ୍ରୀମନ୍ଦିର ସ୍ୱତ୍ୱଲିପିରୁ ଜଣାଯାଏ ଯେ, ସେତେବେଳେ ଅର୍ଥାତ୍ ୧୯୫୦ରୁ ୧୯୫୫ ମସିହା ମଧ୍ୟରେ ସର୍ବମୋଟ୍ ୯ଜଣ ଭିତର ଗାଆଣୀ ଦେବଦାସୀ ଶାଢ଼ୀ ବନ୍ଧା ସେବା କରୁଥିଲେ । ଏହି ଦେବଦାସୀ ସେବିକାମାନେ ଶ୍ରୀମନ୍ଦିରରେ ନିମ୍ନ ପ୍ରକାରେ କାର୍ଯ୍ୟ କରୁଥିଲେ । ଯଥା– ସକାଳଧୂପ ପଟୁଆର ବେଳେ ଜଗମୋହନଠାରେ ନୃତ୍ୟ କରିବେ । ବଡ଼ସିଂହାର ଭୋଗ ପରେ ଶୟନ ଠାକୁର ଭିତରକୁ ବିଜେ କଲେ କଳାହାଟ ଦ୍ୱାର ଲଣ୍ଡାବର୍ଷଠାରେ ଠିଆ ହୋଇ ଗୀତଗୋବିନ୍ଦ ଗାଇବେ । ଶୟନ ଠାକୁର ବିଜେ ହୋଇ ଆସିବା ପରେ ଏମାନେ ଆଗେ ଆଗେ ଗୀତ ବୋଲିବେ । ଠାକୁର ଭିତରକୁ (ଗମ୍ଭୀରାକୁ) ଯିବା ପର୍ଯ୍ୟନ୍ତ ଜୟ ବିଜୟ ଦ୍ୱାରଠାରେ ଗୀତ ଗାଇବେ । କାର୍ତ୍ତିକ ମାସରେ ବାଳଧୂପ ବେଳେ ଗୀତ ଗାଇବେ । ବୈଶାଖ ମାସ ଚନ୍ଦନ ଯାତ୍ରା ୪୨ ଦିନ ଯାକ ଆଲଟ ଲାଗି ସମୟରେ ଅଣସର ପିଣ୍ଡିରେ ଠିଆ ହୋଇ ଗୀତ ବୋଲିବେ । ସେହିପରି ୪୨ ଦିନ ଯାକ ଚନ୍ଦନ ଲାଗି ସମୟରେ ଜଗମୋହନରେ ନୃତ୍ୟ କରିବେ । ବାହାର ଚନ୍ଦନ ୨୧ ଦିନ ମଦନମୋହନଙ୍କ ଚାପ ଉପରେ ନୃତ୍ୟ ଓ ଅନ୍ୟାନ୍ୟ ବିଶେଷ ପର୍ବପର୍ବାଣି ଦିନମାନଙ୍କରେ ମଙ୍ଗଳଗାନ, ମାଳଶ୍ରୀ, ବନ୍ଦାପନା, ଫଗୁ ଖେଳ, ହୁଳହୁଳି ଇତ୍ୟାଦି ସେବା କରିଥାନ୍ତି। ତେବେ ଏଥି ମଧ୍ୟରୁ ନୃତ୍ୟ ସେବା ବହୁ ବର୍ଷ ଧରି ବନ୍ଦ ହୋଇଯାଇଥିଲା । ଏପରିକି ୧୯୬୦ ମସିହାରେ ରାଜ୍ୟ ସରକାର ଶ୍ରୀମନ୍ଦିରର ପରିଚାଳନା ଭାର ନେବାର ବହୁ ପୂର୍ବରୁ ଶ୍ରୀମନ୍ଦିରରେ ନୃତ୍ୟ ସେବା ହେଉନଥିଲା । ୧୯୩୩ ମସିହାରେ କୋକିଳପ୍ରଭା ଦେବଦାସୀଙ୍କ ମୃତ୍ୟୁ ପରେ ଏହି ସମସ୍ତ ସେବା ବନ୍ଦ ହୋଇଯାଇଛି । ଏହାର ମୁଖ୍ୟ କାରଣ ହେଲା, ଭିତର ଗାଆଣୀ ଦେବଦାସୀ ରୂପେ ଆଉ କେହି ସେବା କରିବା ପାଇଁ ଶାଢ଼ୀ ବନ୍ଧାଇ ନଥିଲେ । ଏପରିକି ଶେଷ ଦେବଦାସୀ କୋକିଳପ୍ରଭା ତାଙ୍କର ମୃତ୍ୟୁ ପୂର୍ବରୁ କୌଣସି ଝିଅକୁ ପୋଷ୍ୟ କନ୍ୟା ରୂପେ ଗ୍ରହଣ କରିନଥ ?ିବାରୁ ଏହି ସେବାର ବିଲୁପ୍ତି ଘଟିଛି । ୮. ସମ୍ପ୍ରଦା ନିଯୋଗ : ଶ୍ରୀମନ୍ଦିର ସ୍ୱତ୍ୱଲିପିର ସେବା ନଂ ୭୬ର ବିବରଣୀରୁ ଜଣାଯାଏ ଯେ, ସେତେବେଳେ ପ୍ରାୟ ୧୨ ଜଣ ଦେବଦାସୀ ସମ୍ପ୍ରଦା ନିଯୋଗର ଅନ୍ତର୍ଭୁକ୍ତ ଥିଲେ । ଏହି ନିଯୋଗର ତିନିଗୋଟି ଏକାଏକ ସେବା ମଧ୍ୟରେ ରୁକ୍ମିଣୀ– ହରଣ ଏକାଦଶୀ ଦିନ ଲକ୍ଷ୍ମୀ ଠାକୁରାଣୀଙ୍କ ଦାସୀ ସ୍ୱରୂପ ବିପ୍ର ବ୍ରାହ୍ମଣ ସଙ୍ଗେ ଯାଆନ୍ତି, ହେରାପଞ୍ଚମୀ ଦିନ ଦଇତାଙ୍କୁ ଦଣ୍ଡମଣ୍ଡ କରିବା ଓ ରଥ ଭାଙ୍ଗିବା ଏବଂ ନନ୍ଦ ଉତ୍ସବରେ ରୋହିଣୀ, ଯଶୋଦା ସେବା କରିଥାନ୍ତି । ଏହାବ୍ୟତୀତ ପ୍ରତ୍ୟହ ସେବା ମଧ୍ୟରେ ସକାଳ ଧୂପରେ ନୃତ୍ୟ, ଚନ୍ଦନ ଯାତ୍ରା ଚାପରେ ନୃତ୍ୟ, ରୁକ୍ମିଣୀ ବିବାହରେ ଗୀତ, ହୁଳହୁଳି ପକାଇବା, ଖଦୀ ଚାମର ସେବା, ଝୁଲଣ ମଣ୍ଡପ ତଳେ ପଟୁଆର ସେବା ଇତ୍ୟାଦି ଅନ୍ୟତମ । ଏହି ସେବା ମଧ୍ୟରୁ ଅନେକ ସେବା ଲୋପ ପାଇଯାଇଛି । ଏପରିକି ଶ୍ରୀମନ୍ଦିରର ଶେଷ ବାହାର ଗାଆଣୀ ସେବିକା ଶଶି ମଣି ଦେବଦାସୀଙ୍କର ଇତି ମଧ୍ୟରେ ପରଲୋକଗମନ ହୋଇଥିବାରୁ ରୋହିଣୀ ଯଶୋଦା ସେବା, ରୁକ୍ମିଣୀ ବିବାହ ସମୟରେ ଗୀତ, ହୁଳହୁଳି, ଖଦୀ ଚାମର ସେବା ତଥା ନବକଳେବର ସମୟର ହୁଳହୁଳି ସେବା ଇତ୍ୟାଦି ବନ୍ଦ ହୋଇଯାଇଛି । ୯. ମାଦେଳି ସେବା : ଏହି ସେବକ ଦୈନିକ ସକାଳ ଧୂପ ପଟୁଆରରେ ଚନ୍ଦନ ଯାତ୍ରା ସମୟରେ ଚାପ ଉପରେ, କାର୍ତ୍ତିକ ମାସ ବାଳଧୂପ ପଟୁଆରରେ, ସ୍ନାନ ବେଦୀ ସାମନା ପଟୁଆରରେ, ବିମଳା ମନ୍ଦିରରେ ଷୋଳ ପୂଜା ସମୟେ ପଟୁଆରରେ, ଦୋଳ ବେଦୀରେ ଅନୁଷ୍ଠିତ ନୃତ୍ୟ ସମୟରେ, ପ୍ରତ୍ୟେକ ରଥଯାତ୍ରାରେ ଘଣ୍ଟୁଆମାନଙ୍କ ସହିତ ମାଦଳ ବାଦ୍ୟ (ଏକ ପ୍ରକାର ବାଦ୍ୟ ଯନ୍ତ୍ରକୁ ମାଦଳ କୁହାଯାଏ) ବଜାଇଥାନ୍ତି । ୧୯୫୨ ମସିହା ପୂର୍ବରୁ ମାଦେଳି ସେବା ବନ୍ଦ ରହିଥ ?ିବା ଶ୍ରୀମନ୍ଦିର ସ୍ୱତ୍ୱଲିପିରୁ ଜଣାଯାଏ । ଆଜିକୁ ୬୪ ବର୍ଷ ପୂର୍ବେ ଏହି ମାଦେଳି ସେବକ ଭାବେ ମାତ୍ର ଦୁଇ ଜଣଙ୍କ ନାମ ମିଳୁଅଛି । ସେହି ସେବକମାନଙ୍କର ବଂଶଧରମାନେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖସ୍ଥ ବାସେଲୀ ସାହିରେ ଅବସ୍ଥାନ କରୁଥିଲେ । ୧୦. ପତରବନ୍ଧା : ଚଷା ଶ୍ରେଣୀୟ ସେବକ ପତର ବନ୍ଧା ସେବା କରୁଥିଲେ । ଶ୍ରୀମନ୍ଦିରରୁ ଶ୍ରୀନଅରକୁ ଯେତେ ଟାଟ ଯାଏ, ପିଠା ସବୁ ପତରରେ ବାନ୍ଧି ଟାଟୁଆକୁ ଏହି ସେବକ ଦେଇଥାନ୍ତି । ୧୯୫୪ ମସିହାରେ ଏହି ସେବା କରିବାକୁ କେହି ନଥିଲେ, ଯାହାଫଳରେ କି ସ୍ୱତ୍ୱଲିପିରେ କୌଣସି ପତରବନ୍ଧା ସେବକଙ୍କ ନାମ ଉଲ୍ଲେଖ ନାହିଁ । ସମ୍ପ୍ରତି ଏହି କାର୍ଯ୍ୟ ଜନୈକ ବଡୁ ମହାପାତ୍ର ସେବକ କରୁଥିବା ଜଣାଯାଏ । ୧୧. ବୈଜୟନ୍ତୀ ସେବା (ବାଦ୍ୟକାର ସେବା): ଦୈନିକ ସକାଳଧୂପ ଓ ସନ୍ଧ୍ୟା ଧୂପରେ ଏହି ସେବା ସହ ସଂଶ୍ଳିଷ୍ଟ ୫ ଜଣ ବାଦ୍ୟକାର ସେବକ ପାଞ୍ଚ ପ୍ରକାରର ବାଦ୍ୟ ବଜାଉଥିଲେ । ବିଗତ ୪୭ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଥି ମଧ୍ୟରୁ ମହୁରୀ, ସ୍ୱର, ଢୋଲକି ଇତ୍ୟାଦି ବାଦ୍ୟ ବାଜୁ ନଥିବା ଜଣାଯାଏ । କେବଳ ବୈଜୟନ୍ତୀ ସେବକ ସ୍ୱର୍ଗତ ରାମ ମହାପାତ୍ରଙ୍କ ପୁତ୍ରମାନେ ନିୟମିତ ଘସା ବାଦ୍ୟ ବଜାଉଛନ୍ତି । ଅନ୍ୟ ୪ଟି ବାଦ୍ୟଯନ୍ତ୍ର ସେବକମାନଙ୍କ ଦୀର୍ଘ ଅନୁପସ୍ଥିତିରୁ ଏହି ସେବାଗୁଡ଼ିକର ବିଲୁପ୍ତି ଘଟିଛି । ୧୨. ଶଙ୍ଖୁଆ : ଏହି ସେବକ ଦୈନନ୍ଦିନ ସକାଳଧୂପ ପଟୁଆର ସମୟରେ ଜଗମୋହନରେ ଓ ଠାକୁରମାନଙ୍କର ସମସ୍ତ ବିଜେ, ଯାନିଯାତ୍ରା ଓ ବିବାହ ନୀତିରେ ଶଙ୍ଖ ବଜାଇଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଆଜକୁ ପ୍ରାୟ ୮୬ ବର୍ଷ ପୂର୍ବରୁ ଏହି ସେବାର ବିଲୁପ୍ତି ଘଟିଛି । ୧୩. କଳାବେଠିଆ : ଏ ପ୍ରକାର ସେବକମାନେ ହେରାପଞ୍ଚମୀ ପରଦିନ ଗୁଣ୍ଡିଚାପଦାରେ ତିନି ରଥ ଦକ୍ଷିଣମୋଡ଼ କରନ୍ତି ତଥା ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ରଥ ଟଣାରେ ଲୋକ ଅଭାବ ହେଲେ ବା ଆବଶ୍ୟକ ପଡ଼ିଲେ କଳା ବେଠିଆ ସେବକମାନେ ଆସି ରଥ ଟାଣିଥାନ୍ତି । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ରଥ କାଠ ବୋହିବା, ଛାମୁଣ୍ଡିଆ ତିଆରି କରିବା, ଚାରମାଳ ବୋହିବା ଇତ୍ୟାଦି କାର୍ଯ୍ୟ ଅନ୍ୟତମ । ଏହି ସେବା ଓ ବ୍ୟବସ୍ଥା ବହୁ ବର୍ଷ ଧରି ଲୁପ୍ତ ହୋଇଯାଇଛି । ୧୪. କୁମ୍ଭାର ବିଶୋଇ : ଏହି ସେବକ ପ୍ରତ୍ୟହ ଠାକୁରମାନଙ୍କ କୋଠ ଭୋଗ ନିମନ୍ତେ ଆବଶ୍ୟକ ପଡୁଥିବା ହାଣ୍ଡି, କୁଡୁଆ, ଓଳି, ତାଡ଼ ଇତ୍ୟାଦି ମାଟି ପାତ୍ର ଯୋଗାଇଥାନ୍ତି । ପୂର୍ବରୁ ଏହି ସେବା କୁମ୍ଭାରପଡ଼ାର ଥିଲା । ମାତ୍ର କେତେକ ବାରଣ ଯୋଗୁଁ ୧୯୦୬ ମସିହାରେ ରାଜା ମୁକୁନ୍ଦ ଦେବଙ୍କ ହୁକୁମ୍ ଅନୁଯାୟୀ କୁମ୍ଭାର ବିଶୋଇମାନଙ୍କୁ ଏହି ସେବା ପ୍ରଦାନ କରାଯାଇଥିଲା । ୧୯୮୩ ମସିହାଠାରୁ ଏହି ସେବକମାନେ ହାଣ୍ଡି କୁଡୁଆ ଠିକ୍ ସମୟରେ ନ ଯୋଗାଇବାରୁ ୨୯.୧୧.୧୯୮୭ ମସିହାରେ ଅନୁଷ୍ଠିତ ଶ୍ରୀମନ୍ଦିର କାର୍ଯ୍ୟାଳ ୟା ଦେ ଶ ସଂଖ୍ୟା ୯୧୦ (୧୨୩) ତା.୦୫.୦୧.୧୯୮୮ରିଖ ଅନୁଯାୟୀ ସମ୍ପୃକ୍ତ ସେବାକୁ ସ୍ୱତ୍ୱଲିପିରୁ ଉଚ୍ଛେଦ କରାଯାଇଛି । ୧୫. ବାଣୁଆ : ଠାକୁରମାନଙ୍କ ମହାଦୀପ ଜାଳିବା ନୀତିରେ, ଚନ୍ଦନ ଯାତ୍ରାରେ, ବିବାହ ଉତ୍ସବ ଇତ୍ୟାଦି ଦିନମାନଙ୍କରେ ଯାହା ବାଣ ଫୁଟାଯାଏ, ତାହା ଏ ସେବକ ମନ୍ଦିର କର୍ତ୍ତୃପକ୍ଷମାନଙ୍କଠାରୁ ମୂଲ୍ୟ ନେଇ ଯୋଗାଇଥାନ୍ତି । ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ କେବଳ ଜଣେ ମାତ୍ର ବାଣୁଆ ସେବକ ଅନନ୍ତ ଜେନାଙ୍କ ନାମ ଉଲ୍ଲେଖ ହୋଇଛି । ଏହି ସେବା ବଂଶାନୁକ୍ରମିକ ହୋଇନଥବାରୁ ପୂର୍ବ ବାଣୁଆ ସେବକ ନିରଂଶ ହେବାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମ ଲିପିବଦ୍ଧ ହୋଇଥିଲା । ସମ୍ପ୍ରତି ବାଣୁଆ ସେବକ ନାହାଁନ୍ତି । ବାହାର ବାଣୁଆମାନଙ୍କଠାରୁ ମନ୍ଦିର କର୍ତ୍ତୃପକ୍ଷ ଆବଶ୍ୟକ ବାଣ କିଣୁଥିବା ଜଣାଯାଏ । ୧୬. ମାପ ସାଇତାକରଣ (ମହାପ୍ରଶସ୍ତ ସେବା): ଦୈନିକ ଓ ପର୍ବପର୍ବାଣି ଦିନମାନଙ୍କରେ ଭୋଗ ସରିବା ପରେ ଏ ସେବକ ଥାଇ ବିଭିନ୍ନ ସେବକମାନଙ୍କ ତାଲିକା ଅନୁଯାୟୀ ଖେଇ ବଣ୍ଟନ କରନ୍ତି । କିନ୍ତୁ ଉକ୍ତ ସେବକ ତାଙ୍କ ସେବାରେ ଅନୁପସ୍ଥିତ ରହୁଥ ?ିବାରୁ ୨୨.୧୧.୧୯୨୫ର ଏକ ଆଦେଶ ମୁତାବକ ଏହି ସେବାର ବିଲୁପ୍ତି ଘଟିଛି । ୧୭, କୋଠ କରଣ : ଏହି ସେବକ ବେହେରଣ ସିରସ୍ତା ଲେଖନ୍ତି ଓ ଧ୍ୱଜା, ପିଣ୍ଡିକା, ଲାଗି ଇତ୍ୟାଦି ସମସ୍ତ ସିହା (ହିସାବ) ରଖୁଥାନ୍ତି । ଚାପ ଉପରେ ଛୁରି, ଖଣ୍ଡା ସେବା କରନ୍ତି । ସେବା ପୂଜାରେ ଖିଲାପ ହେଲେ ରିପୋର୍ଟ କରିଥାନ୍ତି । ରାଜା ବିଜେ କଲେ ଅନ୍ୟ କରଣଙ୍କ ସହ ଉପସ୍ଥିତ ରହନ୍ତି । ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଏ ପ୍ରକାର ସେବା ବନ୍ଦ ହୋଇଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଭଣ୍ଡାରକରଣ, ଚାଙ୍ଗଡ଼ା କରଣ, ଶିଠ କରଣଙ୍କ କାର୍ଯ୍ୟ ସମ୍ପ୍ରତି ଦେଉଳକରଣ ଓ ତଢ଼ାଉକରଣ ସେବକ ନିର୍ବାହ କରିଆସୁଅଛନ୍ତି । ୧୮, ଚର୍ଚ୍ଚାଇତକରଣ : ଏହି ସେବକ ପ୍ରତିଦିନ ଶ୍ରୀମନ୍ଦିର ଦ୍ୱାରଫିଟା ପୂର୍ବରୁ ପହୁଡ଼ ଯାଏ ଉପସ୍ଥିତ ରହି ସେବକମାନଙ୍କୁ ଡ଼ାକହାକ କରାଇ ଶୃଙ୍ଖଳିତ ଭାବେ ନୀତି କରାଇବେ । ସେବକମାନଙ୍କ ଶାଢ଼ୀବନ୍ଧା ବେଳେ ଚାଙ୍ଗଡ଼ା ମେକାପଠାରୁ ଶାଢ଼ୀ ନେଇ ପାଟଯୋଷୀ ବା ଭିତରଛ ମହାପାତ୍ର ସେବକଙ୍କୁ ଦେଇଥାନ୍ତି । ପହିଲି ଭୋଗ ମାସରେ ବଡ଼ି, କଣ୍ଟେଇ ଆଦି ପହିଲି ଭୋଗ ସାମଗ୍ରୀ ବାଣ୍ଟିଥାନ୍ତି । ଲେଙ୍କା, ପ୍ରଧାନୀ, ପାଇକ ସେବକ ଏହାଙ୍କ ନିର୍ଦ୍ଦେଶରେ କାମ କରିଥାନ୍ତି । ସେବକ ନୀତିରେ ଉପସ୍ଥିତ ନଥିଲେ ତାଙ୍କୁ ଡ଼କାଇ ହାଜର କରାଇବା ଏହାଙ୍କର ପ୍ରଧାନ କାମ ଥିଲା । ସ୍ୱତ୍ୱଲିପି ପ୍ରସ୍ତୁତି ସମୟରେ ଏହି ସେବା ହେଉନଥ ?ିବା ଜଣାଯାଏ । ଏହାର କାରଣ ତତ୍କାଳୀନ ଚର୍ଚ୍ଚାଇତକରଣ ସେବକ ଜଗନ୍ନାଥ ମହାନ୍ତି ନିଃସନ୍ତାନ ଥ ?ିବାରୁ ତାଙ୍କ ଅନ୍ତେ ଏହି ସେବା ବନ୍ଦ ହୋଇଯାଇଛି । ୧୯. ଦଉଡ଼ିବଳା ସେବା : ଏହି ସେବକ ଶ୍ରୀବିଗ୍ରହମାନଙ୍କ ଦୈନନ୍ଦିନ ନୀତି ପାଇଁ ବିମଳାଙ୍କ କୂପରୁ ପାଣି କଢ଼ାଯିବା ନିମନ୍ତେ ଆବଶ୍ୟକୀୟ କତା ଦଉଡ଼ି ଯୋଗାଇଥାନ୍ତି । ଦଉଡ଼ି ଛିଡ଼ି ଗଲେ ନୂଆ ଦଉଡ଼ି ଦେଇ ଛିଣ୍ଡା ଦଉଡ଼ି ନେଇ ଯାଇଥାଆନ୍ତି । ବହୁ ବର୍ଷ ଧରି ଏ ସେବା ବନ୍ଦ ରହିଛି । ମନ୍ଦିର ପ୍ରଶାସନ ପକ୍ଷରୁ ଏହି ଦଉଡ଼ି ସ୍ଥାନୀୟ ବଜାରରୁ କ୍ରୟ ପୂର୍ବକ ଏହି କାର୍ଯ୍ୟ ସମ୍ପନ୍ନ ହେଉଅଛି । ଶ୍ରୀମନ୍ଦିର ସ୍ୱତ୍ୱଲିପି ପ୍ରସ୍ତୁତ ସମୟରେ ୧୧୯ ପ୍ରକାର ସେବାର ବିବରଣୀ ଲିପିବଦ୍ଧ ରହିଥିଲେ ହେଁ, ସେସମୟରେ ରାଜ୍ୟ ସରକାରଙ୍କୁ ଅସହଯୋଗ କରି ତତ୍କାଳୀନ ପୁରୀ ରାଜା ସୁପରିଣ୍ଟେଣ୍ଡେଣ୍ଟ, ମନ୍ଦିର କମାଣ୍ଡର ତଥା ରାଜାନୁଗତ କେତେକ ସେବକ ଓ କର୍ମଚାରୀ ସ୍ୱତ୍ୱଲିପି ପ୍ରସ୍ତୁତକାରୀଙ୍କ ନିକଟରେ ସେବା ସମ୍ବନ୍ଧୀୟ ତଥ୍ୟ ସନନ୍ଦ, ପୁରାତନ କାଗଜାତ୍ ଆଦି ଉପସ୍ଥାପନ କରିନଥିଲେ । ତେଣୁ ଦେଉଳକରଣ, ପୂଜାପଣ୍ଡା, ବିମାନବଡୁ, ଦଇତାପତି ଓ ଅନ୍ୟାନ୍ୟ ସେବକମାନଙ୍କ ବକ୍ତବ୍ୟ, ଛାମୁଚିଟାଉ ଓ ଅନ୍ୟାନ୍ୟ ପ୍ରାମାଣିକ କାଗଜାତ୍ ?କୁ ଆଧାର କରି ତତ୍କାଳୀନ ସ୍ପେଶାଲ ଅଫିସର ଶ୍ରୀ ଲକ୍ଷ୍ମଣ ପଣ୍ଡା ସ୍ୱତ୍ୱଲିପି ପ୍ରସ୍ତୁତି କରିଥିଲେ । ସେହିପରି ସ୍ୱତ୍ୱଲିପି ପ୍ରସ୍ତୁତି ସମୟରେ ସ୍ଥାନୀତ ହୋଇନଥିବା ଅନ୍ୟ ଏକ ସେବା ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିରଙ୍କ ଆଦେଶକ୍ରମେ ୧୯୮୮ ମସିହାରେ 'ବେହେରାକରଣ' ସେବା ପ୍ରଚଳିତ ହୋଇଅଛି । ଉଲ୍ଲେଖଯୋଗ୍ୟ ଯେ, ୧୯୮୮ ମସିହା ପୂର୍ବରୁ ଅର୍ଥାତ୍ ଦୀର୍ଘ ୬୫ ବର୍ଷ ଧରି ଏହି ସେବା ବନ୍ଦ ହୋଇଯାଇଥିଲା ଏହି ସେବାର ପୁନରୁଦ୍ଧାର ହୋଇ ସ୍ୱତ୍ୱଲିପିରେ ଅନ୍ତର୍ଭୁକ୍ତ ହୋଇଛି ।



୧୧୯ ପ୍ରକାର ସେବା ମଧ୍ୟରୁ ଉପରଲି ଖି ତ ସେବାଗୁଡ଼ିକର ବିଲୁପ୍ତି ଘଟିବାର କେତେକ ମୁଖ୍ୟ କାରଣ ମଧ୍ୟରେ (୧) ସେବା ନିରଂଶ ହୋଇଯିବା, (୨) ଅତୀତରେ ଠାକୁରମାନଙ୍କ ସମସ୍ତ ନୀତି ପାଳନ ହୋଇନପାରିବା ଫଳରେ ସେବା କ୍ଷେତ୍ର ରେ ସେବକ ଉପସ୍ଥିତ ନ ହେବା, (୩) ଅଣହିନ୍ଦୁମାନଙ୍କ ଦ୍ୱାରା ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ହେବା ଫଳରେ ଶ୍ରୀବିଗ୍ରହମାନଙ୍କୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର ଓ ଗୋପନରେ ସ୍ୱଳ୍ପ ସଂଖ୍ୟକ ସେବକଙ୍କ ଦ୍ୱାରା ସେବା ପୂଜା ହେଉଥ ?ିବା ଯୋଗୁଁ, (୪) କେତେକ ସେବା, ପୂଜା, ଯାନିଯାତ୍ରା ସାମୟିକ ଭାବେ ବନ୍ଦ ହୋଇଯିବା କାରଣରୁ, (୫) ସାମାନ୍ୟ ଖେଇ ମହାପ୍ରସାଦ ପାଇ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବା ହେତୁ ଏବଂ (୬) ଜାଗିର ଜମି ଓ ଅନ୍ୟାନ୍ୟ ଭୂ-ସମ୍ପତ୍ତିର ଲୋପ, ଉଚ୍ଛେଦ, ହସ୍ତାନ୍ତର, ବିକ୍ରୟ ଆଦି କାରଣରୁ ସେବା ଚଳାଇବା ସମ୍ଭବପର ନହେବା ଇତ୍ୟାଦି କେତେକ କାରଣ ଯୋଗୁଁ ବିଭିନ୍ନ ସମୟରେ ଶ୍ରୀମନ୍ଦିରରେ କେତେକ ସେବାର ବିଲୁପ୍ତି ଘଟିଛି । ମୁଖ୍ୟତଃ ନିର୍ଦ୍ଦିଷ୍ଟ ସେବକ ନିରଂଶ ହେବା ଫଳରେ କେତେକ ସେବା ବିଲୁପ୍ତି ଘଟିବାର ମୁଖ୍ୟ କାରଣ ଅଟେ ।

ବିଶେଷ କର୍ତ୍ତବ୍ୟରତ ଅଧିକାରୀ (ଶ୍ରୀମନ୍ଦିର ପ୍ରଶାସନ) ବିଧି ବିଭାଗ, ଓଡ଼ିଶା, ହାତୀଶାଳ, ପୁରୀ-୨

ତଥ୍ୟ ସୂଚୀ
୧. ଶ୍ରୀଜଗନ୍ନାଥ ମନ୍ଦିର (ପ୍ରଶାସନ) ଆଇନ୍ ୧୯୫୨ ୨. ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି
୩. 'ଅଭିନନ୍ଦନିକା' ସ୍ମରଣିକା-୨୦୦୧, ପୃ.-୪୯ ୪. ଘସା ବାଦ୍ୟକାର (ବୈଜୟନ୍ତୀ ସେବା) ସ୍ୱର୍ଗତ ରାମଚନ୍ଦ୍ର ମହାପାତ୍ରଙ୍କ ସୂତ୍ରରୁ
୫. ଶ୍ରୀମନ୍ଦିର କାର୍ଯ୍ୟାଳୟ ନୀତି ଉପବିଭାଗ
୬. ଶ୍ରୀଧାମ : ଶ୍ରୀଜଗନ୍ନାଥ ଚେତନା –

## ମୁଁ କ୍ଷେତ୍ର ଯିବି



ରକ୍ଷକ ନାୟକ

ଆବିଳ ଅଂଧାରରେ
ପରମାଣୁ ପ୍ରାୟ ଆଲୁଅ ପ୍ରକଟିଛି ଆମ ଆକାଶରେ ସହସ୍ର ସହସ୍ର
ସୂର୍ଯ୍ୟଙ୍କର ବୀଜ ବିନ୍ଦୁ ଅଦୃଷ୍ଟକୁ ଦୃଶ୍ୟ କେବଳ ମହକିଚି ଆମ ମାଟି,
ଆମ କ୍ଷେତ୍ର ଅପାର୍ଥିବ ଏ ବିଚିତ୍ର ଭୂଗୋଳ ।
ମୁଁ କ୍ଷେତ୍ର ଯିବି ।
ସମୟକୁ ସୃଜିଥିବା ସ୍ରୋତଟିଏ
ବହୁଛି ନିଃସମୟତାର ଶୂନ୍ୟ ସମତଳରେ ରଚୁଛି ଦୃଶ୍ୟ, ଦର୍ଶନ,
ଯାତ୍ରା, ମାୟାର ମାତ୍ରା ଫେଣ ପରି ମିଳେଇଯାଇଛି ମହାସାଗରରେ
କୂଳରେ କାଳକୁ ଖେଳାଉଛି ଜଣେ ତ୍ରିଗୁଣ ରଜ୍ଜୁରେ ।
ମୁଁ କ୍ଷେତ୍ର ଯିବି ।
ଅକଥାକୁ କଥା କରି ଦେଇଛି
ଦାଣ୍ଡସାରା ମେଲାଇ ଦେଇଛି ପ୍ରୀତିର ପସରା ଯେତେ ଶୋଷ
ମାରିଲେ ବି ସରୁନାହିଁ ଗରା ଆଦି ଓ ଅନ୍ତକୁ ଯେ ଦୁଇ କାନ୍ଧରେ
ଭୁଜ ଭଳି ସଜେଇ ରଖୁଛି ମେଲାଇ ଦେଇଛି ମଗନର ମହାତାରା
ସେଇ ଭୂମି ହିଁ ଭୂତ ଓ ଭବିଷ୍ୟର
ଆଶ୍ରୟ ବଖରା ।
ମୁଁ କ୍ଷେତ୍ର ଯିବି ।
ଇସାରାରେ ଇସାରାରେ ଇତି ହୋଇଯିବ ଅସଲ ମୂଳକୁ ଛୁଇଁ ହେବନି
ଏମିତି କେତେ ଯୁଗ ଗଲାଣି
କେତେ ରଥୀ ସାରଥୀ, ତନ୍ତ୍ରୀ, ଅପରା କୀର୍ତ୍ତି
ମାଟିରେ ମିଶିଗଲେଣି
ସେଠି କଅଁଳିଛି ଅପବର୍ଗର ଅକ୍ଷର ଜାଣି ଜାଣି କାଳ ଉଜାଣି ।
ମୁଁ କ୍ଷେତ୍ର ଯିବି ।
ବାର ବାର ଯାଇଛି, ପଙ୍ଗତକୁ ପରମ ଭାବିଚି, ଯାନି ଯାତ୍ରାରେ କୋଳାହଳରେ
ଡୁବିଛି ଆପଣା ଅଗଣାରେ ନାଚିଛି ଏବେ ଲାଗୁଛି ସେସବୁ ମିଛ ଏଇ ନାହିଁ, ଏଇ
ଅଛି
ଗୋଟେ ହାବୁକାରେ ସବୁ ଉଭେଇ ଯାଇଛି । ଯାହା ପାଇଛି,
ସବୁ ଚିତ୍ର । ଆଉ ନୁହେଁ ।
ମୁଁ କ୍ଷେତ୍ର ଯିବି ।

*ରାଜ୍ୟପାଳଙ୍କ ପୂର୍ବତନ ଲୋକସମ୍ପର୍କ ଅଧିକାରୀ*
*ରାଜଭବନ, ଭୁବନେଶ୍ୱର-୮*



ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA
ANNIVERSARY CELEBRATIONS
3rd ANNIVERSARY
ସ୍ୱନକ୍ଷତ୍ର ବିଶେଷାଙ୍କ

# ଏକ ଦେଶ ଏକ ନିର୍ବାଚନ: ସମୟକୁ ଅପେକ୍ଷା...

ଗଣତନ୍ତ୍ର ଦେଶର ଗଣମାଧ୍ୟମ ହେଉଛି ଚତୁର୍ଥ ସ୍ତମ୍ଭ ।ଏବଂ ଗଣମାଧ୍ୟମ ନିରେପକ୍ଷ ଭାବେର ଗଣତନ୍ତ୍ରର ମୂଲ୍ୟାୟନ ମଧ୍ୟ କରିଥାଏ ତେଣୁ ଗଣମାଧ୍ୟମ ଦୃଷ୍ଟିରେ ଅମେ ଯଦି 'ଏକ ଦେଶ ଏକ ନିର୍ବାଚନ'ଚିନ୍ତାଧାରାର ଗଭୀର ଅନୁଶୀଳନ କରିବା ତେବେ ଏହାର ଦୁଇଟି ରୂପ ଅମେ ଦେଖିବାକୁ ପାଇବା ଗୋଟିଏ ରୂପ ଆମକୁ ଏହାର ଗାରିମାର ଚିତ୍ର ବଖାଣୁଥିବା ବେଳ ଦ୍ୱିତୀୟ ରୂପ ଟି ଏହାର ଯଥାଥର୍ତାକୁ ଅେନକ ପ୍ରଶ୍ନବାଚୀ ମନ ଭିତେର ଆଣିଥାଏ ।ଇତିହାସକୁ ଅବେଲାକନ କେଲ ଜଣାଯାଏ ଆମ ଦେଶ ସ୍ୱାଧୀନତା ଲାଭ କରିବା ପେର ୧୯୬୭ ମସିହା ପର୍ଯ୍ୟନ୍ତ ଏକ ଦେଶ ଏକ ନିର୍ବାଚନ ଧାରାକୁ ବଜାୟ ରଖିଥିଲା କିନ୍ତୁ ପରବର୍ତୀ ସମୟେର ୧୯୬୮ ଏବଂ ୧୯୬୯ ମସିହା ପରଠାରୁ କିଛି ରାଜ୍ୟ ବିଧାନସଭା ନିର୍ଦ୍ଧାରିତ ସମୟ ପୂବର୍ରୁ ଭଙ୍ଗ ହୋବାରୁ ଏହି ପରଂପରା ମଧ୍ୟ ଦିଗହରା ହୋଇ ପଡିଥିଲା ।୨୦୧୪ର ଦେଶେର ସରକାର ପରିବତର୍ନ ହୋଇ ନେରନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ହେବା ପେର ଏହି ଏକ ଦେଶ ଏକ ନିର୍ବାଚନ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଭାବେର ବିଭିନ୍ନ ସମୟେର ଉପସ୍ଥାପନ କରିଥିଲେ ।ଯଦି ଏକ ଦେଶ ଏକ ନିର୍ବାଚନ ଆମ ଦେଶେର ଲାଗୁ କରାଯାଏ ତେେବ ଏଥିରୁ ଅେନକ ଫାଇଦା ମଧ୍ୟ ମିଳିବ ବୋଲି ସେ ଯୁକ୍ତି ମଧ୍ୟ ବାଢ଼ିଛନ୍ତି । ଏହାଦ୍ୱାରା ଦେଶର ଆର୍ଥିକ ଅପଚୟ ରୋକା ଯାଇ ପାରିବ ଏବଂ ମାନବସମ୍ବଳର ସଠିକ୍ ଉପେଯାଗ ମଧ୍ୟ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଏବଂ କେନ୍ଦ୍ରର ଏନ୍‌ଡିଏ ସରକାର ଯୁକ୍ତି ମଧ୍ୟ କରୁଛନ୍ତି । କିନ୍ତୁ ଅମେ ଯଦି ବିରୋଧୀଙ୍କ ମତ ଉପେର ନଜର ପକାଇବା ତେେବ ସେମାନଙ୍କ



ପୂର୍ଣ୍ଣେନ୍ଦୁ ପଟ୍ଟନାୟକ

ଯୁକ୍ତି ହେଉଛି ଏହା ଦେଶକୁ ଏକଛତ୍ରବାଦ ଶାସନ ଆଡକୁ ନେଇଯାଇପାେର ।ଦେଶର ଆର୍ଥିକ କ୍ଷତି କମ୍ ହେବ ଏହା ସତ ହୋଇପାେର କିନ୍ତୁ ଗଣତନ୍ତ୍ର ତାର ସାବର୍ଭୌମତ୍ୱ ହରାଇବ ।ଏହା ସହ ଦେଶେର ଅସ୍ଥିରତା ମଧ୍ୟ ଦେଖାଦେଇପାେର ।କିଛି ରାଜ୍ୟେର ଝୁଲା ସରକାର ଗଠନ ହେେଲ ତାହା ଭାଙ୍ଗି ଯାଇପାେର ଏବଂ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାେର ।ଯାହା ଗଣତାନ୍ତ୍ରିକ ଦେଶ ପାଇଁ ଶୁଭଙ୍କର ନୁହେଁ ।ଅନ୍ୟପେଟ ଅମେ ଯଦି ପେଡାଶୀ ରାଷ୍ଟ୍ର ପାକିସ୍ତାନ ଉପେର ନଜର ପକାଇବା ତେେବ ସେଠାେର ଏକ ଦେଶ ଏକ ନିର୍ବାଚନ ଧାରା ଜାରି ରହିଛି ।କିନ୍ତୁ ଏଠାେର ସରକାରଙ୍କୁ ନେଇ ସବୁେବେଳ ଅସ୍ଥିରତା ମଧ୍ୟ ଅମେ ଦେଖିବାକୁ ପାଉଛ ସେହିପରି ଯଦି ଅମେ ନେପାଳ ଉପେର ନଜର ପକାଇବା ତେେବ ଏଠାେର ମଧ୍ୟ ଏକ ଦେଶ ଏକ ନିର୍ବାଚନ ରହିଥିଲା କିନ୍ତୁ ୨୦୧୫ ମସିହା ପରଠାରୁ ଏଠାେର ସମ୍ବିଧାନ ସଂଶୋଧନ କରାଯାଇ ଏେବ ଏହି ଧାରାରୁ ଦୂେରଇ ଯାଇଛି ନେପାଳ ତେଣୁ ଏହାର ନକରାତ୍ମକ ପ୍ରଭାବ ଅମେ ଦେଖିବାକୁ ପାଉଛୁ ଆମ ପେଡାଶୀ ଦେଶ ମାନଙ୍କେର ।କିନ୍ତୁ ସ୍ୱିେଡନ ଭଳି ଆଧୁନିକ ଦେଶେର ଏେବବି ଚାଲିଛି ଏକ ଦେଶ ନିର୍ବାଚନର ପ୍ରଥା ବେଲଜିୟମେର ମଧ୍ୟ ୟୁେରାପୀୟ ଦେଶ ସମୂହ ନିର୍ବାଚନ ସହ ଦେଶର ନିର୍ବାଚନ ଅନୁଷ୍ଠିତ ହୋଇଥାଏ ।ଗତ ବର୍ଷ ଡିସେମ୍ବର ୧୭ତାରିଖେର ଲୋକସଭାେର ଏକ ଦେଶ ଏକ ନିର୍ବାଚନ ବିଲ୍ ଆଗତ କରାଯାଇଛି ଏବଂ ପରବର୍ତୀ ସମୟେର ଏହି ବିଲ୍‌କୁ ଉଚ୍ଚସ୍ତରୀୟ ସଂସଦୀୟ କମିଟିକୁ ପଠାଯାଇଛି ଏହାର ବିଶ୍ଳେଷଣ କରିବା ପାଇଁ । ସଂସଦୀୟ କମିଟି ଯେଉଁ ପରାମର୍ଶ କିମ୍ବା ସଂଶୋଧନ ପ୍ରସ୍ତାବ ଦେବ ତାହା ଉପେର ଗୃହେର ଅାଲୋଚନା କରାଯିବ ଏବଂ ଶେଷେର ଏହା ଗୃହୀତ ହେବ ନା ନାହିଁ ତାହା ସମୟ ହିଁ କହିବ ।କିନ୍ତୁ ଏହି ବିଲ୍‌ର ଯେତିକି ସକରାତ୍ମକ ଦିଗ ରହିଛି ସେତିକି ନକରାତ୍ମକ ଦିଗ ମଧ୍ୟ ରହିଛି ବୋଲି ଅମେ କହି ପାରିବା ।

*ବଳଭଦ୍ର ଗଳି, ପୁରୀ*

# ଅବୋଧ ଗଣତନ୍ତ୍ର: ଅବୁଝା ଗଣମାଧ୍ୟମ

## (ଏକ ରାଷ୍ଟ୍ର ଓ ଏକ ନିର୍ବାଚନରେ ଗଣମାଧ୍ୟମର ଭୂମିକା)

ପୃଥିବୀର ସର୍ବବୃହତ ଗଣତନ୍ତ୍ର ବୋଲି କୁହାଯାଉଥିବା ଭାରତବର୍ଷ ଗଣତନ୍ତ୍ର ଏବେ ବି ମୋ ପାଇଁ ଅବୋଧ, ପିଲାଦିନେ ପାଠ ବହିରେ ପଢ଼ାଯାଇଥିଲା ।–"ଏଇ ଦିନ ଆମେ ସ୍ୱାଧନ ହେଲୁ, ବିଦେଶୀ ହାତରୁ ଶାସନ ନେଲୁ,"ଆମେ ଚଳାଇଛୁ ଦେଶ ଆମରି ଆମରି ନାଆରେ ଆମେ ନାଉରୀ ।"ଏହି ।ଠବଢ଼ିର କବିତାକୁ ଏ ବୟସରେ ବାରମ୍ବାର ମନେ ପକାଇଲାବେଳେ ଭାବିବାକୁ ହୁଏ, ସତରେ କଣ ଆମେ ଆମ ନାଆର ନାଉରୀ? ଆମର ପବିତ୍ର ସମ୍ବିଧାନରେ ଉଲ୍ଲେଖ ଥିବା ଜନଗଛ ପାଇଁ ଜନଗଣଙ୍କ ଦ୍ୱାରା ଓ ଜନଗଣଙ୍କର କଣ ସତରେ ଆମକୁ ସତ ଲାଗେ ?? ନିର୍ବାଚନ ବର୍ଷ ରୂେ ୧୯୫୨ ମସିହାକୁ ଧରାଯାଏ । ସମ୍ବିଧାନର ଧାରା ୮୩(୨)ରେ ଲୋକସଭା ଓ ଧାରା ୧୭୨(୧) ରାଜ୍ୟ ବିଧାନସଭାର ନିର୍ବାଚନ ୫ବର୍ଷରେ ଥରେ ହେବାର ଉଲ୍ଲେଖ ରହିଛି । ଆମ ନିର୍ବାଚନ ପ୍ରତିନିଧି ଥରେ ନିର୍ବାଚିତ ହେବା ପରେ ଦେଶର କଲ୍ୟାଣ ଓ ବିକାଶ ପାଇଁ କେବେ ଥରେ କଣ ଜନଗଛ ମତାମତ ନିଅନ୍ତି ?"ଆମ ନିର୍ବାଚନ ଏବେ ।ଲଟିଯାଇଛି ମାଗଣା ଦେଇ କୋଟି କୋଟି ମଣିଷଙ୍କୁ ଅକର୍ମା କରିବାର ବିଧିବଦ୍ଧ ଯୋଜନା । ଏବେ ମାଗଣା ଚାଉଳ, ଘର, ଭତା , ଛତା, ଯୋତା, ଶାଢ଼ୀ, ବିଜୁଳି ଓ ପାଣି ପାଇଁ ଯେପରି ଘୋଷଣା ନାମା କରାଯାଉଛି ବା ଇସ୍ତାହାର ପ୍ରକାଶ ପାଉଛି, ବୋଧହୁଏ ମୋ ଭଳି ଭାରତୀୟ ୫ବର୍ଷରେ ନୁହେଁ ପ୍ରତିବର୍ଷ ଏକ ନିର୍ବାଚନ ଇଚ୍ଛା କରୁଛନ୍ତି । କ୍ଷମତାକୁ ଆସିବା ପାଇଁ ବିଭିନ୍ନ ଦଳର ଲଢ଼େଇ ଓ କ୍ଷମତାରୁ ହଟାଇବା ପାଇଁ ବିଭିନ୍ନ ଦଳର ଅରୁଚିକର ଆକ୍ଷେ, ସତରେ କଣ କେବେ ଏକ ରାଷ୍ଟ୍ର: ଏକ ନିର୍ବାଚନ ସମ୍ଭବ କରିପାେ/ ଏହା ହିଁ ୧୪୪ କୋଟି ଭାରତୀୟଙ୍କ ମନରେ ପ୍ରଶ୍ନ ?""ସମ୍ବିଧାନର ଧାରା ୧୨୯ରେ ରହିଛି ଏହି ଆହ୍ୱାନ, ଯାହାର ସଂଶୋଧନ ପାଇଁ ୧୨୯ ତମ ସଂଶୋଧନ ବିଲ ୨୦୨୪, ଗତ ୧୭ ଡିସେମ୍ବର ୨୦୨୪ରେ ଲୋକସଭାରେ ଆଗତ ହୋଇଛି । ତଥ୍ୟ ଅନୁଯାୟୀ, ୨୦୧୯ ଅଗଷ୍ଟ ୧୩ରେ ସମ୍ବିଧାନର ଅନୁଚ୍ଛେଦ ୨୪୩-କେ ଓ ୨୪୩-ଜେଡ୍‌ଏର ସଂଶୋଧନ ପ୍ରସ୍ତାବ ଆଗ ହୋଇ ସବୁ ରାଜ୍ୟମାନେ ଏଥିରେ ଏକମତ ହେବା ପାଇଁ ନିବେଦନ କରାଯାଇଥିଲା । ଗତବର୍ଷ ପ୍ରାକ୍ତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ ୮ଜଣିଆ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇ ବିଭିନ୍ନ ରାଜ୍ୟ ଗସ୍ତ କରିବା ପରେ ଓ ବିଭିନ୍ନ ରାଜନୈତକ ଦଳ ସହ ଆଲୋଚନା କରିବା ପରେ ୧୭ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘସ୍ୱାଲା ଏହାକୁ ପେସ୍ କରିଥିଲେ । ବିରୋଧୀ ଦଳଙ୍କ ପ୍ରବଳ ପ୍ରତିବାଦ ମଧରେ ଭୋଟିଂ ଅନୁଯାୟୀ ଏହି ବିଲ ଯୁଗ୍ମ ସଂସଦୀୟ କମିଟି (ଜେପିସି)"କୁ ପଠାଯାଇଛି । ଏହି ଭୋଟିଂ ରେ ଏନ୍‌ଡିଏ ର ୨୬୯ ସଦସ୍ୟ ଏହାକୁ ସମର୍ଥନ




କରିଥିବାବେଳେ ଇଣ୍ଡିର ୧୯୮ ସଦସ୍ୟ ଏହାକୁ ବିରୋଧ କରିଥିଲେ । କମିଟିର ସୁପାରିଶ ଅନୁଯାୟୀ ଏକ ବିଧେୟକ ପ୍ରସ୍ତୁତ ହେବ । ନିର୍ବାଚନର ଢ଼ାଂଚା ବଦଳିବ । ତେବେ ୫୪୫ଜଣ ସଦସ୍ୟଙ୍କୁ ନେଇ ଗଠିତ ଲୋକସଭା ର ସଂଖ୍ୟା ୫୪୫ ଥିବାରୁ ଏହି ବିଲକୁ ପାସ୍ କରାଇବା ପାଇଁ ଦୁଇ ତୃତୀୟଂଶ ଅର୍ଥାତ୍ ୩୬୪ ସଂଖ୍ୟା ଆବଶ୍ୟକ । ।ହା ଏବେ ଏନ୍‌ଡିଏ ପାଖେ ନାହିଁ କି ଚଳିତ ୫ବର୍ଷ ବର୍ଷ ଭିତରେ ଏହି ସଂଖ୍ୟା ହେବା ସମ୍ଭବ ମଧ ନୁହେଁ । ଏଣୁ ଡିସେମ୍ବର ୧୨ରେ କ୍ୟାବିନେଟ ଅନୁମୋଦନ ଲାଭ କରି, ଲୋକସଭାର ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ଦ୍ୱାରା ଯୁଗ୍ମ ସଂସଦୀୟ କମିଟିକୁ ଯାଇଥିଲେ ବି ଏହା ତ୍ରିଶଙ୍କୁ ଭଳି ଝୁଲିରହିବ ଏହା ନିଶ୍ଚିତ । "ଏ ସଂପର୍କରେ ବିଚାର କଲେ ଦେଖାଯାଏ ଯେ ଆମ ଗଣତନ୍ତ୍ରରେ ଥିବା ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ, ସଂଖ୍ୟା ଗରିଷ୍ଠତା ହରାଇଲେ, ସରକାର ଭାଙ୍ଗିଯାଏ ଓ ଜନଗଣ ପୁଣି ଏକ ନିର୍ବାଚନର ଅପେକ୍ଷା କରନ୍ତି । ଇତିହାସ ଅନୁଯାୟୀ ୧୯୫୨, ୧୯୫୭, ୧୯୬୨ ଓ ୧୯୬୭ ସର୍ବମୋଟ ଚାରିଥର ଭାରତବର୍ଷରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ହୋଇପାରିଥିଲା । ସମ୍ବିଧାନର ୩୫୬ ଧାରା ପ୍ରୟୋଗରେ ଅନେକ ସମୟରେ କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କୁ ହଟାଇବା ବ୍ୟବସ୍ଥା କାରଣରୁ ଏକ ସମୟରେ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ ସମ୍ଭବ ହୋଇପାରୁନି । ୧୯୬୭ ପରେ ଉତର ଭାରତରେ ଅଧିକାଂଶ ରାଜ୍ୟ କଂଗ୍ରେସ ହଟାଓ ରେ ଲାଗିବା ଦ୍ୱାରା ଅନେକ ରାଜ୍ୟରେ ଅଣ କଂଗ୍ରେସର ସରକାର ଆସିଥିଲେ ହେଁ, ବିଭିନ୍ନ ଦଳଙ୍କୁ ଗଢ଼ାଯାଇଥିବା ସରକାରରେ ଆଦର୍ଶଗତ ଓ ନୀତିଗତ ମତପାର୍ଥକ୍ୟରୁ ସେହି ରାଜ୍ୟ ଆଉ ଏକ ନିର୍ବଚାନକୁ ଲୋଡ଼ିବାକୁ ବାଧହେଲା । ସେହିପରି ୧୯୬୯ରେ କଂଗ୍ରେସରେ ବିଭାଜନ ହେତୁ ଇନ୍ଦିରା ଗାନ୍ଧୀ ସରକାରକୁ ଆସିଥିଲେ ହେଁ, ସୁରୁଖୁରୁରେ ଶାସନ ଚଳାଇବା ସମ୍ଭବ ନହେବାରୁ ଲୋକସଭା ଭଂଗାଯାଇ, ୧୯୭୧ରେ ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ୧୯୯୭ରେ ମିଳିତ ସାମ୍ମୁଖ୍ୟ ସରକାର ଭାଙ୍ଗିବା ପରେ ୧୯୯୮ରେ ଲୋକସଭା ନିର୍ବାଚନ ଓ ବାଜପେୟୀ ସରକାରଙ୍କ ଠାରୁ ଜୟଲଳିତାଙ୍କ ଦଳ ସମର୍ଥନ ପ୍ରତ୍ୟାହାର ହେତୁ ୧୯୯୯ରେ ପୁନଃ ନିର୍ବାଚନ ହେଲା ।"ଏବେ ଏବେ ପଶ୍ଚିମବଂଗ, ଓଡ଼ିଶା, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ, ହରିୟାଣା, ମହାରାଷ୍ଟ୍ର ସହ ଓଡ଼ିଶାର ବିଧାନସଭା ନିର୍ବାଚନ ରହିଛି । ଦି ଏକ ସମୟରେ ନିର୍ବାଚନ ନିଷ୍ପତି ହୁଏ ଏହି ରାଜ୍ୟମାନେ କଣ କ୍ଷମତା ଛାଡ଼ିବାକୁ ରାଜିହେବେ ?? ବିଦେଶୀ ହାତରୁ ଶାସନ ନେଇଥିବା ଦଳମାନେ କ୍ଷମତାକୁ ଥରେ ଭୋଗିବା ପରେ, କଣ ଛାଡ଼ିପାରନ୍ତି ?? ଏକ ତଥ୍ୟରୁ ଜଣାଯାଏ ୨୦୧୪ ମସିହା ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନରେ ନିର୍ବାଚନ ପାଇଁ ୩୮୭୦କୋଟି ଖର୍ଚ୍ଚ କରିଥିଲା ଯାହା ୨୦୧୯ରେ ୪୫୦୦ କୋଟିରେ ପହଂଚିଥିଲା । ହିସାବରୁ ଜଣାଯାଇଛି ଯଦି ଏକରାଷ୍ଟ୍ର, ଏକ ନିର୍ବାଚନ କରାଯାଏ ତେବେ ଭାରତବର୍ଷକୁ ୩୫ ହଜାର କୋଟି ରୁ ୫୦ ହଜାର କୋଟି ଖର୍ଚ୍ଚ ରୁ ରକ୍ଷା କରାଯାଇପାରିବ । ତେବେ ଏହି ଅର୍ଥରେ କଣ ଭାରତବର୍ଷ ସମୃଦ୍ଧ କି ବିକଶିତ ହେବ? ଯେଉଁଠି ମାଗଣା ବଂଟନର ଅର୍ଥରାଶି, ନିର୍ବାଚନ ଅର୍ଥ ରାଶିରୁ ଅନେକ ଗୁଣ ଅଧିକ, ସେଠାର ଦେଶର ନିର୍ବାଚନଜନିତ ଅପବ୍ୟୟ ରୋକିବାକୁ କ୍ଷମତାସୀନ ଦଳମାନଙ୍କର ଆନ୍ତରିକତା ରହିବ , ଏହା ସତ୍ୟ ନୁହେଁ ।"ତେବେ ୧୯୫୨ ମସିହା ବେଳକୁ ଓ ୧୯୬୭ ରେ ଏକ ସମୟରେ ନିର୍ବାଚନ ବନ୍ଦ ହେବା ପର୍ଯ୍ୟନ୍ତ ସମୟ ମଧରେ ଅମର ଉଜାଲା, ଦୈନିକ ଜାଗରଣ, ନବ ଭାରତ, ପଂଜାବକେଶରୀ, ସମାଜ, ରାଜସ୍ଥାନ ପତ୍ରିକା, ଡେକାନ ହେରଲାଡ୍, ଦି ପାୱନିର, ଷ୍ଟେଟସ ମ୍ୟାନ, ଟାଇମସ ଅଫ୍ ଇଣ୍ଡିଆ, ଆନନ୍ଦ ବଜାର ପତ୍ରିକା, ପ୍ରଜାତନ୍ତ୍ର, ନବଭାରତ ଟାଇମ୍ସ, ଇଣ୍ଡିଆନ୍ ଏକ୍ସପ୍ରେସ, ଦୈନିକ ଭାସ୍କର ଭଳି ଅନେକ ଜଣାଶୁଣା ଗଣମାଧ୍ୟମ ଥିଲେ । ଲେ ଏକରାଷ୍ଟ୍ର, ଏକନିର୍ବାଚନ ଧାରା ବ୍ୟାହାତ ହେବା ପରେ, କିଏ ଜଗଗଣଙ୍କ ମନରେ ନୂଆ ଉନ୍ମାଦନା କମ୍ବା ଚେତନା ଦେଇଥିଲେ, ତାହା ଭାବିବାର କଥା । ପ୍ରତି ସମୟରେ ଗଣମାଧ୍ୟମମାନେ ଏକ ରାଜନୈତିକ ଦଳ ବା ଦଳୀୟ ନେତାର ମାଲିକାନାରେ ରହିଆସିଛି । ଯଦ୍ୱାରା କ୍ଷମତାଶୀନ ଦଳକୁ ସକରାତ୍ମକ ସମାଲୋଚନା କରିବା ସମ୍ଭବ ହୋଇନାହିଁ, ଯେଉଁ କିଛି ନକରାତ୍ମକ ସମାଲୋଚନା କରିଛନ୍ତି ସେମାନେ କ୍ଷମତାସୀନ ସରକାର ଦ୍ୱାରା ନିର୍ଯାତିତ ହୋଇ, ନୀରବ ରହିବାକୁ ଶ୍ରେୟ ମଣିଛନ୍ତି । ଆକାଶବାଣୀ ଓ ଦୂରଦର୍ଶନ ଭଳି ଗଣମାଧ୍ୟମ ତ ଯୁଗେ ଯୁଗେ ସରକାରୀ ପ୍ରଶଂସା କରିଚାଲିଛି, ତେବେ ଜନମତ ବଦଳିବ କିପରି? କିଏ ଜନଗଣଙ୍କର ସ୍ୱର ଉଠାଇବ?"୧୯୬୭ ରୁ ୨୦୨୫ ପ୍ରାୟ ୫୮ବର୍ଷ ପରେ କ୍ଷମତାସୀନ ଏନ୍‌ଡିଏ ସରକାର, ଏକ ରାଷ୍ଟ୍ର: ଏକ ନିର୍ବାଚନ ପାଇଁ ଅଂଟା ଭିଡିଛନ୍ତି, ହେଲେ ଦୁଇ ତୃତୀୟାଂଶ ସଂଖ୍ୟା ଅଭାବରୁ ଏହି ବିଲ ଗୃହୀତ ଏବେ ସମ୍ଭବୁହେଁ । ୨୦୨୯ ନିର୍ବାଚନ ବେଳକୁ ନିର୍ବାଚନ ଦୃଶ୍ୟପଟ କଣ ହୋଇଥିବ କିଏ ନେତୃତ୍ୱ ନେଉଥିବ, ତାହାର ଆକଳନ କରିବା ସମ୍ଭବ ନୁହେଁ । ତା'ଛଡ଼ା ବିଭିନ୍ନ ଆଂଚଳିକ ଯେଉଁ ଅବସ୍ଥାରେ ଅଛନ୍ତି, ୨୦୨୯ ବେଳକୁ ସେମାନଙ୍କ ନେତାର ମୃତ୍ୟୁରେ ସେସବୁ ଦଳ ମଧ୍ୟରୁ ଅନେକ ନିଶ୍ଚିହ୍ନ ହୋଇଯାଇଥିବେ । ଏଭଳି ସ୍ଥିତିରେ ୫୪୫ ରୁ ୩୬୪ ସାଂସଦ ଏକ ଦଳରୁ ବା ଏକତ୍ରୀତ ହେବା, ଆଗାମୀ ଭବିଷ୍ୟତରେ ସମ୍ଭବ ନୁହେଁ ନିଶ୍ଚୟ ।"ଓର୍ବଶେଷରେ ଏହା ଅନୁଭବ ହୁଏ ଯେ, ୭୮ ବର୍ଷର ସ୍ୱାଧୀନତା ପରେ ଆମ ଗଣତନ୍ତ୍ର ଆମେ ପାଇଁ ଅବୋଧ । ଯେଉଁ ସମ୍ବିଧାନ ନିର୍ବାଚିତ ପ୍ରତିନିଧିର ଅବସର ବୟସ ନିର୍ଦ୍ଧାରଣ ନ କରିଛି, ଯେଉଁ ସମ୍ବିଧାନ ଅପାଠୁଆ ପ୍ରତିନିଧିଙ୍କ ଦ୍ୱାରା ଇଂରାଜୀ ବିଲ କୁ ଗୃହୀତ କରାଇ ଆଇନ କରୁଛି ଯେଉଁ ସମ୍ବିଧାନ ଅପରାଧ ଓ ଅପରାଧୀ ପ୍ରତିନିଧି ଉପରେ ଏଯାଏଁ ଅଂକୁଶ ଲଗାଇପାରିନି, ଯେଉଁ ସମ୍ବିଧାନ ବିଦ୍ୟା ଓ ବାଗ୍ମୀତା ବଦଳରେ ଜାତିଗତ ସଂରକ୍ଷଣ ବଜାୟ ରଖି, ଭାରତବର୍ଷର ଅବକ୍ଷୟ କରୁଛି, ସେଇ ସମ୍ବିଧାନ ଏକରାଷ୍ଟ୍ର, ଏକନିର୍ବାଚନ କରିବ ସମ୍ଭବ କିପରି? କ୍ଷମତାରୁ ହଟିଯିବାକୁ କଣ କେଉଁ ଦଳ ବା ବ୍ୟକ୍ତି ଆଜିର ସମୟରେ ଏକମତ ହୋଇପାରେ? କେଉଁ ଗଣମାଧ୍ୟମ କଣ ସରକାରକୁ ସମାଲୋଚନା କରି ବଂଚିଯାଇପାରେ?"ଯେଉଁଠି ଆମର ବିରାଟ ଓ ପବିତ୍ର ସମ୍ବିଧାନ ରାଜତୋର ପଛପକେଟରେ ଏକ କ୍ଷୁଦ୍ର ଆକାରରେ ଦେଶର ଜନଗଣଙ୍କୁ ବାରମ୍ବାର ପ୍ରଦର୍ଶିତ ହୁଏ, ସେଠାରେ ଏକରାଷ୍ଟ୍ର, ଏକ ନିର୍ବାଚନ ଭଳି କଥା ଏକ ବିସ୍ମୟ ନୁହେଁ ତ ଆଉ କଣ? କେଉଁ ଗଣମାଧ୍ୟମ ପ୍ରଶ୍ନ କଲାଣି ଭାରତର ସମ୍ବିଧାନ ଜଣଙ୍କ ପ୍ୟାଂଟ ପକେଟରେ ରହିଛି କିପରି?"୭୮ବର୍ଷର ସ୍ୱାଧନତା ପରେ ବି ମୋ ପାଇଁ ମୋର ପବିତ୍ର ସମ୍ବିଧାନ ଏବେ ବି ଅବୋଧ ଓ ଗଣମାଧ୍ୟମ ଏବେ ବି ଅବୁଝା ।



ଡଃ ବଦ୍ରି ମିଶ୍ର

*ଏହି ଆଲେଖ୍ୟ ସଂପୂର୍ଣ୍ଣ ବ୍ୟକ୍ତିଗତ"*

*ଦୂରଭାଷ: ୯୮୬୧୧୮୬୪୦୦*

# ଏକ ଦେଶ, ଏକ ନିର୍ବାଚନ ଏବଂ ଗଣମାଧ୍ୟମ



ଡ଼. ମୃଣାଳ ଚାଟାର୍ଜୀ

'ସାରା ଦେଶରେ ଲୋକ ସଭା ଏବଂ ବିଧାନ ସଭା ନିର୍ବାଚନ ଗୋଟିଏ ସମୟରେ କରାଯାଉ'– ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ଏ ପ୍ରସ୍ତାବ ଦେଇଥିଲେ ।

ଏକା ସମୟରେ ନିର୍ବାଚନ ଭାରତରେ ଏକ ନୂତନ ଭାବନା ନୁହେଁ । ସଂବିଧାନ ଗ୍ରହଣ ପରେ, ୧୯୫୧ ରୁ ୧୯୬୭ ପର୍ଯ୍ୟନ୍ତ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭାର ନିର୍ବାଚନ ଏକସମୟରେ ଅନୁଷ୍ଠିତ ହୋଇଥିଲା । ୧୯୫୧-୫୨ ରେ ପ୍ରଥମ ଲୋକସଭା ଏବଂ ବିଧାନସଭା ସାଧାରଣ ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହୋଇଥିଲା, ଏବଂ ଏହି ପ୍ରଥା ୧୯୫୭, ୧୯୬୨ ଏବଂ ୧୯୬୭ ରେ ତିନିଟି ପରବର୍ତ୍ତୀ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିଥିଲା ।

ହେଲେ, ୧୯୬୮ ଏବଂ ୧୯୬୯ରେ କେତେକ ରାଜ୍ୟର ବିଧାନସଭା ତାର ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଭାଙ୍ଗି ଯିବାରୁ ଏ ଧାରା ଆଉ ଜାରି ରହିଲା ନାହିଁ ।

ଏକା ସମୟରେ ନିର୍ବାଚନ ସମ୍ପର୍କରେ ଅଧିକ ଅନୁଶୀଳନ କରିବା ପାଇଁ ୨୦୨୩ ସେପଟ୍ଟେମ୍ବରରେ କେନ୍ଦ୍ର ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ । ଏ କମିଟି ଏ ସମ୍ପର୍କରେ ବହୁ ପକ୍ଷଙ୍କ ବକ୍ତବ୍ୟ ଓ ଯୁକ୍ତି ଶୁଣି, ସମୀକ୍ଷା କରି ରିପୋର୍ଟ ଦେଇଥିଲେ ।

ଏ ରିପୋର୍ଟରେ ଅଧିକାଂଶ ଲୋକ ଏବଂ ରାଜନୈତିକ ଦଳ 'ଏକା ସମୟରେ ନିର୍ବାଚନ' ଚାହୁଁଛନ୍ତି ବୋଲି କୁହାଯାଇଛି । ଏ କମିଟି ୪୭ଟି ରାଜନୈତିକ ଦଳର ମତାମତ ଗ୍ରହଣ କରିଥିଲା । ଏହିମଧ୍ୟରୁ ୩୨ଟି ଦଳ 'ଏକା ସମୟରେ ନିର୍ବାଚନ' ନିର୍ବାଚନ ପକ୍ଷରେ ଥିଲା । ସେମାନେ ଏହାଦ୍ୱାରା ସଂସାଧନର ସଠିକ ଉପଯୋଗ ଏବଂ ସାମାଜିକ ସମନ୍ୱୟ ହୋଇପାରିବ ବୋଲି ମତ ଦେଇଥିଲେ । ବାରମ୍ବାର ନିର୍ବାଚନ ହେଲେ ପ୍ରଚୁର ଅର୍ଥ ଓ ସମୟ ନଷ୍ଟ ହୁଏ – ଏହା ଉପରେ ସେମାନେ ଜୋର ଦେଇଥିଲେ । ୧୫ଟି ଦଳ ଏହି ପ୍ରସ୍ତାବର ବିପକ୍ଷରେ ଥିଲେ । 'ଏକା ସମୟରେ ନିର୍ବାଚନ' ଲୋକତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ଏବଂ ଆଞ୍ଚଳିକ ଦଳମାନଙ୍କୁ ଅସୁବିଧାଜନକ ସ୍ଥିତିରେ ପକେଇ ପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଥିଲେ ।



କମିଟି ପୂର୍ବତନ ଭାରତୀୟ ମୁଖ୍ୟ ବିଚାରପତି, ପୂର୍ବତନ ନିର୍ବାଚନ କମିଶନର ଏବଂ ଅଭିଜ୍ଞ ପ୍ରଶାସକମାନଙ୍କ ସହିତ କଥା ହୋଇଥିଲା । ସେମାନଙ୍କ ଭିତରୁ ଅଧିକାଂଶ 'ଏକା ସମୟରେ ନିର୍ବାଚନ' ଧାରଣାକୁ ସମର୍ଥନ କରିଥିଲେ, ଏବଂ ମାନବ ସଂସାଧନ ଓ ଆର୍ଥିକ ସଂସାଧନର ବ୍ୟୟ ହ୍ରାସ ଉପରେ ଜୋର ଦେଇଥିଲେ ।

ଉଓଓ, ଋଓଉଉଓ ଏବଂ ଇଝଝଙଉଐଇଗ ଭଳି ଆର୍ଥିକ ଓ ବାଣିଜ୍ୟିକ ସଂଗଠନମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ।

'ଏକା ସମୟରେ ନିର୍ବାଚନ' ପ୍ରସ୍ତାବକୁ ନ୍ୟାୟିକ ମାନ୍ୟତା ଦେବାପାଇଁ କମିଟି ଭାରତୀୟ ସଂବିଧାନର ଅନୁଚ୍ଛେଦ ୮୨ଇ ଏବଂ ୩୨୪ଇ ରେ ସଂଶୋଧନ ପ୍ରସ୍ତାବ ରଖିଛି ।

ମୋଟାମୋଟି ଭାବେ କହିଲେ 'ସାରା ଦେଶରେ ଏକା ସମୟରେ ନିର୍ବାଚନ'କୁ ସମର୍ଥନ କରୁଥିବା ଦଳ, ଅନୁଷ୍ଠାନ ଏବଂ ବ୍ୟକ୍ତିମାନେ ଏହାଦ୍ୱାରା ଆର୍ଥିକ ସଞ୍ଚୟ ହେବ, ବାରମ୍ବାର ନିର୍ବାଚନ ଜନିତ ବ୍ୟୟ ଓ ମାନବ ସଂସାଧନର ଅପବ୍ୟୟ ହେବ ନାହିଁ – ଏହା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହାକୁ ବିରୋଧ କରୁଥିବା ଦଳ, ଅନୁଷ୍ଠାନ ଏବଂ ବ୍ୟକ୍ତିମାନେ ଏହାଦ୍ୱାରା ଭାରତର ସଂଘୀୟ ଢାଞ୍ଚା ଉପରେ ଆଘାତ ଲାଗିବ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି ।

ଗଣମାଧ୍ୟମର ଭୂମିକା ସାରା ଦେଶରେ ଲୋକସଭା ଆଉ ବିଧାନସଭା ନିର୍ବାଚନ ଏକା ସାଙ୍ଗରେ ହେବ, କି ଅଲଗା ଅଲଗା ହେବ – ଏ ନିଷ୍ପତି ସମ୍ବିଧାନର ବିଧାନ ଅନୁସାରେ ସରକାର ନେବେ । ଏ ନିଷ୍ପତି ନେବାରେ ଗଣମାଧ୍ୟମର କିଛି ଭୂମିକା ନାହିଁ । ତେବେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କୌଣସି ବଡ଼ ପରିବର୍ତ୍ତନ କରିବା ପୂର୍ବରୁ ସରକାର ଏହା ବିଷୟରେ ରାଜନୈତିକ ଏବଂ ସାମାଜିକ ସ୍ତରରେ ବ୍ୟାପକ ଆଲୋଚନା କରିବା କଥା । ବର୍ତ୍ତମାନ ସରକାର ମଧ ତାହା କରୁଛନ୍ତି । ଏ ଆଲୋଚନା ପାଇଁ ଗଣମାଧ୍ୟମ ଏକ ପ୍ରକୃଷ୍ଟ ମଞ୍ଚ ଯୋଗାଇ ଦେଇ ପାରେ । ବିଭିନ୍ନ ପକ୍ଷଙ୍କ ଯୁକ୍ତି ଓ ମତକୁ ଜନସାଧାରଣଙ୍କ ବୋଧଗମ୍ୟ ହେବା ଭାଷା ଓ ଭଙ୍ଗୀରେ ଉପସ୍ଥାପନ କରିପାରେ । ଏ ନିଷ୍ପତିର ଲାଭ କ୍ଷତି ଉଭୟ ଦିଗକୁ ଅନୁଶୀଳନ କରି ତାର ନିଷ୍କର୍ଷ ଜନସାଧାରଣଙ୍କ ସାମ୍ନାରେ ରଖିପାରେ । ଏହାହିଁ ଗଣାମାଧମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ।

**ଲେଖକ ତଥା ଅଧ୍ୟାପକ,
ଗଣମାଧମ ଓ ସାମ୍ବାଦିକତା**

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA

ANNIVERSARY CELEBRATIONS
3rd ANNIVERSARY

ସ୍ୱନକ୍ଷତ୍ର ବିଶେଷାଙ୍କ

# ଓଡ଼ିଆର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥ

ଡକ୍ଟର ସୁଷମା ମିଶ୍ର

ଓଡ଼ିଆର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରାଷ୍ଟ୍ର ଦେବତା । ଓଡ଼ିଆ ଜାତି ସହିତ ଓତପ୍ରୋତ ଭାବରେ ଜଡ଼ିତ ଜଗନ୍ନାଥୀୟ ଚେତନା ଭାରତୀୟ ଆଧ୍ୟାତ୍ମିକ ଭାବଧାରାର ପ୍ରାଣ କେନ୍ଦ୍ର । ଓଡ଼ିଶାର ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଯେଉଁ ଧର୍ମ ପାଳନୀୟ ତାହାହିଁ ଶ୍ରୀଜଗନ୍ନାଥ ଧର୍ମ । ସତ୍ୟଗର୍ଭିତ ଇତିହାସ ଓ ଭାବ ଗୁମ୍ଫିତ କାହାଣୀ କିମ୍ବଦନ୍ତୀର ଭିତ୍ତିରେ ଗଢ଼ି ଉଠିଛି ଏହି ସନାତନ ଧର୍ମ । 'ଭାବସମୁଦ୍ର'ରେ ବଳରାମ ଦାସଙ୍କ ଭାବ ବିହ୍ୱଳ ପରିପ୍ରକାଶ, "'କାହୁଁ ଭିଆଇଲୁ କ୍ଷେତ୍ର ତୋହର/ଚଉଦ ଭୁବନ ମଧୁ ବାହାର/ ନାଥ ତୋ କ୍ଷେତ୍ରେ ସାନ ବଡ଼ ନାହିଁ ।ବ୍ରାହ୍ମଣ ଚଣ୍ଡାଳ ଯେ ସରି ଦୁଇ'' ଆଚାର୍ଯ୍ୟ ରାମାନୁଜଙ୍କ ଭାଷାରେ 'ନ ଜାତି କାରଣଂ ଲୋକେ ଗୁନଃ କଲ୍ୟାଣ ହେତବ' । ଇଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ଜନମାନସ ତଥା ଇତିହାସକୁ ଏଭଳି ଉଦ୍ ?ବେଳିତ କରିଛନ୍ତି ଯେ ଲୋକକଥାର କାଳ୍ପନିକତା ଏବଂ ଘଟଣା ପ୍ରବାହର ଐତିହାସିକତା ଅବିଚ୍ଛିନ୍ନ ମନେ ହୁଏ । ଇତିହାସ ହେଉ କି କିମ୍ବଦନ୍ତୀ ଏହି ଦୁଇଟି ଦିଗରେ ମନୁଷ୍ୟ ଜାତିର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଚିନ୍ତନ ପ୍ରତିଫଳିତ । ବ୍ୟକ୍ତି ଜୀବନଠାରୁ ଆରମ୍ଭ କରି ଗଣମାନସକୁ, ଧର୍ମୀୟ ତତ୍ତ୍ୱରୁ ଯେ ମନସ୍ତତ୍ତ୍ୱକୁ ବାନ୍ଧି ରଖୁଛି ଜଗନ୍ନାଥାୟିତ ଚିନ୍ତନ । କୁହାଯାଇଛି, 'ଏ ଜଗନ୍ନାଥ ମୂର୍ତ୍ତି ସାର/ଅଟଇ ଗଣ ଅବତାର'' । ଶ୍ରୀ ଭଗବତ୍ ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ ବ୍ୟକ୍ତ କରିଛନ୍ତି ଯେ ଯିଏ ଯେଉଁ ରୂପରେ ତାଙ୍କୁ ଖୋଜେ ସେ ସେହି ରୂପରେ ଲାଭ କରେ । ଦାରୁମୂର୍ତ୍ତି ଶ୍ରୀଜଗନ୍ନାଥ ଓ ନୀଳମାଧବ ଯେ ଏକ ଓ ଅଦ୍ୱିତୀୟ ଏହା ପୁରାଣରେ ବର୍ଣ୍ଣିତ ଏବଂ ଇତିହାସରେ ପ୍ରତିପାଦିତ । 'ତନ୍ତ୍ର ଯାମଳରେ' ବର୍ଣ୍ଣିତ, ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ/ଦାରୁରୂପୀ ଜଗନ୍ନାଥେ ଭକ୍ତାନାମ ଭୟପ୍ରଦଃ' । ଯେମିତି ସମୁଦ୍ର ବକ୍ଷରେ ମିଶିଯାଏ ନଦୀର ସୁଅ ସେହିପରି ଜଗନ୍ନାଥ ଧର୍ମରେ ଏକୀଭୂତ ହୋଇଯାଇଛି ବିଭିନ୍ନ ପ୍ରକାର ଧର୍ମଗତ ମତବାଦ । ଶୈବ ମତର ପ୍ରଭାବରେ ଜଗନ୍ନାଥ ବେଢ଼ାରେ ନିର୍ମିତ ହେଲା ଶିବ ମନ୍ଦିର । ଶାକ୍ତମାନଙ୍କ ଭାବନାନୁଯାୟୀ ଏଠାରେ ଶକ୍ତି ସ୍ଥାନ ପାଇଲେ । ବୈଷ୍ଣବମାନଙ୍କ ଧାରଣାନୁସାରେ ଜଗନ୍ନାଥ କୃଷ୍ଣରେ ପରିଣତ ହେଲେ । ବୌଦ୍ଧ ଧର୍ମରେ ଧର୍ମ ସର୍ବଦା ନାରୀ ଭାବରେ କଳ୍ପିତ ପୁଣି ସଂଘରେ ଭାଇ ଭଉଣୀଙ୍କ ସମ୍ପର୍କ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କୁ ଏହି ଚିନ୍ତଭୁକ୍ତ କରାଯାଏ । ସେହିପରି ଜୈନ ଧର୍ମର ପ୍ରତୀକ ହେଉଛି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା । ଜୈନ ଧର୍ମର ବାଇଶି ଜଣ ତୀର୍ଥଙ୍କରଙ୍କ ସ୍ମୃତି ପ୍ରତୀକ ଭାବରେ ବାଇଶି ପାହାଚକୁ ଗ୍ରହଣ କରାଯାଇଛି । ଜଗନ୍ନାଥ, ଶବରର ଦାରୁଦିଅଁ, ଶୈବର ମହାରୁଦ୍ର, ଶାକ୍ତର ଦକ୍ଷିଣକାଳୀ, ବୈଷ୍ଣବର ଶ୍ରୀକୃଷ୍ଣ, ଗାଣପତ୍ୟଙ୍କର ଗଣପତି, ଜୈନଙ୍କ ତ୍ରିରନ୍ ଓ ବୁଦ୍ଧଙ୍କ ତ୍ରିତତ୍ତ୍ୱ ଅଟନ୍ତି । ଏହା ଗବେଷକମାନଙ୍କର ଅଭିମତ । ସର୍ବଧର୍ମର ଉପାସ୍ୟ ଦେବତା ଜଗନ୍ନାଥଙ୍କୁ ସତ୍ୟରେ ନୃସିଂହ, ତ୍ରେତୟାରେ ରାମ, ଦ୍ୱାପରରେ ଶ୍ରୀକୃଷ୍ଣ ଓ କଳିଯୁଗରେ ବୁଦ୍ଧଙ୍କ ଅଂଶ ବିଶେଷ ଭାବରେ କଳ୍ପନା କରାଯାଇଛି । ପୁରୁଷୋତ୍ତମଙ୍କର ଭାବରୂପ କବି ଲେଖନୀରେ, ଅକ୍ଷର ରୂପ ଜଗନ୍ନାଥ ।କ୍ଷର ଅକ୍ଷର ଏ ଜଗତ/ ଅକ୍ଷର କ୍ଷର ରୂପ ଏହି/ପୁରୁଷୋତ୍ତମ ଛନ୍ତି ରହି' । ଭିନ୍ନ ଭିନ୍ନ ଜଗନ୍ନାଥ ଉପାସକମାନେ ବିଭିନ୍ନ ସମୟରେ ବହୁଭିନ୍ନ ମତ ଉପସ୍ଥାପିତ କରି ସ୍ୱକୀୟ ପୂଜା ପଦ୍ଧତିରେ ନିମଗ୍ନ ହୋଇଛନ୍ତି । ମାତ୍ର ସମସ୍ତଙ୍କ ଗୋଟିଏ ମାତ୍ର ଲକ୍ଷ୍ୟ ହେଉଛି ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଆତ୍ମ ସମର୍ପଣ । ଜଗନ୍ନାଥଙ୍କୁ ଡ଼ାକି ଡ଼ାକି ପୁଣି ଜଗନ୍ନାଥଙ୍କର ଡ଼ାକ ଶୁଣି ତାଙ୍କରି ଭୁଜଛାଇ ତଳକୁ ଧାଇଁ ଆସିଛନ୍ତି କେତେ ସାଧୁ ସନ୍ନ୍ୟାସୀ, ପାପୀ ଓ ଘାତକ । ଜଗନ୍ନାଥଙ୍କ କ୍ଷେତ୍ର ପାଲଟି ଯାଇଛି ପବିତ୍ର ତୀର୍ଥସ୍ଥଳ । ଓଡ଼ିଆମାନଙ୍କ ବିଶ୍ୱାସ, 'ସକଳ ତୀର୍ଥ ତୋ ଚରଣେ/ ବଦ୍ରିକା ଯିବି କି କାରଣେ' । ଏହି ପୁଣ୍ୟ ଧାମରେ ଅଛି ପଞ୍ଚତୀର୍ଥ ଯଥା : ମାର୍କଣ୍ଡ ପୁଷ୍କରିଣୀ, ଶ୍ୱେତ ଗଙ୍ଗା ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ, ରୋହିଣୀ କୁଣ୍ଡ ଓ ମହୋଦଧି । ମାର୍କଣ୍ଡ ମହାମୁନି ଏହି ସ୍ଥାନରେ ଯମ ବାଧାରୁ ମୁକ୍ତି ପାଇଥିଲେ । ରାଜାଙ୍କ ଧର୍ମପତ୍ନୀ ଚୋଳ ଗୁଣ୍ଡିଚା ପ୍ରତ୍ୟହ ମାର୍କଣ୍ଡରେ ସ୍ନାନ ସାରି ସପ୍ତଭଗ୍ନୀ ଦର୍ଶନ କରୁଥିଲେ । 'ଶ୍ୱେତଗଙ୍ଗା'ରେ ଶ୍ୱେତରାଜା ଯିଏକି ଜଣେ ପରମ ବୈଷ୍ଣବ ଏଠାରେ ସ୍ନାନ ପୂର୍ବକ ଜଗନ୍ନାଥ ଆଦି ଦେବ ବିଗ୍ରହଙ୍କୁ ଭକ୍ତି ସୁମନ ନିବେଦନ କରୁଥିଲେ । କିମ୍ବଦନ୍ତୀ ରହିଛି ଯେ ଜଣେ ବୈଷ୍ଣବ ମାତା ଶ୍ୱେତଗଙ୍ଗାରେ ସ୍ନାନରତ ହୋଇ ଗଙ୍ଗା ନଦୀରେ ଯାଇ ବାହାରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଆଡ଼ପ ମଣ୍ଡପ ଯଜ୍ଞଶାଳାରେ ବ୍ରାହ୍ମଣମାନଙ୍କୁ ଧେନୁ ଦାନ ପାଇଁ ଦଶାଶ୍ୱମେଧ ଯଜ୍ଞ କରାଇଥିଲେ । ଧେନୁମାନଙ୍କର ଖୁରା ଆଘାତରେ ସୃଷ୍ଟି ହୋଇଥ ?ିବା ଖାଲ, ଜଳରେ ପୂର୍ଣ୍ଣ ହୋଇ ତାହା କ୍ରମେ ପରିଣତ ହେଲା 'ସର ଇନ୍ଦ୍ରଦ୍ୟୁମ୍ନ'ରେ । 'ରୋହିଣୀ କୁଣ୍ଡ'ରେ କାକ ପଡ଼ି ଚତୁର୍ଭୁଜ ରୂପ ଧାରଣ କରିଥିବାରୁ ଏହା ପବିତ୍ରତାର ପ୍ରତିନିଧିତ୍ୱ କଲା । ଶବର ରାଜା ବିଶ୍ୱାବସୁ ଯେଉଁ ଶବର ବସତିରେ ଅବସ୍ଥାନ କରୁଥିଲେ ତାହା ଥିଲା 'ମହୋଦଧି'ର ବେଳାଭୂମି ନିକଟରେ । ମହାଭାରତ ଯୁଦ୍ଧ ଶେଷରେ ଯଦୁବଂଶ ପତନ ପରେ ଭଗବାନ ଶ୍ରୀକୃଷ୍ଣଙ୍କର ମହାପ୍ରୟାଣ ଘଟିଲା । ପାଣ୍ଡବ ଭାଇମାନେ ତାଙ୍କୁ ଦାହ କରାଇଲେ । ତାଙ୍କ ପିଣ୍ଡ ଅପୋଡ଼ା ରହିବାରୁ ତାହାକୁ ସମୁଦ୍ରରେ ବିସର୍ଜିତ କରାଗଲା । ପରବର୍ତ୍ତୀ ସମୟରେ ଏହି ପିଣ୍ଡ ହିଁ ଶ୍ରୀଜଗନ୍ନାଥ ରୂପେ ପ୍ରକଟିତ ହୋଇଛନ୍ତି । ଆଦିକବି ସାରଳା ଦାସଙ୍କ ଭାଷାରେ 'କଳ୍ପବଟ ଯେ ରୋହିଣୀ ନାମେ କଣ୍ଡ କୋଟି ଏକ ତୀର୍ଥ ସେଠାରେ କରିଛି ରୁଣ୍ଡ। ତୀର୍ଥର ନାମ ଯେ ଦକ୍ଷିଣ ମହୋଦଧି । କୋଟିଏ ତୀର୍ଥ ଘେନି ଖଟିଛି ଜଳଧି' । ଦିବ୍ୟ ଭାବ ଦୃତ ପରିସର ଓ ପରିମାର୍ଜିତ ପରମ୍ପରାରେ ପୁଷ୍ଟ ପୁରୀର ପ୍ରାଚୀନ ନାମ ହେଉଛି 'ପଞ୍ଚଯଜ୍ଞ ତପୋବନ' । 'ପଞ୍ଚକୋଶ' ବା 'ଶଙ୍ଖକ୍ଷେତ୍ର' ଭାବେ ବିଦିତ ପୁରୀ, ପରିପୂର୍ଣ୍ଣତାର ପରିଚାୟକ । ପୂର୍ବରୁ 'ପୁରସ୍ତମ' ନାମରେ ନାମିତ ପୁରୀ ଏକ ଦ୍ୱୀପ ସଦୃଶ ପ୍ରତୀୟମାନ ହେଉଥିଲା । ଏହାର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ମଥା ପିଟୁଥିଲା ବେଳେ ଅନ୍ୟ ତିନୋଟି ଦିଗରେ ଘେରାଇ ହୋଇ ରହିଥିଲା ମଙ୍ଗଳା ନଦୀ, ବାଙ୍କି ମୁହାଣ ନଦୀ ଏବଂ ମାଟିଆଣୀ ନଦୀ । ପ୍ରାଚୀନ କାଳରୁ ଜଗନ୍ନାଥଙ୍କୁ କେନ୍ଦ୍ର କରି ଶ୍ରୀକ୍ଷେତ୍ରରେ ନିର୍ମିତ ହୋଇଛି ବହୁସଂଖ୍ୟକ ମଠ । ଅତୀତରେ ଜଗନ୍ନାଥ ମନ୍ଦିରର ପୂଜକମାନେ ଶଙ୍କରାଚାର୍ଯ୍ୟ ମଠରେ ଶିକ୍ଷା ଗ୍ରହଣ କରୁଥିଲେ । ଶ୍ରୀଜଗନ୍ନାଥ ମଧ୍ୟ ବିଭିନ୍ନ ଉତ୍ସବରେ ନିର୍ଦ୍ଦିଷ୍ଟ ମଠର ଉଦ୍ୟାନକୁ ପରିଭ୍ରମଣରେ ଯିବାର ବ୍ୟବସ୍ଥା ରହିଛି । ବହୁ କବି, ଭାବୁକ, ଦାର୍ଶନିକ ଓ ସନ୍ଥ ବହୁ ପ୍ରକାର ରୀତିରେ, ବାଣୀରେ, ଠାଣିରେ ଜଗନ୍ନାଥ ଧାମକୁ ଆସିଛନ୍ତି । ସେମାନଙ୍କର ମହିମା ଦ୍ୱାରା ଆକର୍ଷିତ ହୋଇ ଅନୁଚରମାନେ ଅନୁଗମନ କରିଛନ୍ତି । ଜଗନ୍ନାଥଙ୍କ ପୂଜା ଓ ସେବାରେ ମଠ ଦ୍ୱାରା ପ୍ରଚଳିତ ହୋଇଛି ଅସୁମାରୀ ପରମ୍ପରାର ଧାରା । ଏଇଠି ଥିଲେ ଅତିବଡ଼ୀ ଜଗନ୍ନାଥ ଦାସ । ତାଙ୍କର 'ସାତଲେଉଡ଼ି ମଠ' । ଯେଉଁଠି ସମୁଦ୍ର, ମଠ ଗଢ଼ିବା ବେଳେ ସାତଟି ଲହଡ଼ି ପଛକୁ ଫେରି ଯାଇଛି ସେଇ ବିଚିତ୍ର ସ୍ଥାନ ହେଉଛି ଜଗନ୍ନାଥଙ୍କ ଧାମ । ଲବଣାକ୍ତ ସାଗରର ଜଳ ଯେଉଁଠାରେ ବ୍ୟାପ୍ତ ସେଇଠି କୂଅଟିଏ ଖୋଳି ଦେଲେ ମଧୁର ଜଳ ଉପଲବ୍ଧ ହେଉଛି । ଏଇ ଚମତ୍କାରିତାର ଭୂଗୋଳହିଁ ପୁରୀ ଯାହା ନଦୀ ପରି ମଧୁର, ସମୁଦ୍ର ପରି ଅସୀମ । ସଂସ୍କୃତି ସମ୍ପନ୍ନ ଶ୍ରୀକ୍ଷେତ୍ର 'ଦଶାବତାର କ୍ଷେତ୍ର' ରୂପେ ସୁବିଦିତ । ଭଗବାନଙ୍କ ଅବତାର ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କର କଳାଏ ଅଂଶ ଭାବରେ ଦର୍ଶାଇଛନ୍ତି କବି ଓ ଶାସ୍ତ୍ରଜ୍ଞ । ଦିବାକର ଦାସ ଲେଖୁଛନ୍ତି, 'ଜଗନ୍ନାଥଯେ ଷୋ'ଳକଳା ।ତହୁଁ କଳାଏ ନନ୍ଦବଳା' । ସେହିପରି ଭରତ ଦାସଙ୍କ କବିତାର ପଙ୍କ୍ତି, 'ଚକାଡ଼ୋଳା ଚିକ୍ ?କଣ କଳା/ ଚତୁର୍ବର୍ଗ ଦାନୀ ନନ୍ଦର ବଳା'' ।

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ କରୁଣାରେ ସ୍ନାତ ହେବାର ଆକୁଳତା ଭକ୍ତ ପାଇଁ ଫିଟାଇ ଦେଇଛି ଅନେକ ପନ୍ଥା ସେଗୁଡ଼ିକ ହେଉଛି ଭକ୍ତି ମାର୍ଗ, କର୍ମ ମାର୍ଗ, ଜ୍ଞାନ ମାର୍ଗ ଓ ରାଜ ମାର୍ଗ । ଅବଶ୍ୟ ଏହି ସମସ୍ତ ମାର୍ଗରେ ଊର୍ଦ୍ଧ୍ୱରେ ଥିବା ଭାବ ପଥ ହେଉଛି ଜଗନ୍ନାଥଙ୍କୁ ଅନୁଭବ କରିବାର ଏକ ସ୍ୱତଃସ୍ଫୁର୍ତ୍ତ ମାଧ୍ୟମ । ଯୁଗ ଯୁଗ ଧରି ମନୁଷ୍ୟର ଈଶ୍ୱର ଅନ୍ୱେଷାର ପ୍ରବୃତ୍ତିରୁ ଜାତ ହୋଇଛି ଦେବତାମାନଙ୍କର ବହୁରୂପଯୁକ୍ତ ପ୍ରତିରୂପ ଓ ପୂଜା ପଦ୍ଧତିର ବିଭିନ୍ନତା । ମନୁଷ୍ୟକୃତ ସମସ୍ତ ବିଧି ବିଧାନ ପରମ୍ପରା ନାମରେ ପ୍ରଚଳିତ ଓ ସମୟକ୍ରମେ ସଂସ୍କରିତ ହୋଇ ଆସୁଛି । 'ବ୍ରହ୍ମ ପୁରାଣ'ରୁ ଅନୁମିତ ହୁଏ ଶ୍ରୀଜଗନ୍ନାଥ ସର୍ବ ପ୍ରଥମେ ନୀଳମାଧବ ରୂପରେ ଏକ ମୂର୍ତ୍ତି ଭାବେ ପରେ ତ୍ରିମୂର୍ତ୍ତି ଏବଂ ଶେଷରେ ସୁଦର୍ଶନ ଯୁକ୍ତ ହୋଇ ଚତୁର୍ଦ୍ଧା ମୂର୍ତ୍ତି ରୂପେ ପୂଜିତ । 'ସ୍କନ୍ଦ ପୁରାଣ'ରେ ରଚିତ 'ବଳଭଦ୍ର, ଜଗନ୍ନାଥ, ସୁଭଦ୍ରାଚ ସୁଦର୍ଶନଃ ।ଦାରୁବ୍ରହ୍ମ ସ୍ୱରୂପାୟ ଚତୁର୍ଦ୍ଧାମୂର୍ତ୍ତୟେ ନମଃ'' । ଓଡ଼ିଆ ସଂସ୍କୃତିର ଯାନିଯାତ, ମେଳା ମଉଛବ, ପୂଜା ଉପାସନା ସବୁର ମୂଳବିନ୍ଦୁ ହେଉଛନ୍ତି ପ୍ରଭୁ ଜଗନ୍ନାଥ । ଅରୂପ ପ୍ରଭୁଙ୍କୁ ରୂପନ୍ୟାସ ଦେଇ ତାଙ୍କର ରୂପକାନ୍ତିକୁ ଆହୁରି ଅପରୂପ କରି ସଜାଇବାରେ ଯେଉଁ 'ବେଶଲାଗି' କରାଯାଏ, ତାହା ଏକ ନିଆରା ଦେବନୀତି । ଏଥିରେ ଓଡ଼ିଆମାନଙ୍କର ସୌନ୍ଦର୍ଯ୍ୟ ପ୍ରାଣର ପରାକାଷ୍ଠା ଲକ୍ଷ୍ୟଣୀୟ । ଓଡ଼ିଆ ମାଟିରୁ ଜନ୍ମିଥିବା ରଥଯାତ୍ରା ଓଡ଼ିଶାର ଜନସାଧାରଣଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖୁଛି ।

ଓଡ଼ିଶାର ପ୍ରତି ପ୍ରାନ୍ତରେ ରଥଯାତ୍ରା । ମହାସମାରୋହରେ ପାଳିତ ହୁଏ । ଏହି ଯାତ୍ରାର ଲୋକପ୍ରିୟତା ଦକ୍ଷିଣ ଓଡ଼ିଶାର ଏକ ଲୋକଗୀତରୁ ଅନ୍ଦାଜ କରାଯାଇପାରେ । ଉଦାହରଣ ସ୍ୱରୂପ 'ଖଲ୍ଲିକୋଟ ଦେଉଳ, ଜରଡ଼ା ଗହଳ/ ଧରାକୋଟ ଆଢ଼େଣୀ, ଶେରଗଡ଼ ମଣ୍ଡଣୀ/ ଦିଗପହଣ୍ଡି ଯାତ, ପ୍ରତାପଗିରି ରଥ'' । ଓଡ଼ିଶାର ପ୍ରାଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପୂର୍ବ ରଥଯାତ୍ରା ଅନ୍ୟାନ୍ୟ ଦେଶ ବିଦେଶରେ ମଧ୍ୟ ପାଳିତ ହୁଏ । ଜଗନ୍ନାଥ ବିଶ୍ୱ ଦେବତା ଭାବରେ ବନ୍ଦିତ । ଓଡ଼ିଶାର ପୁରପଲ୍ଲୀରୁ ପୃଥ ?ିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ଶ୍ରୀଜଗନ୍ନାଥ ଶାନ୍ତି ଓ ମୈତ୍ରୀର ଉତ୍ସ ତୁଲ୍ୟ ପ୍ରତିଭାତ ହୁଅନ୍ତି ।

ବିଭିନ୍ନତା ମଧ୍ୟରେ ଏକତା ହେଉଛି ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ । ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶା ଭୂମିର ଜୀବନ୍ତ ଠାକୁର ତଥା ଜଗତ ପାଇଁ ଏକ ଆଧ୍ୟାତ୍ମିକ ଉପଲବ୍ଧିର ପୃଷ୍ଠଭୂମି । ରଥଯାତ୍ରାରେ ରତ୍ନସିଂହାସନ ଶୂନ୍ୟ କରି ବଡ଼ଦାଣ୍ଡକୁ ଭକ୍ତଜନ ଭିଡ଼ ଭିତରକୁ ଓହ୍ଲେଇ ଆସନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା' ସୁଭଦ୍ରା । ନବ ଦିନ ପରେ ଶ୍ରୀଜୀଉମାନଙ୍କ ବାହୁଡ଼ା ଯାତ୍ରାରେ ରତ୍ ?ସିଂହାସନ ପୁଣି ଝଟକି ଉଠେ ରତ୍ ?ମୟ ଦ୍ୟୁତିରେ । ଆଉଥରେ ଶୂନ୍ୟ ହୋଇଯାଏ ଗୁଣ୍ଡିଚା ମନ୍ଦିରର ଅଭ୍ୟନ୍ତର । ବିରହିଣୀର ଅନ୍ତର ଭଳି ପ୍ରତୀକ୍ଷାରେ ନୀରବି ଯାଏ ଗୁଣ୍ଡଚା ଘରର ଗର୍ଭଗୃହ । ପ୍ରଭୁମାନେ ବିଜେ ହୋଇଥ ?ିବା ରଥ ଆଖୁ ସାମନାରେ ଗଡ଼ି ଗଡ଼ି ଗଲାବେଳେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୁଏ ଅଭୂତପୂର୍ବ ଆନନ୍ଦରେ । ପୁଲକରେ ପରିଭାଷା ନିନାଦିତ ହୁଏ ଏକ ଅବୁଝା ଅଥଚ ଅବର୍ଣ୍ଣନୀୟ ଶବ୍ଦ ତରଙ୍ଗରେ । ଶବ୍ଦ ଲହଡ଼ିରେ ମିଶିଯାଏ ଶତାଧିକ ଘଣ୍ଟର ଶବ୍ଦ, ଲକ୍ଷ ଲକ୍ଷ ଲୋକଙ୍କର ଆବେଗପୂର୍ଣ୍ଣ କୋଳାହଳ । ବ୍ୟକ୍ତି ମିଶିଯାଏ ସମଷ୍ଟିର ମହାସ୍ରୋତରେ । ଭକ୍ତ ମିଶିଯାଏ ଭକ୍ତିର ମହାଭାବରେ । ଆଖି ମିଶିଯାଏ ଚକାଆଖିର ପରିଧିରେ । ସାଗରର ଉତ୍ ?ତ ନୀଳ ଉର୍ମିମାଳା ପରି ରଥର ଗତିରେ ଗତିଶୀଳ ହୁଏ ଉଚ୍ଛଳ ଭାବ ସମୁଦ୍ର । ଚହଲା ମେଘର ଛାଇ ତଳେ ଚହଲିଯାଏ ତିନି ରଥର ନେତ । ଆଉଁଶି ଦିଏ ଆଶୀର୍ବାଦର ମୁଦ୍ରାତୋଳି ଦୂରାଗତ ଯାତ୍ରୀର କ୍ଲାନ୍ତ ଶ୍ରାନ୍ତ ଦେହ ମନକୁ । ସମସ୍ତେ ବ୍ୟାକୁଳ ହୁଅନ୍ତି ରଥ ଭିଡ଼ିବା ପାଇଁ । ରଥର ଦଉଡ଼ି ଛୁଇଁ ଦେଲେ ସବୁ ଅଭିଳାଷ ଚରିତାର୍ଥ ହୋଇଯିବ । ନିମିଷକେ ଜୀବନ ହୋଇଯିବ ଧନ୍ୟ । ରଥ, ପଥ, ପଥିକ, ରଥାରୂଢ଼ ଦେବତାଙ୍କ ସମ୍ମିଳନରେ ସବୁ ମଣିଷଙ୍କର ଭାବର ହାତ ଲମ୍ବି ଆସେ ରଥର ରଜ୍ଜୁକୁ ଭିଡ଼ି ଧରିବାକୁ । ସହାସ୍ରାଧିକ ପାପୁଲିର ଜୀବନରେଖା ଛନ୍ଦି ହୋଇଯାଏ ଗୋଟିଏ ମହା ଜୀବନର ସ୍ରୋତରେ । ତିନି ରଥର ତିନି ଦଉଡ଼ିରେ ଟଣା ହୋଇ ରଥଚକ ତଳେ ପେଶି ହୋଇଯାଏ ମନୁଷ୍ୟର ଅହଙ୍କାର ଅବିଚାର ଅବିବେକୀପଣ । ସତରେ ଯେମିତି ରଥଯାତ୍ରା ଆମର ଜୀବନଯାତ୍ରା ଓ ବାହୁଡ଼ାଯାତ୍ରା ହେଉଛି ଆମର ବାହୁଡ଼ାର ଚେତନା । ରଥ ଅବା ଭକ୍ତକୁ କହେ ତୋ'ର ବି ବାହୁଡ଼ାବେଳ ଆସିବ । ଯେଉଁଠାରୁ ଆସିଥିଲୁ ସେହିଠାକୁ ଚାଲିଯିବୁ । ଏ ରଥ ଅଲୋଡ଼ା ହେବ ଏ ଦେହବି ଅଲୋଡ଼ା ହେବ ଏବଂ ବିଲୀନ ହୋଇଯିବ ପରମାତ୍ମାଙ୍କଠାରେ । ଅବଶ୍ୟ ପୁଣ୍ୟର ବାଟ ଯଦି ପାଦ ଚାଲିଥବ । ଏହା ହିଁ ପ୍ରତ୍ୟେକ ଓଡ଼ିଆର ବିଶ୍ୱାସବୋଧ । ଜଗନ୍ନାଥ ଦର୍ଶନରେ ଜୀବନ ହୁଏ ଉଜ୍ଜ୍ୱଳତର, ଅର୍ଥପୂର୍ଣ୍ଣ । କବିଙ୍କ ହୃଦୟର ଆବେଗସିକ୍ତ ପ୍ରାର୍ଥନା 'ଜଗନ୍ନାଥ ନାମ ମୋର ପରମ ମଙ୍ଗଳ/ଜଗନ୍ନାଥ ନାମ ମୋର ସବୁଠାରେ ବଳ/ ଜଗନ୍ନାଥ ମୋର ଅଭୟ ପଞ୍ଜର ।ଜଗନ୍ନାଥ ନାମ ମୋର ସବୁ ସୁଖଦାର'' ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ବନ୍ଧରେ ପଣ୍ଡିତମାନଙ୍କ ବହୁ ଶାସ୍ତ୍ରଦର୍ଶୀତତ୍ତ୍ୱ ହେଉ କିମ୍ବା ଗବେଷକମାନଙ୍କର ଜ୍ଞାନଲବ୍ଧ ତଥ୍ୟ ହେଉ ଜଗନ୍ନାଥପ୍ରେମୀ ସେଥିରୁ ସର୍ବଦା ଦୂରରେ ଥାଏ । ଭଗବାନଙ୍କୁ ପ୍ରାଣ ଦେଇ ଭଲପାଉଥ ?ିବା ମଣିଷ ପାଖରେ ଈଶ୍ୱରଙ୍କ ଗଠନ, ରଙ୍ଗ ଆଦିର ତାତ୍ତ୍ୱିକ ବିଶ୍ଲେଷଣ କିଛି ଅର୍ଥ ରଖେନି । ଜଗନ୍ନାଥଙ୍କୁ ଆଖି ପୂରାଇ ଦର୍ଶନ କରିବ ବୋଲି ସେ ଆକୁଳତା ସହ ଅପେକ୍ଷା ରଖେ ଜଗନ୍ନାଥ ଡ଼ୋରି ଲାଗିବା ପର୍ଯ୍ୟନ୍ତ । ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇବା, ଉର୍ଦ୍ଧ୍ୱବାହୁ ହୋଇ ଚକାଆଖିରେ ଆଖି ମିଶାଇବା, ମନେ ମନେ ମନର କଥା କହିବା ପାଇଁ ଶ୍ରଦ୍ଧାଳୁମାନେ ପରମପ୍ରିୟ ମହାପ୍ରଭୁ ଜଗନ୍ନାଥଙ୍କ ପାଖକୁ ଧାଇଁ ଆସିବା ପାଇଁ ବାଟ ଖୋଜନ୍ତି । ଅଭିମାନଭରା ଆବେଦନରେ ଭକ୍ତପ୍ରାଣ ଗାଇଉଠେ 'ଅଧୀର ହୋଇ ମୁଁ ଡ଼ାକୁଛି କାଳିଆ ବଧିର କାହିଁକି ହୁଅ ।ତୁମେ ନଚାହିଁଲେ ଶୁଖିବକି କେବେ/ମୋ ଆଖିର ଏଇ ଲୁହ'' । ଆଉ କେବେ ସମାହିତ ସ୍ୱରରେ ସେ ଗାଏ 'ଜଗନ୍ନାଥ ! ତୁମ ପାଖେ ଆସିନାହିଁ ମାଗିବାକୁ କିଛି ।ସବୁତ ଦେଇଚ ମତେ ଯାହା ମୋର ଅଛି ।''

ମନୁଷ୍ୟ ଜାତିର ଐଶ୍ୱରିକ ଅନୁଭୂତିରେ ଘଷି ମାଜି ହୋଇ ପ୍ରଭୁଙ୍କ ପାଇଁ ଲାଗୁ କରାଯାଇଛି ଯାବତୀୟ ବିଚିତ୍ର ସାଂସାରିକ ଲୀଳା । ଶ୍ରୀଜଗନ୍ନାଥ ତାଙ୍କ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର ତଥା ଭଗିନୀ ସୁଭଦ୍ରାଙ୍କ ନବକଳେବର ଏକ ଅନନ୍ୟ ସାଧାରଣ ନୀତି । ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡ଼େ ପୁରାତନ ବିଗ୍ରହ କୋଇଲି ବୈକୁଣ୍ଠରେ ପାତାଳି ହୁଅନ୍ତି । ବ୍ରହ୍ମ ସଂସ୍ଥାପିତ କରାଯାଏ ନୂତନ ମୂର୍ତ୍ତିରେ । ଶ୍ରୀଜଗନ୍ନାଥଙ୍କ ଦୈନିକ ନୀତିଠାରୁ ଆରମ୍ଭ କରି ନବକଳେବର ବିଧାନ ପର୍ଯ୍ୟନ୍ତ ସକଳ ଦେବ ନିୟମ ଅନୁସରଣରେ ପ୍ରତିଭାତ ହୋଇଛି ମାନବୋଚିତ ବଞ୍ଚିବାର ଶୈଳୀ । ଶୂନ୍ୟ ଦେହୀ ଅକଳ୍ପନୀୟ ଭଗବାନଙ୍କୁ କଳ୍ପନା ଜଳ୍ପନା କରି ଏକ ଅନନୁଭୂତ ଭଗବତ୍ ସାନ୍ନିଧ୍ୟରେ ଆଚ୍ଛନ୍ନ ହୋଇଯାଏ ଭକ୍ତର ମନ ପ୍ରାଣ । ଅଲୌକିକତାକୁ ଲୌକିକ ଜୀବନ୍ୟାସ ଦେଇ ଶ୍ରୀଜଗନ୍ନାଥଙ୍କଠାରେ ମାନବୀୟ ଗୁଣ ବିଶେଷ ସଂଚାର କରାଇବା ଓଡ଼ିଆ ଜାତିର ଈଶ୍ୱରୀୟ ଅଭୀପ୍ ?ସାର ଅଭିଯାତ୍ରା ନୁହେଁ କି ? ଜଗନ୍ନାଥଙ୍କଠାରୁ ନିଜକୁ ଅଲଗା କରି କେହି ଓଡ଼ିଆ ନିଜର ସମ୍ପୂର୍ଣ୍ଣ ପରିଚୟ ପାଇବା ଅସମ୍ଭବ । ଜଗନ୍ନାଥଙ୍କ ବିନା ଆମର ସବୁ କାର୍ଯ୍ୟ ଅସମ୍ପୂର୍ଣ୍ଣ । ଆମର ସମସ୍ତ ଶୁଭକାର୍ଯ୍ୟ, ଦୁଃଖଶୋକ, ଚିନ୍ତା ଚଳଣି, ପ୍ରଥା ପରମ୍ପରା, ପର୍ବ ପର୍ବାଣିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପର୍କ । ପ୍ରତି ଓଡ଼ିଆ ଘରେ ମୁରବୀ ହେଉଛନ୍ତି ଜଗନ୍ନାଥ । ଅବ୍ୟକ୍ତ ପରମବ୍ରହ୍ମ ଜଗନ୍ନାଥ ଓଡ଼ିଆ ଜାତିର ପରମ ଆତ୍ମୀୟ । ସେ ସବୁରି ସାକ୍ଷୀ, ସାଥୀ ଓ ସାମର୍ଥ୍ୟ । ଚରମ ଆସ୍ଥାରେ ଓଡ଼ିଆ କହେ 'ସର୍ବ ମଙ୍ଗଳ ଜଗନ୍ନାଥ'' । ସ୍ଥୁଳରୁ ସୂକ୍ଷ୍ମ ଏବଂ ସସୀମରୁ ଅସୀମକୁ ଯେଉଁ ଉନ୍ମୁଖତା, ତାହା ମାନବୀୟ ସତ୍ତା ଓ ନୈସର୍ଗିକ ଅସ୍ତିତ୍ୱକୁ ଏକତ୍ରିତ କରେ । ଓଡ଼ିଆର ପ୍ରାଣ ପ୍ରଭୁ ଚଳନ୍ତି ଦେବତା ଶ୍ରୀଜଗନ୍ନାଥ ଧର୍ମୀୟ ବଳୟ ମଧ୍ୟରେ ଆବଦ୍ଧ ନୁହନ୍ତି । ଚେତନ ଅବଚେତନରେ ଓଡ଼ିଆ ଲୋକ ଜୀବନ ଜଗନ୍ନାଥମୟ ଭାବସ୍ପନ୍ଦନରେ ସ୍ପନ୍ଦିତ ହୁଏ ।

ଜଗନ୍ନାଥ ଦାସ ଲେଖନୀରୁ ଝରିଛି –

'ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ
ନମସ୍ତେ ପ୍ରଭୁ ବାସୁଦେବ । ଭକତଜନଙ୍କ ବାନ୍ଧବ,
ନମସ୍ତେ ପ୍ରଭୁ ହୃଷିକେଶ । ଭକତଜନଙ୍କ ବିଶ୍ୱାସ ନମସ୍ତେ
ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛୁ ବ୍ୟାପୀ ।

*ଖଣ୍ଡଗିରି ହାଇସିଂବୋର୍ଡ଼ କଲୋନୀ ଭୁବନଶ୍ୱର*

# One Nation One Election: Media Perspective



**Prof. Harekrishna Satpathy**
Former Vice Chancellor

“Achievement of Freedom for a country is important ; but much more important is to preserve and sustain the status to maintain the sovereignty by the concerned Nation . After obtaining independence, India approved her constitution and then implemented it w.e.f 26th January 1950 with a view to guide the governance of this country as per the provisions laid down in the Constitution. “Our constitution is neither rigid nor flexible and as such subjected to amendments from time to time as per the requirement and that too without disturbing or violating the basic structure or core spirit of the Constitution. Hence a number of amendments have taken place so far. In our democratic set-up, although the Parliament, the apex law making institution of the country, has got the supreme power to introduce and pass the amendments, make laws, still the apex court /Supreme Court has the inherent powers to scrutinize the concerned amendments or any enactment by the Parliament from the judicial angle and after hearing the concerned parties, the court has also got the Supreme power to nullify the amendment provided it violates the basic structure and core principles of the constitution,the mother statute of the country. In that case, crisis is bound to crop up and several political parties will try to fish in the troubled water by taking the advantage of this critical situation. Hence each and every step to bring a change in constitutional matter / existing law requires to be taken with utmost care and caution, so that no handle is given




to opposition parties to make an unnecessary hue and cry . "The context is to implement a historic decision like "One Nation One Election". The spirit is that India is One Nation and there should be one election. It seems to be apparently correct. Also sounds reasonable. One election means there should be a simultaneous election both for the Parliament and State Assemblies in the country once in five year. The spirit behind this is to strengthen the sovereignty of the country and to further intensify the unity and integrity of the nation. True, the country in present condition, requires a strong unifying factor to remain united within the four walls of the Constitution, since there is an apprehension of threat either from internal or external forces to destabilise the Country. No doubt, the decision on One Nation, One Election, is a welcome step to maintain sustainability and stability of the country paving the way for her further progress and prosperity. The decision will not only strengthen the oneness of nation but also it will save time, energy and resources and other tangible and intangible properties. Such resources, saved, can be utilized for ensuring more peace and prosperity.“ But in this context, it seems that some questions raised spontaneously by the public and political pandits and particularly by the media of this democratic sovereign country are much more important than their answers. Is it necessary to bring an amendment to the Constitution before implementation of "One Nation One Election" decision or only one amendment in Peoples Representation Act 1951 will do ? Whether this amendment or change in law or change in time honored tradition will disturb the core spirit of the Constitution? In a federal structure, is it advisable to dissatisfy the states that don't agree with the concerned decision because of their local as well as ideological issues? At a time when the entire world has started thinking about democratising the happenings and honouring the individual liberty, whether this decision will be in conformity of the democratic spirit of our Constitution? Has our nation developed that amount of infrastructure and trained & responsible human resources to handle the One Nation One Election celebration? In a nutshell, ARE WE READY? “As regards the unity and integrity of the country, whether this decision will emerge as a solid unifying factor? The list of questions is so long. Possible answers are also given but the matter refuses to die down.“Thanks to media to make the issue alive and continue to debate on the topic. A right conclusion is always arrived only after careful discussions and deliberations. That is, no doubt, the beauty of democracy.

# Lord Jagannath :The Sacred Symbol of Universal Religion

DR. RADHANATH BEHERA

He is the Lord of the universe- Jagannath, the great deity of the Hindu pantheon, the redeemer of the fallen, Patitapabana. He is also known by a host of names and accolades, each signifying a particular aspect of the infinite Godhead. The Lord is worshipped in a unique manner at Puri in Odisha, recognized as one of the four pilgrim centres for any devout Hindu. Ensconced on the Ratnavedi, the sanctum sanctorum inside a grand temple, the Lord is worshipped not with His consort but with His elder brother Balabhadra and younger sister Subhadra. Nowhere in the history of Hindu religious ceremony, is such a trinity worshipped. (A few scholars attribute that in accordance with the great tradition prevalent in the whole country, Devi ubhadra might be the consort of Lord Jagannath; but this view-point is unfounded in the vast Puranic literature). As per the practice followed from time immemorial, not all devotees would be allowed to have a 'darshan' of the deities, leave aside worshipping them within the temple. History records that many ardent devotees were denied entry on the basis of their religious faith and natureof worship. But the Lord is always overwhelmed to be with His devotees and the man-made custom never restrains either. The Lord and His brother and sister come out of the portals of the temple to the open space - the grand road and mount the wooden chariots assigned to each. The chariots bear distinct names and are erected on different set of wooden wheels. Even the colour of the cloth covering the top of each chariot is separate and to a trained eye the deity inside the chariot can be discerned from the colour of the cloth draping the chariot even from a long distance. The deities are pulled by the countless devotees and brought to another sacred Gundicha temple, situated on the other extreme of the grandroad. The crowd becomes swelled as the day enters into the afternoon hours. The procession includes apart from the grateful devotees of all castes and faiths, the retinue of servitors, the eager tourists, volunteers from many religious sects, paramedical staff, plain cloth and even uniformed policemen and many more. Though the road is broad enough for the purpose, the chariots are not simultaneously pulled; they roar one after another to cover a little distance in a bid to be together again. Due care is taken always to resist the frenzied crowd from overreaching the chariots' proximity and their eagerness to touch a portion of the mammoth chariot. History bears witness that the stampede of enthusiastic devotees sometimes resulted in the crushing of a few of them under the giant wheels and this violent mishap gave birth to a notorious word juggernaut. Even this pathetic act is applauded that the person who is juggernauted gains the liberation from the perpetual cycle of birth and death. But thanks to the vigilance of men guarding the movement of chariots - this ghastly accident has not occurred in the known past. Stories abound on the emergence or evolution of Lord Jagannath which is shrouded in mystery. One tradition holds that in the Dwapara age, the presiding deity Sri Krishna, was killed by a hunter Jara hailing from an ancient tribe Savara. As per the prevailing custom, the body was cremated. But although the limbs were reduced to ash, the heart was spared by the devouring fire and the men around were obliged to throw the unburned heart into the sea as a sacred rite. To atone for the sin committed inadvertently, Jara followed the floating heart along the coastal lines and succeeded in its retrieval fromunburned holy heart underwent a change to a blue stone.



Jara was content to worship the relic as a celestial gift inside a thick jungle. This practice was handed over to his succeeding generations until a new incident appeared on the scene. The king Indradyumna in the western direction was determined to worship Lord Vishnu in all purity. He sent emissaries from his kingdom Malava in all four directions. Among them a Brahmin. Visvavasu, sent to the eastern region of the country, only succeeded in spotting the deity. He was young and good-looking and the village headman was too happy to welcome such a handsome guest. Eventually the headman gave his daughter in marriage to Visvavasu, even though he was already married in his own country-side. Through this marital knot tied to the stranger and the headman's daughter, Visvavasu could be successful in locating the mysterious place of worship of the Lord. After staying for some time with his wife and the in-laws, Visvavasu returned to Malava and narrated the whole episode to the king Indradyumna. He came with a vast army and persuaded the Savaras to lead him to the location of the worship of Lord Krishna's sacred heart. He failed to elicit a correct answer and in a retaliatory mood he arrested the headman and commanded him to proceed to the spot of where the relic was worshipped. Having reached the sacred spot and overwhelmed in the presence of the idol, the king tried to take possession of it; but no force or power could move it. That night the Lord revealed to the king in a dream and confided that by proper veneration and not by force He himself would march to the holy spot of His choice. Thereafter, as per the divine command, the king removed the stone image from a nearby pool and shifted it to be enthroned in a temple. As the story unfolds the Lord desired to be lifted by the village headman and Visvavasu only. There commenced the worship of the symbol in stone Lord Jagannath who then began to be worshipped by both the Aryan and non-Aryan devotees. The consecration ceremony was performed by the great Deity Lord Brahma himself. As the legend moves, king Indradyumna found Lord Brahma being absorbed in deep meditation and that was relatively a pretty long duration in the terrestrial time. Meanwhile the temple with the idol was buried beneath a heap of sand and no trace of it was visible to the outsiders. A later-day king Galamadhava while passing through the sandy road had his horse stumbled on a hard substance. The king alighting from the horse-back found to his amazement the tip of a stone-structure hidden within the maze of sand. After a thorough excavation a splendid rock temple came to sight. Time had not eroded the form of the temple. It still retained its outer structure unspoiled by the ravages of time. Its pristine condition was smoothly maintained and its grandeur well-preseved. The king along with Lord Brahma descended on earth only to find that a new generation king had swayed his hold on the temple, claiming himself to be its builder. A dispute ensued between the builder and the claimant and the matter was laid to rest only after the corroboration of several tortoises swimming in a nearby tank. All of them identified the builder, King Indradyumna and recalled that they were human beings long ago and now reduced to the form of turtle because of the strenuous labour involved in carrying vast stones to build temple. This revelation resolved the dispute and King I n d r a d y u m n a regained his lost status as the real builder of the temple. Again the king had to encounter another hardship - the disappearance of the stone idol from the temple itself. Search began without any result. But only after a prolonged propitiation, the Lord was pleased to grant in a vision that He would manifest not as a piece of stone but as a log of wood floating nearby and that wood be carved into three deities. The divine architect Viswakarma was prayed to take up the task in fulfilment of the divine vision. Viswakarma then appeared as an old Brahmin and laid down conditions during the carving of idols - that in the process he would not be disturbed by anyone outsider, and he would be shut in a room to be bolted from inside. The king had to agree to the shocking conditions and he ensured that it would be carried out in letter and spirit with due reverence to his wishes. As the work progressed, the sound of hammering was audible to outsiders which grew fainter and fainter as the days rolled on and after some days it became totally inaudible. The motherly tenderness of the Queen Gundicha stirred her and demanded that she be allowed to open the closed door to verify whether the old architect was still at his work or perished of hunger and starvation. The king could not restrain her and the doors were forcibly opened. To their amazement, the king and the queen witnessed three half-carved, round headed, shapeless deities instead. The carpenter had vanished and they could hear a voice that the Lord henceforth be worshipped in the form of three deities in this halffinished pattern.

***More Next issue***

# Shree Mahalakshmee, the Consort of Lord Jagannath

PRABHAT KUMA R NANDA

The Concept of Jagannatha Culture is based on doctrine of Indian Philosophy (Tatwa) and graceful activities (Leela). While Tatwa enriches the knowledge of scholars and paves the way for further research and debate, Leela envisages the popular gesture and posture of deities embodied with entertainment. Every aspect of Jagannath culture derives the principle based on above two virtues, Out of innumerable aspects, a few are very important and popular. The oncept of Goddess Mahalakshmee is very glorious and academic as widely accepted by common people. Shree Mahalakshmee is the consort of Lord Jagannath. She is the goddess of wealth and virtues. As per puranic belief, Goddess Lakshmee was emerged out of the sea water during SaagarManthana. Lord Bishnu accepted her as his wife. The other name of Goddess Lakshmee is Saagarduhita (daughter of ocean). Accordingly Lord Bishnu is considered as the son-in-law of God Ocean i.e. Baruna Debata. In general, Shree Mahaalakshmee is popularly known as Shree. In human being, Gods or Goddesses exist with the blessings of Shree Lakshmee. Hence in Hindu social system, Shree and Shreemati are added as the first name of the person depicting the glory of Shree Lakshmee. None can exist without the blessing of Shree Lakshmee. Whenever a man or woman dies, Shree or Shreematee is deleted from the name. What to speak of general public, in case of Lord Jagannaath also the first name Shree is added as popularly called as Shree Jagannaath. HenceGoddess Mahaalakshmee is the symbol of peace, virtues, honour and dignity in the universe. The other name of Puri is Shree Kshetra that means land or Kshetra associated with Goddess Lakshmee. The grand temple of Shree Kshetra is also popularly known as Shree Mandir i.e temple blessed by Goddess Lakshmee. Considering the importance of Shree Lakshmee, She is mostly called as Mahaalakshmee. The presence of Goddess Lakshmee is experienced from the top to the bottom of Lord Jagannaath temple. Above the main entrance named as Singhadwara on eastern side, the image of Goddess Lakshmee is found on the top panel being associated with two elephants. Hence before entrance of Jagannaath temple or before the view of any other Gods or Goddesses, Goddess Lakshmee is worshipped at the entrance of the temple. Some scholars opined that Goddess Lakshmee should have been positioned with Lord



Jagannath in the sanctum sanctorum (Garbha Gruha). There are prominent idols of Lord Balabhadra, Goddess Subhadra and Lord Jagannath on the grand throne. The weapon Sudarshan is placed at the backside of Lord Jagannath. Goddess Subhadra is considered as the sister of Lord Jagannath. The other name of Lord Jagannath is Purusottama. All the best virtues of a human being has been fostered in the activities (Leelaa) of Lord Jagannath in Kali Yuga. Out of all possible relations of a male with female, the relationship of brother with sister has been accepted as the best. Lord Jagannath as the epitome, envisaged with qualities of a best human being, considered to permit, sister Subhadra and His elder brother Balabhadra on the grand throne in the sanctum sanctorum. If the philosophy of Lord Jagannath to be considered minutely, it is observed that apart fromLord Balabhadra, Goddess Subhadra, Lord Jagannath and Ayudha Shree Sudarshan, three other idols as Shree Debi, Bhoodebi and Maadhaba are also positioned on grand throne. Such idols have been placed in miniature form to pave the importance of four presiding deities. Since Lord Jagannath requires the presence of Goddess Lakshmee to maintain the status of Shree Jagannath, She is available on the grand throne named as Shree Debi. In other faiths of religion, wives are positioned by the side of husbands, i.e Siba with Parbatee, Rama with Seeta, Krishna with Radha etc. In Jagannath culture Goddess Lakshmee has sacrificed such glory, to be present prominently by the side of Lord Jagannath. The other name of housewife is Sarbamsahaa, that means, tolerant of all situations and problems. Fostering such quality of a Hindu housewife, Goddess Lakshmee sacrificed Her positional status in Shreekshetra. Hence Shreekshetra is a holy place fostering the glory of sacrifice by Goddess Lakshmee as the champion of Odishee housewife. As that of common Odish house wife, Goddess Lakshmee gets anger over the fact that, consort Jagannath proceeded in Car Festival with this brother and sister and failed to accompany with His wife. Hence during the return of Lord Jagannaath to sanctum sanctorum, Goddess Lakshmee closes the door and expresses her anger. Lord Jagannath presents costly costume, Jewellery and sweet Rasogola to Goddess Lakshmee to redress the anger. Like all other Odishi housewives Goddess forgives the consort and welcomes Him to the house. Such celebration is named as Neeladri Bije and the sweet Rasagolla is offered on such celebration only. Hence Rasagolla is an age old traditional sweet itemoffered to deities by the people of Odisha uring Neeladri Bije. There is a separate temple for Goddess Lakshmee in the north western part. The height of the temple is forty feet and is placed behind the main Jagannath temple and constructed in Rekha style of architecture. The main temple of Goddess Lakshmee is connected with Jagamohan i.e. the hall of audience. Two platforms are available in Jagamohan facilitating the devotees for sitting. As per religious practice anybody who visits Goddess Lakshmee temple, compulsorily sits for a while. ***More Next issue***



ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟହତି ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାଙ୍କୁ ସମ୍ମାନିତ କରିବା ପାଇଁ ପ୍ରମେୟ- ନ୍ୟୁଜ୭ ଦ୍ୱାରା ଆୟୋଜିତ WAO 2025 ରେ ଯୋଗଦେଇ ମହିଳା ଆଚିଭର୍ସଙ୍କୁ ସମ୍ମାନିତ କରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

# ଏଣିକି ଜୈବିକ ଚାଉଳରେ ଶ୍ରୀମନ୍ଦିର କୋଠଭୋଗ

**ଭୁବନେଶ୍ୱର/ପୁରୀ:** ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଜୈବିକ ଚାଉଳ ବ୍ୟବହାର କରାଯିବ। ଏହାସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବ। 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ସଂପୂର୍ଣ୍ଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ଲାଗି ଏକ ପରିଚାଳନା କମିଟି ଗଠନ କରାଯିବ ଏବଂ ଏଥିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ। ବୁଧବାର କୃଷି ଭବନ ସମ୍ମିଳନୀ କକ୍ଷରେ ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ସଂକ୍ରାନ୍ତୀୟ ପରାମର୍ଶ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ସୁଆର ମହାସୁଆର ନିଯୋଗ ସ୍ୱାଗତ ଜଣାଇଛି।



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଉତ୍ପାଦିତ 'କଳାଜିରା', 'ପିମ୍ପୁଡ଼ିବାସ', 'ଯୁବରାଜ' ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହାର ହେବ। ତହିଁରୁ କଳାଜିରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି। ଚଳିତବର୍ଷ କୋରାପୁଟରେ ୧୩୬୫ ଏକର ଜମିରେ କଳାଜିରା ଚାଉଳ ଚାଷ ହୋଇଛି। କୋଟପାଡ଼ଠାରେ ପ୍ରଥମଥର ପାଇଁ କଳାଜିରା ଧାନ ମଣ୍ଡି ଖୋଲାଯାଇଛି। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍ ଓ ରିଆତି ଆଦିର ପ୍ରସ୍ତାବ ରହିଛି। ଏଥିସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ। ଜୈବିକ ପଦ୍ଧତିରେ ଉତ୍ପାଦନ ବେଳେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟ ଜୈବିକ ଖତର ବ୍ୟବହାର ରାଜ୍ୟରେ ଗୋବଂଶର ସୁରକ୍ଷା ଓ ବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ।

ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର-ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସଂପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବେ?ଦନାଥ ମହାସୁଆର, ବିଭିନ୍ନ ଜୈବିକ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ରାଜେନ୍ଦ୍ର ଦେଶୀ ଧାନ ଗବେଷଣା ପ୍ରତିଷ୍ଠାନର ନଟବର ଷଡ଼ଙ୍ଗୀ, କୋରାପୁଟ ପ୍ରଗତି ଅନୁଷ୍ଠାନର ପ୍ରଭାକର ଅଧିକାରୀ ଉପସ୍ଥିତ ଥିଲେ।

## ଏଣିକି ଖଣି ଜଗିବେ ଓଆଇଏସ୍‌ଏଫ୍ ଯବାନ

ଭୁବନେଶ୍ୱର: ଯାଜପୁର ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଚୋରି ରୋକିବା ସମ୍ଭବ ହେଉନାହିଁ। ଖଣିଜ ଚୋରି ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ ସମୟରେ ଖଣି ଚୋରି ରୋକିବା ଓ ଏହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବଜେଟ୍‌ରେ ୫୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଣିକି ବିଭିନ୍ନ ଖଣିଖାଦାନରେ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (ଓଆଇଏସ୍‌ଏଫ୍) ଯବାନଙ୍କୁ ମୁତୟନ କରାଯିବ ବୋଲି ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବ ସରକାରରେ ଲିଜ୍‌ଧାରୀ ପ୍ରଶାସନକୁ ହାତବାରିସି କରି ବେଆଇନ ଭାବେ ଅନୁମତିଠାରୁ ବହୁଗୁଣ କଳାପଥର ଉତ୍ତୋଳନ କରିଥିଲେ। ଏ ନେଇ ଲିଜ୍‌ଧାରୀଙ୍କ ଉପରେ ବହୁ କୋଟି ଟଙ୍କା ଜରିମାନା ହୋଇଥିଲା।

## ଝାରସୁଗୁଡ଼ାରୁ ମୁମ୍ବାଇ ବିମାନସେବା ଆରମ୍ଭ



ଝାରସୁଗୁଡ଼ା: ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର। ଆଜିଠାରୁ ଝାରସୁଗୁଡ଼ାରୁ ମୁମ୍ବାଇ ବିମାନସେବା ଆରମ୍ଭ ହୋଇଛି। ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଆଜି ୯୧ଜଣ ଯାତ୍ରୀଙ୍କୁ ନେଇ ଇଣ୍ଡିଗୋ ଏୟାର ବସ୍ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି। ଏଥିରେ ୧୮୦ ଯାତ୍ରୀ ସୁବିଧାରେ ଯାତ୍ରା କରିପାରିବେ। ଏହି ବିମାନ ସପ୍ତାହର ସବୁଦିନ ଚଳାଚଳ କରିବ ବୋଲି ଜଣାଯାଇଛି। ଝାରସୁଗୁଡ଼ା ବିମାନବନ୍ଦରରୁ ତୃତୀୟ ରୁଟ୍ ଭାବେ ରାୟପୁରକୁ ଗତ ମାସ ୨ ତାରିଖରେ ବିମାନ ସେବା ଆରମ୍ଭ କରିଥିଲା ଷ୍ଟାର ଏୟାର। ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଷ୍ଟାର ଏୟାର ଷ୍ଟେସନ୍ ମ୍ୟାନେଜର ଓ ବିମାନବନ୍ଦର କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ, କେକ୍ କାଟିବା ପରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ କାର୍ଡ ପ୍ରଦାନ କରାଯାଇଥିଲା। ପ୍ରଥମ ଦିନରେ ରାୟପୁରକୁ ୪୯ ଜଣ ଯାତ୍ରା କରିଥିଲେ। ଝାରସୁଗୁଡ଼ା-ରାୟପୁର-ଝାରସୁଗୁଡ଼ା ରୁଟ୍‌ରେ ଏହି ବିମାନ ସେବା ସପ୍ତାହକୁ ୩ ଦିନ ସୋମବାର, ବୁଧବାର ଓ ରବିବାର ଚଳାଚଳ କରୁଛି। ଏଣେ ଝାରସୁଗୁଡ଼ାରୁ ଲକ୍ଷ୍ନୌ ଅଭିମୁଖେ ଷ୍ଟାର ଏୟାର ନିଜର ସେବା ଆରମ୍ଭ କରିଥିଲା। ଏହା ପୂର୍ବରୁ ଝାରସୁଗୁଡ଼ାରୁ ହାଇଦ୍ରାବାଦ ରୁଟ୍‌ରେ ଏହି ସଂସ୍ଥା ବିମାନ ସେବା ଆରମ୍ଭ କରିଥିଲା।

## 'କଳାଜୀରା'କୁ ଶ୍ରୀମନ୍ଦିରର ପ୍ରସାଦରେ ବ୍ୟବହାର କରିବାକୁ ପ୍ରସ୍ତାବ ରହିଛି: ସଚିବ

କୋରାପୁଟ: ଜୈବିକ ପଦ୍ଧତିରେ ହେଉଥିବା ଚାଷ ଓ ଏଥିରେ ଉତ୍ପାଦିତ ଦ୍ରବ୍ୟକୁ ନେଇ ବିଶ୍ୱରେ କୋରାପୁଟ ସ୍ୱତନ୍ତ୍ର ସ୍ଥାନ ପାଇଛି। ଏହାକୁ ବଜାୟ ରଖନ୍ତୁ। ରାସୟନିକ ସାର ବ୍ୟବହାରକୁ ନାଁ କରନ୍ତୁ। ଚାଷୀ ଓ ଚାଷର ଭିତ୍ତିଭୂମିକୁ ସଜାଡ଼ିବା ଓ ବଜାର ଯୋଗାଇବା ପାଇଁ ରାଜ୍ୟ ସରକାର, ଜିଲ୍ଲାପ୍ରଶାସନ ସବୁ ବେଳେ ପ୍ରସ୍ତୁତ ବୋଲି କୋରାପୁଟ ଗସ୍ତରେ ଆସିଥିବା ରାଜ୍ୟ ପ୍ରମୁଖକୃଷି ସଚିବ ଡ.ଅରବିନ୍ଦ ପାଢ଼ୀ ଚାଷୀଙ୍କୁ କହିଛନ୍ତି। କୋରାପୁଟ ଜିଲ୍ଲା ଗସ୍ତରେ ଆସି ଦୟାନିଧିଗୁଡାରେ ଥିବା ଜୈବିକ ଶ୍ରୀର ଫାର୍ମକୁ ଗସ୍ତରେ ଯାଇଥିଲେ। ଏଠାରୁ ଆଜି ଅଦା ପ୍ରକ୍ରିୟାକରଣ କରାଯାଇ ଜୈବିକ ଶ୍ରୀ ପକ୍ଷରୁ ଜେଟି ଭାରତ ଓପାଲେଡିନା ସହଯୋଗରେ ରାୟପୁରକୁ ୧୫ ମେଟ୍ରିକଟନ୍ ଓ ପଂଜାବକୁ ୩୦ମେଟ୍ରିକ ଟନ୍ ଅଦା ବିକ୍ରି ପାଇଁ ଟ୍ରକରେ ପଠାଯାଇଥିଲା।



ଏହି ଦୁଇ ଟ୍ରକକୁ ଡ. ପାଢ଼ୀ, ରାଜ୍ୟ ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ନିଖିଲ ପଓ୍ୱନ୍ କଲ୍ୟାଣ, ଜିଲ୍ଲାପାଳ ଭି.କୀର୍ତ୍ତିଓ୍ୱାସନ, ଆଦି ସବୁଜ ପତାକା ଦେଖାଇ ପଠାଇଥିଲେ। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ, ଜେ?ବିକଶ୍ରୀର ସିଇଓ ମୁରଲୀ ଅଧିକାରୀ, ନିର୍ଦ୍ଦେଶକ ସୁରେନ୍ଦ୍ର ମନ୍ତି, କାର୍ଯ୍ୟକ୍ରମ ଅଧିକାରୀ ଡ.ଲୁନା ପଣ୍ଡା, ଜିଲ୍ଲା ଉଦ୍ୟନା ବିଭାଗ ଉପନିର୍ଦ୍ଦେଶକ ସୁଦାମ ଚରଣ ବିଶ୍ୱାଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକ୍ରମ ଅଧିକାରୀ ତାପସ ରଂଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପ୍ରମୁଖ କୃଷି ସଚିବ ଜେ?ବିକ ଶ୍ରୀ ଫାର୍ମ ପରିସରକୁ ଯାଇ ପ୍ରକ୍ରିୟାକରଣ କରାଯାଇଥିବା ଅଦା, କଫି ମଂଜି ଆଦିର ତଦାରଖ କରିବା ସହ ଯନ୍ତାଂଶର ନିରୀକ୍ଷଣ କରିଥିଲେ। ଉପସ୍ଥିତ ଚାଷୀଙ୍କ ବେ?ଠକରେ ଯୋଗ ଦେଇଥିଲେ।

## ପୁରୀରେ ନଡ୍ଡା: ପୁରୀରେ ଜନସ୍ୱାସ୍ଥ୍ୟ ସେବା ଜାତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ

ପୁରୀ: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଶାର ପୁରୀଠାରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଓ ଉଦ୍ଭାବନ ସମ୍ପର୍କିତ ନବମ ଜାତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମାନଜନକ କାର୍ଯ୍ୟକ୍ରମ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ସେମାନଙ୍କର ଅଭିନବ ଅଭ୍ୟାସ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ରଣନୀତି ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ । ନବମ ଜାତୀୟ ଶିଖର ସମ୍ମିଳନୀକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଉଦଘାଟନ କରିଛନ୍ତି । ନଡ୍ଡାଙ୍କ ବ୍ୟତୀତ ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉପସ୍ଥିତ ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ପ୍ରମୁଖ ସଚିବ, ମିଶନ ନିର୍ଦ୍ଦେଶକ, ବରିଷ୍ଠ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନୋଡାଲ ଅଧିକାରୀ (ଏନ୍‌ଏଚ୍‌ଏମ୍ ଅଧିକାରୀ) ଏବଂ ମନ୍ତ୍ରଣାଳୟ, ଏନ୍‌ଏଚ୍‌ଏସ୍‌ଆରସି ଏବଂ ଆରଆରସି-ଏନଇର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି । ୨୦୧୩ ମସିହାରେ ଏହାର ଆରମ୍ଭ ପରଠାରୁ ଏହି ଜାତୀୟ ସମ୍ମିଳନୀ



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଏବଂ କ୍ରସ୍-ଲର୍ଣ୍ଣିଂକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବାର୍ଷିକ ପ୍ରୟାସରେ ପରିଣତ ହୋଇଛି। ବର୍ଷ ବର୍ଷ ଧରି, ଏହା ସଫଳତାର ସହ ଅଗ୍ରଣୀ ପଦକ୍ଷେପ ସଂପର୍କିତ ସୂଚନା ପ୍ରସାରଣ କରିଛି ଯାହା ଭାରତର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ଏହା ପୂର୍ବରୁ ୨୦୨୨ ମେ' ମାସରେ ଗୁଜରାଟର କେଭାଡିଆଠାରେ ଚିନ୍ତନ ଶିବିର ସହ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ଆର ପାରିରେ ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର, ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ବ୍ୟକ୍ତିଙ୍କ ଶେଷ ଦର୍ଶନ

ଭୁବନେଶ୍ୱର: ବାଟ ସରିନଥିଲା। କିନ୍ତୁ 'ଅଭିମାନ' କରି ସବୁଦିନ ପାଇଁ ଶୋଇଗଲେ ଓଡ଼ିଶା ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଉତ୍ତମ ମହାନ୍ତି। ପରିଜନ, ପ୍ରଶଂସକ, ଶୁଭେଚ୍ଛୁଙ୍କୁ ସାତ ପର କରି ଅଫେରା ରାଇଜକୁ ଫେରିଗଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏହି ଅପ୍ରତିଦ୍ୱନ୍ଦ୍ୱୀ ନାୟକ। ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଆଜି ତାଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି। ସରିଯାଇଛି ଓଡ଼ିଆ ଚଳଚ୍ଚିତ୍ରର 'ଉତ୍ତମ' ଯୁଗ। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଉତ୍ତମ ଗୁରୁଗାଁ ?ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଗତକାଲି ଶେଷ ନିଶ୍ୱାସ ନେଇଥିଲେ। ଆଜି ପୂର୍ବାହ୍ନରେ ତାଙ୍କ ମରଶରୀରକୁ ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଥିଲା। ସେଠାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁଲିସ କମିସନର ଓ ଡିସିପି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ବିମାନବନ୍ଦରରୁ ବରମୁଣ୍ଡା ଜଗନ୍ନାଥବିହାରସ୍ଥିତ ବାସଭବନରେ ପହଞ୍ଚିଥିଲା ପାର୍ଥିବ ଶରୀର। ଅନ୍ତିମ ଦର୍ଶନ ପାଇଁ ବାସଭବନକୁ ଛୁଟି ଆସିଥିଲେ ଶୁଭେଚ୍ଛୁ,



ସିନେପ୍ରେମୀ ଓ ଓଡ଼ିଆ କଳାଜଗତର ଶହ ଶହ ବ୍ୟକ୍ତିବିଶେଷ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତମଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ପତ୍ନୀ ଅପରାଜିତା ଓ ପୁଅ ବାବୁସାନଙ୍କୁ ସମବେଦନା ଜଣାଇଥିଲେ। ବାସଭବନ ବାହାରେ ଶୁଭୁଥିଲା 'ଉତ୍ତମ ଅମର ରହେ' 'ଉତ୍ତମ ଜିନ୍ଦାବାଦ' ନାରା। ସେତିକିବେଳେ କୋକେଇ ବନ୍ଧା ପ୍ରସ୍ତୁତି ଚାଲିଥିଲା ଏବଂ ପ୍ରଶଂସକମାନଙ୍କ କାନ୍ଦବୋବାଳିରେ ପରିବେଶ ଫାଟି ପଡ଼ିଥିଲା। ଅପରାହ୍ନ ପ୍ରାୟ ୩ଟାରେ ଶୋକାକୁଳ ପରିବେଶରେ ବାସଭବନରୁ ଆରମ୍ଭ ହୋଇଥିଲା ଶ୍ମଶାନ ଅଭିମୁଖେ ଶେଷ ଯାତ୍ରା। ପୁଅ ବାବୁସାନ୍? କୋକେଇ କାନ୍ଧେଇଥିଲେ ଏବଂ ଲୁହ ଛଳଛଳ ଆଖିରେ କୋକେଇ ପଛେ ପଛେ ବୋହୂ ତୃପ୍ତି ଗୋବର ପାଣି ପକାଇ ରାସ୍ତା ଓଳାଇ ଥିଲେ। 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' କହି ଆତ୍ମୀୟ ସ୍ୱଜନ ଓ ପ୍ରଶଂସକମାନେ ଶବାଧାର ଆଗେ ଆଗେ ଚାଲିଥିଲେ। ଉତ୍ତମ ଶିରିଡ଼ି ସାଇବାବାଙ୍କ ମନ୍ଦିରକୁ ପ୍ରତିଦିନ ଯାଉଥିଲେ। ତେଣୁ ନିକଟରେ ଥିବା ସାଇ ମନ୍ଦିର ସମ୍ମୁଖକୁ ପ୍ରଥମେ ତାଙ୍କ ମରଶରୀରକୁ ନିଆଯାଇଥିଲା। ସେଠାରୁ ସତ୍ୟନଗର ଶ୍ମଶାନକୁ ପୁଲିସ କାରକେଡ୍‌ରେ ନିଆଯାଇଥିଲା। ଶ୍ମଶାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତମଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପଣ୍ଡିତ ପ୍ରଦୀପ ବାହିନୀପତି ଶ୍ମଶାନରେ ପଥଶ୍ରାଦ୍ଧ କରିଥିଲେ। ଶେଷ ଥର ପାଇଁ ବାପାଙ୍କ ମୁହଁରେ ଶ୍ରାଦ୍ଧ ଅନ୍ନ ଦେବା ବେଳେ କୋହ ସମ୍ଭରଣ କରିପାରିନଥିଲେ ବାବୁସାନ। ଥରଥର ହାତରେ ବାପାଙ୍କୁ ମୁଖାଗ୍ନି ଦେବା ପରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଶ୍ମଶାନରେ ମଧ୍ୟ ହଜାର ହଜାର ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଜୁଇ ଜଳୁଥିବା ବେଳେ ପ୍ରଶଂସକମାନେ ଶ୍ମଶାନ ନିକଟରେ ରହି ଉତ୍ତମଙ୍କୁ ଚିର ବିଦାୟ ଜଣାଇଥିଲେ।

## ଆଇପିଏସ୍ ସ୍ତରରେ ବଡ଼ ଅଦଳବଦଳ:

ଭୁବନେଶ୍ୱର: ମାତ୍ର ୫ ମାସର ବ୍ୟବଧାନରେ ରାଜ୍ୟ ସରକାର କଟକ ଓ ଭୁବନେଶ୍ୱର ଡିସିପିଙ୍କୁ ବଦଳି କରିଛନ୍ତି। କେବଳ ସେତିକି ନୁହେଁ, ଅତିରିକ୍ତ ସିପିଙ୍କୁ ମଧ୍ୟ ବଦଳି କରାଯାଇଛି। ଏଥିସହିତ ୨୬ଜଣ ଆଇପିଏସ୍‌ଙ୍କ ପଦବିରେ ପରିବର୍ତ୍ତନ କରିଛନ୍ତି। ଏ ସଂକ୍ରାନ୍ତରେ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଅବକାରୀ କମିସନରଙ୍କୁ ବଦଳି କରିଥିଲେ ହେଁ ତାଙ୍କ ସ୍ଥାନରେ କାହାକୁ ଦାୟିତ୍ୱ ଦେଇନାହାନ୍ତି। ତଥ୍ୟ ଅନୁସାରେ, ୧୯୮୯ ବ୍ୟାଚ୍ ଆଇପିଏସ୍ ତଥା ଡାଇରେକ୍ଟର ପ୍ରିଣ୍ଟିଂ ସିଦ୍ଧାର୍ଥ ଏସ୍ ନରବଣେଙ୍କୁ ଓଡ଼ିଶା ମାନବିକ ଅଧିକାର ସୁରକ୍ଷା ସେଲ୍‌ର ସ୍ୱତନ୍ତ୍ର ଡିଜି ଭାବେ ବଦଳି କରାଯାଇଛି। ୧୯୯୭ ବ୍ୟାଚ୍ ଆଇପିଏସ୍ ତଥା ଓଏସ୍ ଆରଟିସି ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକଙ୍କୁ ନରବଣେଙ୍କ ସ୍ଥାନରେ ଡାଇରେକ୍ଟର ପ୍ରିଣ୍ଟିଂ ଭାବେ ନିଯୁକ୍ତି ଦିଆଯାଇଛି। ୨୦୦୦ ବ୍ୟାଚ୍ ଆଇପିଏସ୍ ତଥା ଏଡିଜି ପ୍ରୋଭିଜନିଂ ଯତୀନ୍ଦ୍ର କୋୟଲଙ୍କୁ ଏଡିଜି ଏଚ୍‌ଆରପିସି, ୨୦୦୨ ବ୍ୟାଚ୍ ଆଇପିଏସ୍ ତଥା ଆଇଜି ପର୍ସୋନେଲ୍ ପ୍ରବୀଣ କୁମାରଙ୍କୁ କେନ୍ଦ୍ରାଞ୍ଚଳ ରେଞ୍ଜକୁ ବଦଳି କରାଯାଇଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ତଥା ଅବକାରୀ କମିସନର ନରସିଂହ ଭୋଳଙ୍କୁ ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍‌ର ଅତିରିକ୍ତ ପୁଲିସ କମିସନର ଭାବେ ନିଯୁକ୍ତି ଦିଆଯାଇଛି। ତେବେ ଅବକାରୀ କମିସନର ଭାବେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ୨୦୦୪ ବ୍ୟାଚ୍ ଆଇପିଏସ୍ ତଥା ଅଗ୍ନିଶମ ଆଇଜି ଡା.ଦୀପକ କୁମାରଙ୍କୁ ଆଇଜି ଅପରେସନ୍, ୨୦୦୫ ବ୍ୟାଚ୍ ଆଇପିଏସ୍ ତଥା ଆଇଜି ଅପରେସନ୍ ଦାୟିତ୍ୱରେ ଥିବା ଜୟନାରାୟଣ ପଙ୍କଜଙ୍କୁ ଗୁଇନ୍ଦା ଆଇଜି ଭାବେ ନିଯୁକ୍ତି ଦିଆଯାଇଛି।



ଭକ୍ତକବି ମଧୁସୂଦନ ରାଓଙ୍କ ପୂଣ୍ୟ ଜନ୍ମତିଥି ଅବସରରେ ତାଙ୍କ ରଚିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡ଼ିଜିଟାଲ କପି ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଭୁବନେଶ୍ୱର ସାଂସଦ ବାବୁ ସିଂହ ପ୍ରମୁଖ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ।



ପୁରୀ ସୁରଜମଲ ସାହା ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ସହ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଛନ୍ତି। ଏଥିରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଆଗାମୀ ଭବିଷ୍ୟତରେ ନିଜ ଶିକ୍ଷା ମହତ୍ୱକୁ ଶୀର୍ଷ ସ୍ଥାନରେ ସ୍ଥାନିତ କରିବା ପାଇଁ କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।




ନ୍ୟାସନାଲ ଡିଫେନ୍ସ କଲେଜର ୧୭ଜଣିଆ ପ୍ରତିନିଧିମଣ୍ଡଳୀ ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଙ୍କୁ ସାକ୍ଷାତ କରିବା ଅବସରରେ। ଏଥିରେ ଭାରତୀୟ ସ୍ଥଳ ସେନା, ବାୟୁସେନା, ନୌସେନା ଓ ବେସାମରିକ ସେବାର ବରିଷ୍ଠ ଅଧିକାରୀ ତଥା ମିତ୍ର ରାଷ୍ଟ୍ର ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ନେପାଳ ଓ ବାଂଲାଦେଶରୁ ଆସିଥିବା ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହାସହ ଓଡ଼ିଶାର ଦ୍ରୁତ ବିକାଶକୁ ନେଇ ପ୍ରଶଂସା କରିଥିଲେ।



ପବିତ୍ର କୁମ୍ଭମେଳା ଅବସରରେ ପ୍ରୟାଗରାଜରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଡ଼ ପକାଇବା ସହ ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ଦର୍ଶନ କରିଛନ୍ତି । ଏହାସହ କାଶୀ ବିଶ୍ୱନାଥଙ୍କ ପୂଜାର୍ଚ୍ଚନା କରିଛନ୍ତି। ବାରଣାସୀରେ ଆୟୋଜିତ କାଶୀ-ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି।

# ୟୁରୋପୀୟ କମିଶନ ଅଧ୍ୟକ୍ଷଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିବୃତ୍ତି



**ନୂଆଦିଲ୍ଲୀ:** ମାନନୀୟ, ୟୁରୋପୀୟ କମିଶନର ଅଧ୍ୟକ୍ଷ, ୟୁରୋପୀୟ କମିଶନର ବୃନ୍ଦ, ପ୍ରତିନିଧିଗଣ, ଗଣମାଧ୍ୟମ ବନ୍ଧୁଗଣ, ନମସ୍କାର ! ୟୁରୋପୀୟ କମିଶନର ଅଧ୍ୟକ୍ଷ ଏବଂ ଅନ୍ୟ କମିଶନର ବୃନ୍ଦଙ୍କ ଏହି ଭାରତ ଗସ୍ତ ଅଭୂତପୂର୍ବ। ଏହା କେବଳ ୟୁରୋପୀୟ କମିଶନଙ୍କ ପ୍ରଥମ ଭାରତ ଗସ୍ତ ନୁହେଁ, ବରଂ ପ୍ରଥମଥର ପାଇଁ କୌଣସି ଏକ ଦେଶରେ ୟୁରୋପୀୟ କମିଶନଙ୍କ ଏହା ଏତେ ବ୍ୟାପକ ଗସ୍ତ। ଏହା ନୂତନ କମିଶନଙ୍କ ସଦ୍ୟତମ କାର୍ଯ୍ୟକାଳର ପ୍ରଥମ ଗସ୍ତ ମଧ୍ୟରୁ ଗୋଟିଏ। ଏହି ଐତିହାସିକ ଅବସରରେ, ମୁଁ ୟୁରୋପୀୟ କମିଶନଙ୍କ ଅଧ୍ୟକ୍ଷ ଏବଂ କମିଶନର ବୃନ୍ଦଙ୍କୁ ଭାରତରେ ସ୍ୱାଗତ କରୁଛି। ବନ୍ଧୁଗଣ, ଭାରତ ଏବଂ ୟୁରୋପୀୟ ୟୁନିଅନ ମଧ୍ୟରେ ଏହି ଦୁଇ ଦଶନ୍ଧି ଧରି ଚାଲିଥିବା ରଣନୈତିକ ସହଭାଗୀତା ସ୍ୱାଭାବିକ। ଏହାର ମୂଳଭିତ୍ତି ପରସ୍ପର ଭିତରେ ଆସ୍ଥା , ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ ଏବଂ ସମୃଦ୍ଧି ଓ ସମାନ ପ୍ରଗତି ପାଇଁ ଏକ ପାରସ୍ପରିକ ପ୍ରତିବଦ୍ଧତା ଉପରେ ଆଧାରିତ। ଏହିକ୍ରମରେ, ଆମେ ଗତକାଲି ଏବଂ ଆଜି ମଧ୍ୟରେ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୦ ଟି ମନ୍ତ୍ରୀସ୍ତରୀୟ ବୈଠକ କରିଛୁ। ଏଥିରେ ବିଭିନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିଷୟ ଉପରେ ଆନ୍ତରିକ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି। ଆମର ସହଭାଗୀତାକୁ ଉନ୍ନତ ଏବଂ ତ୍ୱରାନ୍ୱିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆମେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ନିବେଶ, ନବସୃଜନ, ସବୁଜ ଅଭିବୃଦ୍ଧି, ସୁରକ୍ଷା, ଦକ୍ଷତା ଏବଂ ଯାତାୟାତ କ୍ଷେତ୍ରରେ ସହଯୋଗ ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛୁ। ଏହି ବର୍ଷ ଶେଷ ସୁଦ୍ଧା ଏକ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମ୍ପନ୍ନ କରିବାକୁ ଆମେ ଆମର ନିର୍ଦ୍ଧାରିତ ଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦେଇଛୁ। ବନ୍ଧୁଗଣ, ନିବେଶ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ, ନିବେଶ ସୁରକ୍ଷା ଏବଂ ଜିଆଇ ଚୁକ୍ତିନାମା ଉପରେ ଆଗକୁ ବଢ଼ିବା ବିଷୟରେ ମଧ୍ୟ ଆଲୋଚନା ହୋଇଛି। ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ, ଏକ ବିଶ୍ୱସ୍ତ ଏବଂ ସୁରକ୍ଷିତ ମୂଲ୍ୟ ଶୃଙ୍ଖଳା ଆମର ସାଧାରଣ ପ୍ରାଥମିକତା। ଆମେ ସେମିକଣ୍ଡକ୍ଟର, ଏଆଇ, ଉଚ୍ଚ କ୍ଷମତାପନ୍ନ କମ୍ପ୍ୟୁଟିଂ ଏବଂ ୬-ଜି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ମଧ୍ୟ ସହମତ ହୋଇଛୁ। ଏହାସହ ମହାକାଶବିଜ୍ଞାନ ସମ୍ବନ୍ଧୀୟ ଆଲୋଚନା ଆରମ୍ଭ କରିବାକୁ ମଧ୍ୟ ଆମେ ନିଷ୍ପତ୍ତି ନେଇଛୁ। ବନ୍ଧୁଗଣ, ପରିବେଶ ଏବଂ ଅର୍ଥନୀତି ମଧ୍ୟରେ ସନ୍ତୁଳନ ଆମର ମିଳିତ ପ୍ରତିବଦ୍ଧତା ରହିଛି ଏବଂ ଏହି ଦିଗରେ ଆମ ଉଭୟଙ୍କ ସହଯୋଗ ଦୃଢ଼ ରହି ଆସିଛି। ଆମେ ଏକ ସବୁଜ ହାଇଡ୍ରୋଜେନ ଫୋରମ ଏବଂ ସମୁଦ୍ର ତଟୀୟ ପବନ ଶକ୍ତି ବାଣିଜ୍ୟ ସମ୍ମିଳନୀ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛୁ। ଇଭି ବ୍ୟାଟେରୀ, ସାମୁଦ୍ରିକ ପ୍ଲାଷ୍ଟିକ୍ ଏବଂ ସବୁଜ ହାଇଡ୍ରୋଜେନ୍ ସମ୍ବନ୍ଧରେ ମିଳିତ ଗବେଷଣା କରାଯିବ। ଉଭୟ ପକ୍ଷ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସୁରକ୍ଷା, ସ୍ଥିରତା ଏବଂ ସମୃଦ୍ଧିର ଗୁରୁତ୍ୱ ଉପରେ ସହମତ ରହିଛନ୍ତି। 'ଭାରତ ପ୍ରଶାନ୍ତ ମହାସାଗର କାର୍ଯ୍ୟକ୍ରମ'ରେ ଯୋଗଦେବା ପାଇଁ ଇୟୁର ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଆମେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ଆଫ୍ରିକାରେ ପରିପୂରକ ଏବଂ ଅନ୍ତର୍ଭୁକ୍ତି ବିକାଶ ପାଇଁ ତ୍ରିକୋଣୀୟ ବିକାଶ ପ୍ରକଳ୍ପରେ ଏକାଠି କାମ କରିବୁ। ବନ୍ଧୁଗଣ, ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆମ ସମ୍ପର୍କର ସବୁଠାରୁ ଶକ୍ତିଶାଳୀ ସମ୍ପତ୍ତି। ଆଜି, ଆମେ ଆମ ମଧ୍ୟରେ ଶିକ୍ଷା, ଗବେଷଣା ଏବଂ ଶିଳ୍ପ ସହଭାଗୀତା ବୃଦ୍ଧି କରିବା ପାଇଁ ଏକ ନୂତନ ଚୁକ୍ତିନାମାରେ ପହଞ୍ଚିଛୁ। ମୁଁ ବିଶ୍ୱାସ କରେ ଯେ ଭାରତର ଯୁବ ପ୍ରତିଭା ଏବଂ ୟୁରୋପର ନବସୃଜନ ମିଳିତ ଭାବରେ ଅସୀମ ସମ୍ଭାବନା ସୃଷ୍ଟି କରିପାରିବ। ଆମେ ଇୟୁର ନୂତନ ଭିସା କାସ୍କେଡ୍ ବ୍ୟବସ୍ଥାକୁ ସ୍ୱାଗତ କରୁଛୁ। ଏହା ଭାରତର ପ୍ରତିଭାଶାଳୀ ଯୁବକମାନଙ୍କ ଦକ୍ଷତାକୁ ଉତ୍ତମ ଗତି ପ୍ରଦାନ କରିବ। ଆମେ ୨୦୨୫ ପରର ଅବଧି ପାଇଁ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସହଭାଗୀତା ବୃଦ୍ଧି ଲାଗି ଏକ ସାହସିକ ଏବଂ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ତିଆରି କରିବାକୁ ନିଷ୍ପତ୍ତି ନେଇଛୁ। ଏହା ପରବର୍ତ୍ତୀ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ସମୟରେ ଆରମ୍ଭ ହେବ। ମାମନୀୟ, ଆପଣଙ୍କ ଭାରତ ଗସ୍ତ ଆମର ସହଭାଗୀତାକୁ ନୂତନ ଗତି, ଶକ୍ତି ଏବଂ ଉତ୍ସାହ ଦେଇଛି। ଏହି ଯାତ୍ରା ହେଉଛି ସବୁଠାରୁ ବଡ଼ ଉତ୍ତେଜକ ଯାହା ଆମର ମହତ୍ୱାକାଂକ୍ଷାକୁ କାର୍ଯ୍ୟରେ ପରିଣତ କରିବ। ପରବର୍ତ୍ତୀ ଭାରତ-ୟୁରୋପୀୟ ସଂଘ ସମ୍ମିଳନୀ ପାଇଁ ଆପଣଙ୍କୁ ପୁଣି ଥରେ ଭାରତରେ ସ୍ୱାଗତ କରିବାର ସୁଯୋଗ ପାଇ ମୁଁ ଉତ୍ସାହର ସହିତ ଅପେକ୍ଷା କରିଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ୟୁରୋପୀୟ ଆୟୋଗର କାର୍ଯ୍ୟନିବାହୀ ଉପାଧ୍ୟକ୍ଷ



**ନୂଆଦିଲ୍ଲୀ/ଭୁବନେଶ୍ୱର:** ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ନିବିଡ ଓ ମଜଭୂତ୍ କରିବା ଦିଗରେ ଶୁକ୍ରବାର ୟୁରୋପୀୟ ଆୟୋଗର ସାମାଜିକ ଅଧିକାର, ଦକ୍ଷତା, ଗୁଣାତ୍ମକ ଚାକିରି ଏବଂ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ରୋକ୍ସାନା ମିଞ୍ଜାତୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି ।
ଏହି ସାକ୍ଷାତ୍ ଆଲୋଚନା ଅବସରରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଶିକ୍ଷାଗତ, ଗବେଷଣା ଏବଂ ଦକ୍ଷତା ବିକାଶ ସମ୍ପର୍କକୁ ଅଧିକ ନିବିଡ କରିବା ସହିତ ସମ୍ଭାବ୍ୟ ଭାଗିଦାରୀ ଉପରେ ଫଳପ୍ରଦ ଆଲୋଚନା ହୋଇଛି । ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଭଳି ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଭାଗିଦାରୀ ସୃଷ୍ଟି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବା, ଛାତ୍ରଛାତ୍ରୀଙ୍କ ଦ୍ୱିପାକ୍ଷିକ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ଦୁଇ ନେତୃତ୍ୱ ବିଚାରବିମର୍ଶ କରିଥିଲେ । ଅନୁରୂପ ଭାବରେ ଅଧ୍ୟାପକ ବା ଶିକ୍ଷକ ବିନିମୟ, ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ଜଏଣ୍ଟ/ଡୁଆଲ ଡିଗ୍ରୀ ଏବଂ ଟୁଇନିଂ ପ୍ରୋଗ୍ରାମ ସହ ଭାରତରେ ଥିବା ପ୍ରମୁଖ ୟୁରୋପୀୟ ସଂଘ ବିଶ୍ୱବିଦ୍ୟାଳୟଗୁଡିକର ଅଫସୋର କ୍ୟାମ୍ପସର ସମ୍ଭାବନା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା ।

# ମଣିପୁର ସୁରକ୍ଷା ସ୍ଥିତି ଉପରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ



ନୂଆଦିଲ୍ଲୀରେ ମଣିପୁରର ସୁରକ୍ଷା ସ୍ଥିତି ଉପରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ମଣିପୁରରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ଏବଂ ଏ ଦିଗରେ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ମାର୍ଚ୍ଚ ୮,୨୦୨୫ ରୁ ମଣିପୁରର ସମସ୍ତ ରାସ୍ତାରେ ଲୋକଙ୍କ ପାଇଁ ମୁକ୍ତ ଯାତାୟତ ସୁନିଶ୍ଚିତ କରାଯିବ ଏବଂ ଏଥିରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ ସମସ୍ତ ଠକେଇ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବା ଉଚିତ ମଣିପୁରର ଆନ୍ତର୍ଜାତୀୟ ସୀମାରେ ନିର୍ଦ୍ଧାରିତ ପ୍ରବେଶ ସ୍ଥାନର ଉଭୟ ପାର୍ଶ୍ୱରେ ତାରବାଡ଼ କାମ ଯଥାଶୀଘ୍ର ଶେଷ ହେବା ଉଚିତ । ମଣିପୁରକୁ ନିଶାଦ୍ରବ୍ୟ ମୁକ୍ତ କରିବା ପାଇଁ ନିଶା କାରବାରରେ ଜଡ଼ିତ ସମଗ୍ର ନେଟୱାର୍କକୁ ସମାପ୍ତ କରାଯିବା ଉଚିତ । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ମଣିପୁରର ସୁରକ୍ଷା ସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ମଣିପୁରର ରାଜ୍ୟପାଳ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ପଦାଦିକ ବାହିନୀର ଉପମୁଖ୍ୟ, ପୂର୍ବ କମାଣ୍ଡର ସେନା କମାଣ୍ଡର, ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍), କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସିଆରପିଏଫ୍) ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକ, ମଣିପୁରର ସୁରକ୍ଷା ପରାମର୍ଶଦାତା ଏବଂ ଗୃହ ମନ୍ତ୍ରଣାଳୟ, ସେନା ଏବଂ ମଣିପୁର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ମହାକୁମ୍ଭ: ରେଳ କର୍ମଚାରୀଙ୍କ ପ୍ରଶଂସା କଲେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ପ୍ରୟାଗରାଜକୁ ଦିନିକିଆ ଗସ୍ତ ସମୟରେ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବେ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କୁ ଭେଟି ମହାକୁମ୍ଭ ୨୦୨୫ରେ ସେମାନଙ୍କର ଯୋଗଦାନକୁ ଉଚ୍ଚପ୍ରଶଂସା କରିଛନ୍ତି । ଜାନୁଆରୀ ୧୩ରୁ ଫେବୃଆରୀ ୨୬ ମଧ୍ୟରେ ଅନୁଷ୍ଠିତ ମହାକୁମ୍ଭ ସମୟରେ ଦେଶର ସମସ୍ତ ଭାଗରୁ କୋଟି କୋଟି ଭକ୍ତଙ୍କ ସୁଗମ ଯାତ୍ରା ସୁନିଶ୍ଚିତ କରିଥିବା ରେଳ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କର ଅବଦାନକୁ ରେଳ ମନ୍ତ୍ରୀ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରୟାଗରାଜ ଜଙ୍କସନ ରେଳ ଷ୍ଟେସନ (ଏନସିଆର), ପ୍ରୟାଗ ଜଙ୍କସନ ରେଳ ଷ୍ଟେସନ (ଏନଆର), ପ୍ରୟାଗରାଜ ରାମବାଗ ରେଳ ଷ୍ଟେସନ (ଏନଇଆର) ଏବଂ ସୁବେଦାରଗଞ୍ଜ ରେଳ ଷ୍ଟେସନ ପରିଦର୍ଶନ କରିଥିଲେ। ମହାକୁମ୍ଭ ସମୟରେ ସେବା ପ୍ରଦାନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସେ ଭେଟିଥିଲେ ଏବଂ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ବାର୍ଷିକ ଦିବସ ଅନୁଷ୍ଠିତ




ଭୁବନେଶ୍ୱର: ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ବାର୍ଷିକ ଦିବସ ପାଳିତ ହୋଇଯାଇଛି। ପୂର୍ବ ଭାରତ ରୋଷେଇ ସଂଘର ଓଡ଼ିଶା ଚାପ୍ଟରର ମର୍ଯ୍ୟାଦାଜନକ ଉଦଘାଟନ ହୋଇଯାଇଛି। ଯାହା ଅନୁଷ୍ଠାନର ରୋଷେଇ କଳା ଏବଂ ଶିଳ୍ପ ସହଯୋଗ ପ୍ରତି ପ୍ରତିବଦ୍ଧତାରେ ଏକ ନୂତନ ଦିଗ ଯୋଡିଥିଲା। ଏହି ଅବସରରେ ବଳବନ୍ତ ସିଂହ, କମିଶନର-କମ-ସଚିବ, ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ, ଓଉଉଇ ସଭାପତି ରୋଷେୟା ମନଜିତ ସିଂହ ଗିଲ୍, ସ୍ୱସ୍ତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଡକ୍ଟର ଜେ.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରଓଉଇ ର ପ୍ରତିନିଧିତ୍ୱ କରୁଥିବା ଦେଶ ସାରାରୁ ବାର ଜଣ ରୁଫ୍, ସହର-ଭିତ୍ତିକ ରୋଷେୟା, ନିମନ୍ତ୍ରିତ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ମୁଖ୍ୟ ଭାଷଣରେ, ଆତିଥ୍ୟ ବୃତ୍ତିଗତଙ୍କ ଭବିଷ୍ୟତ ଗଠନରେ ଓଐଗ ଭୁବନେଶ୍ୱରର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।




ଡିସେମ୍ବର ସୁଦ୍ଧା ଅନୁଗୋଳ ଜିଲ୍ଲାରୁ ଯକ୍ଷ୍ମା ରୋଗ ମୁକ୍ତ କରିବା ପାଇଁ ହେଲେ ଆମକୁ ଟିବି ମୁକ୍ତ ଭାରତ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ହେବ ଓ ଜନଭାଗିଦାରୀରେ ହିଁ ଜିଲ୍ଲାରୁ ଟିବି ମୁକ୍ତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଅନୁଗୋଳ ଠାରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ "ନିକ୍ଷୟ ମିତ୍ର" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଳାଠାରେ କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ୫୨ଟି ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ପ୍ରାୟ ୨୭୫ କୋଟି ଟଙ୍କା ବିନିଯୋଗରେ ୧୦୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



ପୁରୀ ଜିଲ୍ଲାର ସ୍ୱତନ୍ତ୍ର ପ୍ରଦକ୍ଷଣ୍ ଗୃହ ଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ ମିଲରମାନଙ୍କ ଉପସ୍ଥିତିରେ ଧାନ କ୍ରୟ ଉପରେ ଏକ ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ଜିଲ୍ଲାରେ ବାକି ରହିଥିବା ୧୬୦୦୦ ଚାଷୀଙ୍କ ପାଖରୁ ଧାନ କିଣା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି

# ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନର ବାର୍ଷିକ ସମାରୋହରେ କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର:** ଆମ ସମ୍ବିଧାନ ବହୁ ଭାଷାଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ ସମସ୍ତ ଭାରତୀୟ ଭାଷାର ସଂରକ୍ଷଣ ଏବଂ ବିକାଶକୁ ସମର୍ଥନ କରୁଥିବା ବେଳେ ବର୍ତ୍ତମାନ ସମୟରେ ଭାଷା ଭିତ୍ତିକ ଶିକ୍ଷା ଏକ ବିଶ୍ୱସ୍ତରୀୟ ଆହ୍ୱାନ ହୋଇଛି ବୋଲି ଗୁରୁବାର ଲାଙ୍ଗୁଏଜ୍ ଆଣ୍ଡ୍ ଲର୍ଣ୍ଣିଂ ଫାଉଣ୍ଡେସନର ବାର୍ଷିକ ସମାରୋହରେ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁନିସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ ୨୦୧୬ ଅନୁଯାୟୀ, ବିଶ୍ୱର ପ୍ରାୟ ୪୦ ପ୍ରତିଶତ ଲୋକ ଯେଉଁ ଭାଷାରେ ବୁଝନ୍ତି ସେହି ଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି । ତେଣୁ ଛାତ୍ରଛାତ୍ରୀମାନେ ଯେଉଁ ଭାଷାରେ ଭଲ ଭାବରେ କହିବେ ଓ ବୁଝିବେ, ସେପରି ଶିକ୍ଷାଦାନ ଓ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ନୀତିଗତ ହସ୍ତକ୍ଷେପ ନିମନ୍ତେ ଆହ୍ୱାନ ଜରୁରୀ । ଜାତୀୟ ଶିକ୍ଷା ନୀତିକୁ ଅକ୍ଷର ଅକ୍ଷରରେ କାର୍ଯ୍ୟକାରୀ କରି ଆମେ ଆମ ଦେଶର ସମଗ୍ର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବା ।




ପୁରୀର ସଂକଳ୍ପ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଶ୍ରୀ ସଦାଶିବ କ୍ୟାମ୍ପସ, ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ ହେବା ସହ କ୍ୟାମ୍ପସର ଛାତ୍ରଛାତ୍ରୀମାନେ ଏଥିରେ ବହୁ ସଂଖ୍ୟାରେ ରକ୍ତଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।











# ନୂଆ ଫର୍ମାଟ୍‌ରେ ଜାତୀୟ ମହିଳା ହକି

**ନୂଆଦିଲ୍ଲୀ:** ହରିୟାଣାର ପଞ୍ଚକୁଲାଠାରେ ଶନିବାରଠୁ ନୂଆ ଫର୍ମାଟ୍‌ରେ ଜାତୀୟ ମହିଳା ହକି ପ୍ରତିଯୋଗିତା ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୮ ଦଳ ଅଂଶଗ୍ରହଣ କରୁଛନ୍ତି। ଏମାନଙ୍କୁ ୩ଟି ଡିଭିଜନ୍ ଏ', ବି', ସିରେ ଭାଗ କରାଯାଇଛି। ଡିଭିଜନ-ଏ'ରେ ୧୨ ଶୀର୍ଷ ଦଳ ରହିଥିଲା ବେଳେ ଏମାନେ ଟ୍ରଫି ପାଇଁ ଲଢ଼େଇ କରି ?ବେ। ଏହି ଦଳଗୁଡ଼ିକୁ ୪ ପୁଲ୍‌ରେ ରଖାଯାଇଛି। ପୁଲ୍-ଏ'ରେ ଓଡ଼ିଶା ସହ ହରିୟାଣା ଓ କର୍ଣ୍ଣାଟକ ରହିଛନ୍ତି। ପୁଲ୍-ବି'ରେ ମହାରାଷ୍ଟ୍ର, ମଣିପୁର, ପଞ୍ଜାବ, ପୁଲ୍-ସି'ରେ ଝାଡ଼ଖଣ୍ଡ, ମିଜୋରାମ, ତାମିଲନାଡୁ, ପୁଲ୍-ଡି'ରେ ମଧ୍ୟପ୍ରଦେଶ, ବେଙ୍ଗଲ ଓ ଉତ୍ତରପ୍ରଦେଶ ରହିଛନ୍ତି। ପ୍ରତ୍ୟେକ ଦଳ ନିଜ ନିଜ ପୁଲ୍‌ରେ ଲିଗ୍ ଫର୍ମାଟ୍ ?ରେ ଖେଳିବେ। ପ୍ରତି ପୁଲ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିବ। ଏହାର ବିଜେତା ଦଳ ୧୫ତମ ଜାତୀୟ ମହିଳା ହକି ଟ୍ରଫି କରାୟତ୍ତ କରିବ। ଶେଷ ଦୁଇ ସ୍ଥାନରେ ଥିବା ଦଳ ଡିଭିଜନ୍-ବିକୁ ଖସିବେ। ଓଡ଼ିଶା ପ୍ରଥମ ମ୍ୟାଚ୍ ୬ ତାରିଖରେ ହରିୟାଣା ଏବଂ ୭ରେ କର୍ଣ୍ଣାଟକ ବିପକ୍ଷରେ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ଡିଭିଜନ୍-ବି'ର ଶ୍ରେଷ୍ଠ ଦୁଇ ଦଳ ଆଗାମୀ ଋତୁରେ ଡିଭିଜନ୍-ଏ'କୁ ପଦୋନ୍ନତି ପାଇବେ। ଶେଷ ଦୁଇ ଦଳ ଡିଭିଜନ୍-ସି'କୁ ଆସିବେ। ଏହି ଡିଭିଜନ୍‌ରେ ୯ ଦଳ ଥିଲା ବେଳେ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ଏଥିରେ ନକ୍ ?ଆଉଟ୍ ମ୍ୟାଚ୍ ନାହିଁ। ପଏଣ୍ଟଟେବୁଲ ଅନୁଯାୟୀ ଦୁଇ ଗ୍ରୁପ୍‌ର ଶୀର୍ଷ ଦଳକୁ ପଦୋନ୍ନତି ମିଳିବ। ଗ୍ରୁପ୍-ସି'ରେ ୭ ଦଳ ରହିଥିଲା ବେଳେ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶୀର୍ଷ ଡିଭିଜନ୍-ବି'କୁ ଉନ୍ନତି କରିବ। ଏଥିରେ ମଧ୍ୟ କୌଣସି ନକ୍‌ଆଉଟ୍ ମ୍ୟାଚ୍ ନାହିଁ।

## ହରିୟାଣା ବିପକ୍ଷରୁ ଓଡ଼ିଶାର ଅଭିଯାନ






କଳିଙ୍ଗ ଷ୍ଟାଡିୟମଠାରେ FIH PRO LEAGUE ର ଉଦ୍‌ଯାପନୀ ମ୍ୟାଚ୍ ଅବସରରେ ଭାରତ ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ଭାରତୀୟ ଦଳକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି ଦଳର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକର ବାରବାଟୀ ଷ୍ଟାଡିୟମରେ ସେଲିବ୍ରିଟି କ୍ରିକେଟ୍ ଲିଗରେ ଯୋଗ ଦେଇ ଖେଳାଳୀଙ୍କ ଭାବର ଆଦାନ ପ୍ରଦାନ କରିବା ଅବସରରେ...

## ୩୮ତମ ଜାତୀୟ କ୍ରୀଡ଼ା

# ଓଡ଼ିଶାକୁ ୪୬ଟି ପଦକ ସହ ୧୪ ସ୍ୱର୍ଣ୍ଣ

**ଭୁବନେଶ୍ୱର:** ଉତ୍ତରାଖଣ୍ଡରେ ଆୟୋଜିତ ହୋଇଥିବା ୩୮ତମ ଜାତୀୟ କ୍ରୀଡ଼ାରୁ ଓଡ଼ିଶାର କ୍ରୀଡ଼ାବିତମାନେ ୪୬ଟି ପଦକ ହାସଲ କରିଛନ୍ତି। ଏଥିମଧ୍ୟରୁ ୧୪ଟି ସ୍ୱର୍ଣ୍ଣ ପଦକ, ୧୫ଟି ରୌପ୍ୟ ପଦକ ଏବଂ ୧୭ଟି କାଂସ୍ୟ ପଦକ ରହିଛି। ନ୍ୟାସନାଲ ଗେମ୍‌ସରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ୧୨ତମ ସ୍ଥାନ ହାସଲ କରିଛି। ଏଥିସହ ଓଡ଼ିଶା ଟପ୍ ୧୫ରେ ମଧ୍ୟ ସ୍ଥାନ ପାଇଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର କ୍ରୀଡ଼ାବିତଙ୍କ ପାଇଁ ୬ଲକ୍ଷ, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଓ କାଂସ୍ୟ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାକୁ ଏଥର ସର୍ବମୋଟ ୪୬ଟି ପଦକ ଏବଂ ୧୪ଟି ସ୍ୱର୍ଣ୍ଣ ପଦକ ମିଳିଛି। ମୁଁ ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏଥିସହ ସଫଳ କ୍ରୀଡ଼ାବିତମାନଙ୍କୁ ସରକାର ପୁରସ୍କୃତ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ନ୍ୟାସନାଲ ଗେମ୍ସରେ ଉଲ୍ଲେଖନୀୟ ସଫଳତା ପାଇଁ ଆମେ ସମସ୍ତେ ଆଜି ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ୩୮ତମ ନ୍ୟାସନାଲ ଗେମ୍ସରେ ଓଡ଼ିଶାରୁ ୩୦୨ଜଣ ଆଥଲିଟ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। ଓଡ଼ିଶାର ଧାବକ ଅନିମେଷ କୁଜୁରଙ୍କୁ ୩ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ରାକେଶ ପାତ୍ରଙ୍କୁ ୨ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ପ୍ରଣତୀ ନାୟକଙ୍କୁ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୨ଟି କାଂସ୍ୟ, ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ଏଥିସହ ବିଭିନ୍ନ ବର୍ଗରେ ଓଡ଼ିଶାର କ୍ରୀଡ଼ାବିତମାନେ ନୂତନ ନ୍ୟାସନାଲ ଗେମ୍ସ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି।







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ତୃତୀୟ ରାଷ୍ଟ୍ରୀୟ ଏକଲ ଖେଳକୁଦ ସମାରୋହର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ସମସ୍ତଙ୍କୁ ସମ୍ବୋଧିତ କରିଛନ୍ତି। ଏକଲ ଅଭିଯାନ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପିଲାମାନଙ୍କୁ ବିକଶିତ କରୁଛି। ଖେଳାଳୀଙ୍କୁ ଗ୍ରାମୀଣସ୍ତରରୁ ବାଛି ଅଲମ୍ପିକ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏକଲ ଅଭିଯାନର ପ୍ରୟାସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

# ଆଇପିଏଲ୍ ପ୍ରସ୍ତୁତି: ଚେନ୍ନାଇ ସୁପର କିଙ୍ଗ୍‌ସ୍‌ରେ ଧୋନି

**ଚେନ୍ନାଇ:** ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରାକ୍ ଋତୁ ଶିବିର ଆରମ୍ଭ କରିଛି। ଏଥିଲାଗି ଏହାର ତାରକା ଖେଳାଳି ମହେନ୍ଦ୍ର ସିଂହ ଧୋନି ବୁଧବାର ଚେନ୍ନାଇରେ ପହଞ୍ଚିଛନ୍ତି। ଧୋନି ଚେନ୍ନାଇ ବିମାନବନ୍ଦରରୁ ବାହାରୁଥିବାର ଏକ ଫଟୋକୁ ୫ ଥରର ବିଜେତା ଚେନ୍ନାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏହି ଫଟୋରେ ସୁରକ୍ଷା ଅଧିକାରୀ ଗହଣରେ ଧୋନି କଳାରଙ୍ଗର ଟି-ସାର୍ଟ ଓ ସନ୍‌ଗ୍ଲାସ୍ ପିନ୍ଧି ବିମାନବନ୍ଦର ବାହରକୁ ଆସୁଥିବାର ଦେଖିବାକୁ ମିଳିଛି। ଚେନ୍ନାଇରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଖେଳାଳିଙ୍କ ସହ ଯୋଗଦେବା ପୂର୍ବରୁ ଅଧିନାୟକ ଋତୁରାଜ ଗାଏକ୍ୱାଡ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଦ୍ରୁତ ବୋଲର ଗୁରଜାପନିତ ସିଂହ ଓ ଆନ୍ଦ୍ରେ ସିଦ୍ଧାର୍ଥ ମଧ୍ୟ ଏହି ଶିବିରରେ ଯୋଗ ଦେବାକୁ ଚେନ୍ନାଇରେ ପହଞ୍ଚିଛନ୍ତି। ଯୁବ ଦ୍ରୁତବୋଲର ଖଲିଲ ଅହମଦ, ଅଂଶୁଲ କମ୍ବୋଜ ଓ କମଳେଶ ନାଗରକୋଟି ମଙ୍ଗଳବାର ଶିବିରରେ ଯୋଗଦେଇଥିଲେ। ଚେନ୍ନାଇରେ ମାର୍ଚ୍ଚ ୨୩ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ସିଏସ୍‌କେ ଅଭିଯାନ ଆରମ୍ଭ କରିବ।



# ୨୧ ବର୍ଷରୁ କମ୍ କରାଟେ: ଭୁବନେଶ୍ୱର ଦଳଗତ ବିଜେତା

**ଭୁବନେଶ୍ୱର:** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍‌ଠାରେ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା) ଆନୁକୂଲ୍ୟରେ ଆୟୋଜିତ ୩୬ତମ ରାଜ୍ୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୩୧ ବର୍ଗ ମଧ୍ୟରୁ ୨୨ଟି ସ୍ୱର୍ଣ୍ଣ ପଦକ ଜିତି ଭୁବନେଶ୍ୱର ଦଳଗତ ବିଜେତା ହୋଇଛି। ବରିଷ୍ଠ ପୁରୁଷ ଦଳଗତ କାଟେ'ରେ କ୍ରିଷ୍ଣା ଶିକାରୀ, ଯୋଗେଶ ବରିହା ଓ ମହେଶ ଦୋରାଙ୍କୁ ନେଇ ଗଠିତ ଭୁବନେଶ୍ୱର ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ପୁରୀକୁ ରୌପ୍ୟ ଓ କଟକକୁ କାଂସ୍ୟ ମିଳିଛି। ବିଭିନ୍ନ ଓଜନ ବର୍ଗରେ ପ୍ରିୟଦର୍ଶିନୀ ଦାସ ୩ଟି, ନ୍ୟାସା କୁମାରୀ, ଜ୍ୟୋତିରଂଜନ ରାଉତ, ତ୍ରିଲୋଚନ ରଣା, ରିତେଶ ମହାନ୍ତି ୨ ଲେଖାଏଁ ଏବଂ ଦୀପଶିଖା ସାମନ୍ତରାୟ, ସୁହାନୀ ପାତ୍ର, ରୋଜାଲିନ ଜେନା, ଶ୍ରୀଜିତା ବରାଳ, ସିନ୍ଧୁ ତନୟା ଖୁଣ୍ଟିଆ, ଲୋମା ସ୍ୱାଇଁ, ଅନୁପମା ସ୍ୱାଇଁ, ସୋନାଲି ପାଣିଗ୍ରାହୀ, ବି ଶ୍ରୀତମ, ତ୍ରିନାଥ ରଣା, ପ୍ରତ୍ୟୁଷ ମହାପାତ୍ର, ଓମ୍ ଶୁଭମ୍ ମହାନ୍ତି, ଅଭିଜିତ ମିଶ୍ର, ଡି ଭଗବାନ ରେଡ୍ଡୀ, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ସୁମନ ଶେଖର ଦାସ, ରିତେଶ ରାୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ୩ ଫେବୃୟାରୀରୁ ପଞ୍ଚକୁଲାରେ ୧୭ ବର୍ଷରୁ କମ ବାଳିକା କ୍ରିକେଟ ଟୁର୍ଣ୍ଣାମେଣ୍ଟ୍

**ପୁରୀ:** ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଭୁବନେଶ୍ୱର ତରଫରୁ ୧୭ ବର୍ଷ ରୁ କମ ବାଳିକା କ୍ରିକେଟ ଟିମ ର ୧୬ ଜଣ ଖେଳାଳି ହରିୟାଣା ର ପଞ୍ଚକୁଲାରେ ପହଞ୍ଚିଛନ୍ତି। ୬୮ ତମ ଜାତୀୟ ସ୍ତର ବାଳିକା କ୍ରିକେଟ ଚଳିତ ବର୍ଷ ପଞ୍ଚକୁଲା (ହରିୟାଣା ) ଠାରେ ଫେବୃଆରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଏଥିରେ ଅଂଶଗ୍ରହଣ କରିବା ପାଇଁ ଏକ କୋଚିଂ କ୍ୟାମ୍ପ ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଗତମାସ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।ଏଥିରେ ଦୀପଶିଖା ନାୟକ, ସୁପ୍ରଭା ବିଶ୍ୱାଳ, ନିବେଦିତା ହରିଜନ,ଅନେଶ ନାୟକ, ସ୍ମୃତି ରେଖା ରାୟ, ବିଷ୍ଣୁ ପ୍ରିୟା ଜେନା, ବୀଣା ଗଣ୍ଡ, ଜ୍ୟୋତ୍ସ୍ନା ସିଂ, ଦିପ୍ତୀମୟୀ ଜେନା, ପ୍ରତିଷ୍ଠା ପ୍ରିୟଦର୍ଶିନୀ, ପ୍ରତିଭା ମହାନ୍ତି, ଅଭିଲିପ୍ସା ସାହୁ, ପଦ୍ମିନୀ ସଏ, ରୋମି ପ୍ରଲିପ୍ତା ମଲ୍ଲିକ, ଦମୟନ୍ତୀ ଜେନା ଓ ହେନା ଓରାମ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ।ଏହି ଜାତୀୟ କ୍ରିଡା ରେ ଯୋଗ ଦାନ ପାଇଁ ମାଧ୍ୟମିକ ଶିକ୍ଷା ନିଁର୍ଦ୍ଦେଶାଳୟ ଓଡିଶା, ନିଁର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତି ପ୍ରସାଦ ପରିଡା, ପ୍ରଶିକ୍ୟକ ଜ୍ୟୋତି କମଲ, ମ୍ୟାନେଜର ଶାନ୍ତନୁ କୁମାର ରାଉତ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ କ୍ରିଡାବିତ ଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।










ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିଅମରେ 'ଏଚ ଆଇ ଏଲ'ର ଉଦ୍‌ଯାପନୀ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେବା ସହ ଭାଗ ନେଇଥିବା ସମସ୍ତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର, ହାଇଦ୍ରାବାଦ ତୁଫାନକୁ ୪-୩ ଗୋଲରେ ପରାସ୍ତ କରି ଟାଇଟଲ୍ ହାସଲ କରିଥିବାରୁ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବିଶ୍ୱର ଦୃଶ୍ୟପଟ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ଯାଉଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।



# ସୁଭଦ୍ରା ୪ର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତି ଆର୍ଥିକ ସହାୟତା ପ୍ରଦାନ

ଯାଜପୁରଠାରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଓଡ଼ିଶାର ସର୍ବବୃହତ୍ ମହିଳା ସଶକ୍ତିକରଣ ଯୋଜନା ସୁଭଦ୍ରା ଅଧୀନରେ ଯାଜପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଜୀ ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪ ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସହାୟତା ପାଇଲେ। ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେବ। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହିତ ନିଜ ଅଧିକାର ପ୍ରତି ସଚେତନ ହୋଇପାରୁଛନ୍ତି। ସୁଭଦ୍ରା ଯୋଜନା ଓଡ଼ିଶା ମା' ଓ ଭଉଣୀମାନଙ୍କ ଜୀବନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ମହିଳା ସଶକ୍ତିକରଣର ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ଏହି ସୁଭଦ୍ରା ଯୋଜନା । ବିକଶିତ ଓଡ଼ିଶାର ସାରଥି ହେବେ ଆମ ରାଜ୍ୟର ମା ଓ ଭଉଣୀମାନେ । ସୁଭଦ୍ରା ଯୋଜନା ମହିଳାଙ୍କ ଆୟ ବଢ଼ାଇବା ସହିତ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ମହିଳାଙ୍କ ଯୋଗଦାନକୁ ସୁଦୃଢ଼ କରିବ।





Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty